

ଜନସାହିତ୍ୟ

ମାର୍ଚ୍ଚ-୧୯୫୮ * ପଚସ୍ତରୀ ନୂଆପଇସା

ମସ୍ତିଷ୍କର ଉର୍ବରତା, ସ୍ମୃତିଶକ୍ତିର ପ୍ରଖରତା ଏବଂ
ମେଧାର ପ୍ରସନ୍ନତା ପାଇଁ ବ୍ୟବହାର କରନ୍ତୁ

ର

ବିଶେଷ ଉପାଦାନରେ କବିରାଜ ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ
ବ୍ୟବସ୍ଥାନୁଯାୟୀ ପ୍ରସ୍ତୁତ
ବିଶିଷ୍ଟ ଔଷଧ

ବ୍ରାହ୍ମୀଘୃତ ଓ ବ୍ରାହ୍ମୀତୈଳ

ମାତ୍ର ଦୁଇ ସପ୍ତାହ ବ୍ୟବହାରରେ ସଫଳତା ଲାଭ
ପରୀକ୍ଷାର୍ଥୀ ଛାତ୍ର ଏବଂ ପ୍ରତ୍ୟୁତ୍ପନ୍ନମତି ବୁଦ୍ଧିଜୀବୀଙ୍କର
ଅତ୍ୟାବଶ୍ୟକୀୟ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ

ଆପଣଙ୍କ ନିକଟତମ ଶାଖା କିମ୍ବା ନିମ୍ନଠିକଣାରେ
ଅନୁସନ୍ଧାନ କରନ୍ତୁ

ଉତ୍କଳ ଆୟୁର୍ବେଦିକ୍ ସମବାୟ ଫାର୍ମାସି ଲିଃ
ଆସିକା (ଓଡ଼ିଶା)

ପରିବର୍ତ୍ତନ

ଛାତ୍ରବନ୍ଧୁ ମେସ୍ । ଅନେକ ଲୋକ ସେଠାରେ ରହନ୍ତି । ମୁଁ ରହେ, ପ୍ରଫୁଲ୍ଲ ରହେ, ବାସୁ ବି ରହେ । ଆମେ ସମସ୍ତେ ଗୋଟିଏ ଘରେ ରହୁ । ପ୍ରଫୁଲ୍ଲ ଓ ବାସୁ ଚାକିରୀ କରନ୍ତି, ମୁଁ ବେକାର । ସକାଳେ ସଂଧ୍ୟାରେ ହରିବନ୍ଧୁବାବୁଙ୍କର ପିଲାଙ୍କୁ ପଢ଼ାଏ । ଟଙ୍କା ତିରିଶଟା ପର୍ଯ୍ୟନ୍ତ ମାସକୁ ପାଏ । ଏତିକିରେ ଖାଇବା, ରହିବା, ପିନ୍ଧିବା, ପାନ ସବୁ କିଛି । ସକାଳେ ଚା'ର ନିଶା । କେବଳ କପେ ଚା । ଦୋକାନଟା ଟିକେ ଦୂରରେ । ବକ୍ସିବଜାର ଛକଠାରେ । ମେସ୍‌ଠାରୁ କିଛି ବାଟ ଚାଲିବାକୁ ହୁଏ । ଦୋକାନଟା ସେତେ ବଡ଼ ନୁହେଁ—କିମ୍ବା ଛୋଟ ବି ନୁହେଁ । ଚାଲୁ ଚା'ର ଦୋକାନ । ତେବେ ସାଇନବୋର୍ଡ ନାହିଁ । ସେଉ, ଗାଣ୍ଠିଆ, ବରା, ପିଆଜି, ମିଠା—ସବୁ କିଛି ମିଳେ । କପେ ଚା'ର ମୁଁ ଏଠି ସବୁଦିନିଆ ଗରାଖ । ଚା ଉପରେ ପିବାର ସାଧ ମୋର ନାହିଁ । ଭାଗ୍ୟବଶତଃ ଖୁବ୍ ବେଶୀ ଖାଇଲେ ଗୋଟିଏ ଚାଲୁ ସିଙ୍ଗଡ଼ା ବା ଜିଲାପି । ଦୋକାନର ମାଲିକର ନାମ ଝୀମା ନନା । ମହାଜନୀ ଟାଇପର ଲୋକ । ରୋଜ ସକାଳେ ତାଙ୍କର ସାଦର ଅଭ୍ୟର୍ଥନା । ଆରେ ! ଆସନ୍ତୁ ! ଆସନ୍ତୁ ! ଆପଣଙ୍କର ତ ଦୋକାନ । ଅରେ ଜଗା ! ବାବୁଙ୍କ ପାଇଁ କପେ ଚା ନେଇ ଆ । ଜଗା ଡାକ ଦିଏ—ଏକ ଚାଲୁ— । ଏଇ କପେ ଚାଲୁ ଚା'ର ଗ୍ରାହକ ହୋଇ ୫।୧୦ ମିନିଟ୍ ଇଲେକ୍‌ଟ୍ରିକ୍ ପଙ୍ଖାର ହାୱା ଖାଏ । ସେତିକିବେଳେ ହିଁ ଦୈନିକ ଖବରକାଗଜ ଉପରେ ଆଖି ବୁଲାଇ ନିଏ । ସମୁଦାୟ କାଗଜଟା ତ ଦେଖିବାର କିଛି ପ୍ରୟୋଜନ ନଥାଏ । ଦେଖେ କେବଳ ଚାକିରୀ ଖାଲି ସ୍ତମ୍ଭ । ଚାକିରୀ ଖବର ଟିକ୍ କରି ଲେଖି ରଖେ । ମେସକୁ ଫେରି ଦରଖାସ୍ତ କରେ । ଟଙ୍କାଅନ-ଦାତା କେବେହେଲେ ଦୟାକରି ବି ଖବର ଦିଅନ୍ତି ନାହିଁ । ଦିନଗୁଡ଼ିକ କୌଣସିମତେ କଟିଯାଏ । ପ୍ରାୟ ବର୍ଷେ ହେବ । ଚାକିରୀଟାଏ ପାଇଛି । ତାହା କେବଳ ସେହି ଦୋକାନର କାଗଜ ଯୋଗୁଁ । କିରାଣୀ ଚାକିରୀ । ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଫିସରେ—୧୦ଟାରୁ ୫ଟା କଲମ ଠେଲା କାମ । ଦରମା ଟ ୧୯୯ । ବର୍ତ୍ତମାନ ମଧ୍ୟ ସେହି ଛାତ୍ରବନ୍ଧୁ ମେସରେ ଅଛି । ତେବେ ସେ ଚାଲୁ ଚା ର ଦୋକାନକୁ ଆଉ ଯାଇ ପାରେନା । ସେ ଚାଲୁ ଚା ଓ ସିଙ୍ଗଡ଼ାର କଥା ପ୍ରାୟ ଭୁଲିବା ଉପରେ । ବେକାର ଜୀବନର ଦିନଗୁଡ଼ିକ ଆଖି ଆଗରେ ଭାସି ଉଠୁଛି । ପୁରୁଣା ଦିନର ସ୍ମୃତି ଭୁଲିବାର ନୁହେଁ ।

ରବିବାର ସକାଳେ ଚାଲି ସେ ଦୋକାନ ଆଡ଼େ । ଝୀମା ନନା ସାମନାରେ ବସିଥାନ୍ତି । ମତେ ଦେଖିହିଁ ଛୁଟି ଆସିଲେ । ଆଦର କରି ଭିତରେ ନେଇ ବସାଇଲେ । ମନେହେଲା ପୁରୁଣା ଗ୍ରାହକଟାକୁ ପାଇ ସେ ଭାରି ଖୁସି । ଲୁଗାପଟାରୁ

ଅନୁମାନ କରୁଛନ୍ତି ଆଜିକାଲି ବେଶ୍ କିଛି ନା କିଛି କରୁଛି ବୋଲି । ଅ... ତାଙ୍କର ହୁକୁମ ହେଲା, ଆରେ ଜଗା ! ବାବୁଙ୍କ ପାଇଁ କପେ ଚା—ଦୁଇଟା ସିଂଗଡ଼ା ନେଇ ଆ । ହଁ—ଚାଲୁ ନୁହେଁ—ଗରମ—ସ୍ପେଶାଲ । ସ୍ପେଶାଲ ବୁଝି ପାରିଲିନି । ହଠାତ୍ ଯେପରି ଗୋଟିଏ ପରିବର୍ତ୍ତନ ମନେ ହେଲା । ଜୀବନ ସାରା ଚାଲୁ ଚା—ଚାଲୁ ସିଂଗଡ଼ା ଖାଇଛି । ଆଜି ହଠାତ୍ ସ୍ପେଶାଲ୍ କଥା ଶୁଣି ଅବାକ୍ ହେଲି । ସ୍ପେଶାଲ ଚା—ସିଂଗଡ଼ା ଆସିଲା । ଆଗେ କେତେଥର ଖାଇଛି—ତେବେ ସ୍ପେଶାଲ ନୁହେଁ । ସ୍ପେଶାଲ କାହାକୁ କହନ୍ତି ଜୀବନରେ ଆଜି ହିଁ ଜାଣିଲି । କିନ୍ତୁ ଏ ସିଂଗଡ଼ା 'ଡାଲଡ଼ା'ରେ ଛଣା । 'ଠିମା ନନା ତାହାହେଲେ ଆପଣ 'ଡାଲଡ଼ା'ର ଭକ୍ତ ।' କଥାଟା ମୁଁ ହଠାତ୍ ଛଡ଼ାଇ ନେଇ ଆରମ୍ଭ କଲେ—'ଭକ୍ତ କଣ କହୁଛନ୍ତି ବାବୁ—ସାଧକ କହନ୍ତୁ । ଏଇତ ଦେଖିଲେ 'ଡାଲଡ଼ା'ରେ ଛଣା ସିଙ୍ଗଡ଼ାର କି ସ୍ୱାଦୁ ।' କଥା ଆରମ୍ଭ ହେଲେ ଠିମା ନନା ଆଉ କି ଛାଡ଼ନ୍ତି । ତାଙ୍କରତ ଏହା ଅଭ୍ୟାସ 'ଆମ ଘରେ ସବୁ ରନ୍ଧାରନ୍ଧି 'ଡାଲଡ଼ା'ରେ ହିଁ ହୁଏ । ଗୁଣ ତୁଳନାରେ ଦାମ ବି କମ୍' ଏତିକି କହି ଠିମାନନା ଆତ୍ମପ୍ରସାଦ କଲେ । ଏମିତି ଜିନିଷ ଆଉ ନାହିଁ । ଆଉ କଥା ବନ୍ଦ କରିବେନି । ତୁଟୀ ଦିନ । ସେମିତି ଡରବାର ତ ନାହିଁ । 'ସବୁବେଳେ ସିଲକରା ଟିଣରେ ମିଳେ—ଧୂଳି—ମଇଳା, ଭେଜାଲର ଭୟ ନାହିଁ । ତାପରେ ଆଜକଲ୍ସ ପିଷ୍ଟ କମ୍ପାନୀର ଲୋକେ ୭୦୦ ଇଣ୍ଟରନେସନାଲ ଇଉନିଟ୍ ଭିଟାମିନ 'ଏ' ଏବଂ ୫୬ ଇଣ୍ଟରନେସନାଲ୍ ଇଉନିଟ୍ ଭିଟାମିନ 'ଡି' ମିଶାଇ ଦିଅନ୍ତି । ଏଥର କଥା ମଧ୍ୟରେ କଥା କହିବାକୁ ବାଧ ହେଲି । 'ଡାଲଡ଼ା' ତ ଖରାପ ବୋଲି ମୁଁ ଜାଣିନି—ଠିମା ନନା । 'ଓ ତାହାହେଲେ ଆପଣ ମଧ୍ୟ 'ଡାଲଡ଼ା'ର ଭକ୍ତ । ଓଃ ଓଃ ଓଃ ଠୋ ଠୋ କରି ଠିମା ନନା ହସିଲେ । ଏଇଥର ଯେପରି ସେ ଜିତିଛନ୍ତି । ମୁଁ ବି ହସିଲି । ଠିମାନନା ପ୍ରାୟ ମୋର ବର୍ତ୍ତମାନ ଅବସ୍ଥା ବୁଝିପାରି ନାହାନ୍ତି । ମେସରେ କିପରି ରହୁ ସେ ଜାଣନ୍ତି ନାହିଁ । ପଞ୍ଜୁର ଡାଲି କଥା ମନେ ପଡ଼ିଲେ ଆଖିରେ ଲୁହ ଆସି ଯାଉଛି । ଡାଲି ନୁହେଁ ଖାଲି ଗରମ ପାଣି । କେନା ଦେଇ ଛାଣିଲେ ଦାନାଟି ମିଳିବ ନାହିଁ । ଏ ପଞ୍ଜୁର ଦୋଷ ନୁହେଁ—ଦୋଷ ଆମର ! ବାଟର ଘାଟର. ସବୁର ପରିବର୍ତ୍ତନ—ଠିମାନନାର ଦୋକାନ ବି ବଦଳିଛି । ଆମ ଜୀବନର କଣ ପରିବର୍ତ୍ତନ ଆସିବନି ? ଏ ପ୍ରଶ୍ନର ଜବାବ ମିଳିବା ମୁସ୍କିଲ । ସ୍ପେଶାଲ ଚା—ସିଙ୍ଗଡ଼ାର ଦାମ ଦେଇ ମେସ୍ ଆଡ଼େ ଚାଲିଲି । ମୁଣ୍ଡରେ ଆଜି ନାନା ଚିନ୍ତା ଭିଡ଼ିମାରୁଛି । ଆଶା ଅଛି, ଦିନେ ଏ ମେସ ଜୀବନରେ ମଧ୍ୟ ପରିବର୍ତ୍ତନ ଆସିବ । ହୁଏତ ଆମ ମେସରେ ରନ୍ଧାରନ୍ଧି 'ଡାଲଡ଼ା'ରେ ହେବ । ଅସମାପ୍ତ—ଡାଇରି ଆଜି ଏଇଠି ବନ୍ଦ କରେ...

DL. 21. ORIYA ହିନ୍ଦୁସ୍ଥାନ ଲିଭର ଲିମିଟେଡ୍, ବମ୍ବେ

ଏକମାତ୍ର ଉପନ୍ୟାସ ମାସିକ

ସଂପାଦକ

୫ମ ଭାଗ ୧୦ମ ସଂଖ୍ୟା	ମାର୍ଚ୍ଚ ୧୯୬୦	ପଚସ୍ତରୀ ନୂଆ ପଇସା

ଅବକାରୀ ଶୁଳ୍କ ଚାପରେ ଚଳଚ୍ଚିତ୍ର ଶିଳ୍ପ ମୁମୂର୍ଷୁ ପ୍ରାୟ

କେନ୍ଦ୍ର ସରକାର ଚଳିତ ବଜେଟ ବ୍ୟବସ୍ଥାରେ ଚଳଚ୍ଚିତ୍ର ଶିଳ୍ପ ଉପରେ ଯେଉଁ ହାରରେ ଶୁଳ୍କ ଧାର୍ଯ୍ୟ କରିଛନ୍ତି, ସେଥିରେ ଓଡ଼ିଶାରେ ଗୋଟିଏ ଫିଲ୍ମ ତିଆରି କରିବାକୁ ଗଲେ, କେବଳ ଶୁଲ୍କ ବାବଦରେ ୧୫୦୦୦ ଟଙ୍କାରୁ ଅଧିକ ଦେବାକୁ ପଡୁଛି । ଏହାବାଦ ଲାଇସେନସ୍‌ ଫି, ଅମାନତ ଜମା ଇତ୍ୟାଦି ବାବଦରେ ମଧ୍ୟ ୩।୪ ହଜାର ଟଙ୍କା ଦେବାକୁ ପଡ଼ିଥାଏ ।

ଓଡ଼ିଶାରେ ଗତ ୧୯୫୭ ସାଲଠାରୁ ଏପର୍ଯ୍ୟନ୍ତ ୧୨ଟି ମାତ୍ର ଚଳଚ୍ଚିତ୍ର ନିର୍ମିତ ହୋଇପାରିଛି । କିନ୍ତୁ କୌଣସି ଗୋଟିଏ ହେଲେ ଚିତ୍ର ଏପର୍ଯ୍ୟନ୍ତ ଲାଭବାନ ହୋଇପାରି ନାହିଁ । ଏପରିକି ଏଥିରେ ବିନିଯୁକ୍ତ ଅର୍ଥ ଉଠିପାରିଛି ବୋଲି ମଧ୍ୟ ମନେ ହୁଏ ନାହିଁ । ଓଡ଼ିଶାରେ ମାତ୍ର ୨୫ଟା ପ୍ରେକ୍ଷାଳୟ ରହିଛି । ସେଥିମଧ୍ୟରୁ କେବଳ କଟକକୁ ବାଦଦେଲେ ଅନ୍ୟାନ୍ୟ ସ୍ଥାନରୁ ଆଶାନୁରୂପ ଟଙ୍କା ମିଳେ ନାହିଁ । ତା'ଛଡ଼ା ଓଡ଼ିଶାରେ ଷ୍ଟୁଡ଼ିଓ ଇତ୍ୟାଦି ନଥିବାରୁ ଓଡ଼ିଆ ଚିତ୍ର ନିର୍ମାଣରେ ମଧ୍ୟ ଅଯଥାରେ ବହୁ ଅର୍ଥ ବ୍ୟୟିତ ହୋଇଥାଏ ।

ଅନ୍ୟାନ୍ୟ ରାଜ୍ୟରେ ଚଳଚ୍ଚିତ୍ର ଶିଳ୍ପର ଉନ୍ନତି ପ୍ରତି ରାଜ୍ୟସରକାର ସବୁମତେ ସାହାଯ୍ୟ କରୁଚନ୍ତି । ଆସାମ ପରି ଏକ କ୍ଷୁଦ୍ର ରାଜ୍ୟରେ ମଧ୍ୟ ଆମ ଅପେକ୍ଷା ଅଧିକ ପ୍ରେକ୍ଷାଳୟ ରହିଛି । ସେଠାରେ ରାଜ୍ୟ ସରକାର ପ୍ରମୋଦକର ଇତ୍ୟାଦି ଛାଡ଼ ଦେଇଛନ୍ତି ଓ ସେହି ଅର୍ଥ ଚଳଚ୍ଚିତ୍ର ନିର୍ମାଣରେ ବ୍ୟୟ କରାଯିବାର ବ୍ୟବସ୍ଥା ହେଇଛି । ଏହାଛଡ଼ା 'ଆସାମୀ' ଛବି ନିର୍ମାଣ ପାଇଁ ତାହାର ଲେଖକଙ୍କୁ ମଧ୍ୟ ୧୦,୦୦୦ ଟଙ୍କା ସାହାଯ୍ୟ ଦେବାର ବ୍ୟବସ୍ଥା ରହିଛି । ଅଥଚ ଓଡ଼ିଶା ସରକାର ଏ ଦିଗରେ ସବୁଦିନେ ନୀରବ ଓ ନିଷ୍କ୍ରିୟ ।

କେନ୍ଦ୍ର ସରକାରଙ୍କ ଏହି ଶୁଳ୍କ ଧାର୍ଯ୍ୟ ବ୍ୟବସ୍ଥାରେ ସାରା ଭାରତରେ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଆତଙ୍କ ସୃଷ୍ଟି ହୋଇଛି । ଏହାର କୌଣସି ସନ୍ତୋଷଜନକ ସମାଧାନ ନହେଲେ, ସାରା ଭାରତରେ ଏହାର ତୀବ୍ର ପ୍ରତିବାଦ କରାଯିବ । ସମସ୍ତ ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ପ୍ରଦର୍ଶନ ବନ୍ଦ କରାଗଲେ ସାମୟିକ ଭାବରେ ଦେଶରେ ଯେ ପ୍ରଭୂତ କ୍ଷତି ହେବ । ଏ ନେଇ ସରକାର ସତର୍କ ରହିବା ଉଚିତ ।

କମାଣ୍ଡର ନାନାବତୀ ଦୋଷୀ ସାବ୍ୟସ୍ତ

ବମ୍ବେ ୯ । ୩ ବମ୍ବେ ହାଇକୋର୍ଟର ଡିଭିଜନ ବେଞ୍ଚ କମାଣ୍ଡର କେ. ଏମ. ନାନାବତୀଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି ।

କମାଣ୍ଡର ନାନାବତୀ ଗତବର୍ଷ ଅପ୍ରେଲ ମାସରେ ତାଙ୍କ ସ୍ତ୍ରୀ ସିଲଭିଆଙ୍କ ସହିତ ଅବୈଧ ପ୍ରେମରେ ଲିପ୍ତଥିବା ବିଶିଷ୍ଟ ବ୍ୟବସାୟୀ ପ୍ରେମ ଆହୁଜାଙ୍କୁ ତାଙ୍କଘରେ ଗୁଳି କରି ମାରିଥିଲେ ।

ସେସନ୍ସ ବିଚାରବେଳେ ୯ ଜଣ ଜୁରୀଙ୍କ ମଧ୍ୟରୁ ୮ ଜଣ ନାନାବତୀ ନିର୍ଦ୍ଦୋଷ ବୋଲି ମତ ଦେଇଥିଲେହେଁ ଜୁରୀଙ୍କ ମତ ସହିତ ଏକମତ ନହୋଇ ସେସନ୍ସଜଜ ହାଇକୋର୍ଟକୁ କେଶଟିର ବିଚାର ପାଇଁ ପଠାଇଥିଲେ ।

ବିଚାରପତି ଶ୍ରୀ ସେଲାଟଙ୍କୁ ରାୟଟି ପଢ଼ିବା ପାଇଁ ୧୨ ଘଣ୍ଟା ସମୟ ଲାଗିଥିଲା । ରାୟ ଶୁଣିବା ପାଇଁ ଅଦାଳତ ଲୋକାରଣ୍ୟ ହୋଇଥିଲା ।

ସାହିତ୍ୟ ଖବର—

※ ଅଧ୍ୟୟନ ଲେଖକର ରସ-ଭଣ୍ଡାର ଯେ ସମୃଦ୍ଧିକର, ଏହା ସେଇଠାରୁ ବଡ଼—ସବୁ ଶ୍ରେଣୀର ଲେଖକ ସ୍ୱୀକାର କରନ୍ତି । ଦ୍ରୁତ ପୂର୍ବରୁ ଅଧ୍ୟୟନର ରେକର୍ଡ଼ ସୃଷ୍ଟି କରିଛନ୍ତି ଆମେରିକାନ ଲେଖକ ନାଥାନିୟେଲ ହଥର୍ଣ୍ଣ । ଲେଖା ଲେଖି ଆରମ୍ଭ କରିବା ଆଗରୁ ଦୀର୍ଘ ବାର ବର୍ଷ କାଳ ସେ ପଢ଼ିବା ପାଇଁ ନିର୍ଜନବାସ କରିଥିଲେ । ସେତେବେଳେ ସେ କେବଳ ଅଧ୍ୟୟନ, ଅଧୀତ ବିଷୟ ନେଇ ଚିନ୍ତା କରିବା ଓ ପୁଣି ପଢ଼ିବାରେ ବ୍ୟସ୍ତ ରହୁଥିଲେ । ସେ ସମୟରେ ସେ କେବଳ ରାତିରେ ବୁଲାବୁଲି କରୁଥିଲେ ।

※ ସେକ୍ସପିଅର ନାଁ ସହିତ ପ୍ରାୟ ସମସ୍ତେ ପରିଚିତ । ତାଙ୍କର ସାହିତ୍ୟ-କୀର୍ତ୍ତି ମଧ୍ୟ ସୁବିଦିତ । ତାଙ୍କର ପ୍ରତିକୃତି ମଧ୍ୟ ଅନେକ ଦେଖିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟ କଥା ସେ ବଞ୍ଚି ଥିବା ଯାଏ ତାଙ୍କର କୌଣସି ପ୍ରତିକୃତି ନଥିଲା । ଯେଉଁ ଛବି ଆମେ ଦେଖୁଛେ, ସେଇଟି ପୂର୍ଣ୍ଣତଃ କାଳ୍ପନିକ ଓ ସ୍ମୃତିରୁ ଅଙ୍କା ଯାଇଛି ।

※ ଶୁଣାଯାଏ, ବିଖ୍ୟାତ ଫରାସୀ ଲେଖକ ସ୍ତାଁଦାଲ ଗୋଟିଏ ଉପନ୍ୟାସ ଲେଖିବା ଆଗରୁ ପ୍ରାୟ ସାତବର୍ଷ ମନେ ମନେ ପ୍ରସ୍ତୁତ ହେଉଥିଲେ । କିନ୍ତୁ ପରିକଳ୍ପନା ପରେ ବହିଟି ଲେଖିଦେବା ପାଇଁ ତାଙ୍କୁ ମାତ୍ର ସାତ ମାସ ଲାଗିଥିଲା ।

※ ସାମୁଏଲ୍ ରିଚାର୍ଡ଼ସନଙ୍କୁ 'ଫାଦାର ଅଫ୍ ଇଂଲିସ୍ ଡ଼ୋମେଷ୍ଟିକ୍ ନଭେଲ୍' କୁହାଯାଏ । ଖୁବ୍ ଅଳ୍ପ ବୟସରେ ରିଚାର୍ଡ଼ସନ୍ଙ୍କ ହାତ କିପରି ପୋଖତ ହୋଇଥିଲା, ତା ହୁଏତ ଅନେକ ଜାଣନ୍ତି ନାହିଁ । ପଡ଼ୋଶୀ ଝିଅ ମାନଙ୍କ ପାଇଁ ପ୍ରେମପତ୍ର ଲେଖିବା ଓ ତାର ଉତ୍ତରରେ ଆସିବା ଚିଠି ପତ୍ର ପଢ଼ିବା ବେଳେ କର୍ଣ୍ଣ ଓ ଚକ୍ଷୁକୁ ବେଶ ସଜାଗ ରଖିଥାନ୍ତି । ଫଳରେ ନାରୀ ହୃଦୟର ଅନେକ ରହସ୍ୟ ତାଙ୍କ ଆଗରେ ଧରା ପଡ଼ିଥିଲା । ପରବର୍ତ୍ତୀ ସାହିତ୍ୟ ଜୀବନରେ ଉକ୍ତ ଅଭିଜ୍ଞତାରୁ ବେଶ ଫାଇଦା ଉଠାଇଥିଲେ ସେ । ମହିଳା ମହଲରେ ଲେଖକ ହିସାବରେ ତାଙ୍କର ଖ୍ୟାତି ହୁଏତ ଏଇଥିପାଇଁ ବେଶୀ ।

ଅନ୍ତଃପୁରରୁ ....

ରାଜକୁମାରୀ ମାର୍ଗାରେଟ୍

ଇଂଲଣ୍ଡର ରାଜକୁମାରୀ ମାର୍ଗାରେଟ୍‌ଙ୍କ ପ୍ରଣୟ ଓ ପରିଣୟକୁ ନେଇ ବେଶ ହଇଚଇ ସୃଷ୍ଟି ହୋଇଛି । ରାଜକୁମାରୀ ମାର୍ଗାରେଟ୍ ଏଲିଜାବେଥ ରାଜ ପରିବାରର ଫଟୋଗ୍ରାଫର ଆର୍ମଷ୍ଟ୍ରଙ୍ଗ ଜୋନସଙ୍କ ପ୍ରଣୟପ୍ରାର୍ଥିନୀ । ଇଂଲଣ୍ଡର ରାଜକୁମାରୀ ଜଣେ ସାଧାରଣ ବ୍ୟକ୍ତିକୁ ବିବାହ କରିବା ପରମ୍ପରା ବିରୁଦ୍ଧ ହେଲେ ମଧ୍ୟ ପ୍ରଣୟ କ୍ଷେତ୍ରରେ ସମସ୍ତ ନୀତି ନିୟମ ଅଚଳ ହୋଇ ଯାଇଛି ।

ଅବଶ୍ୟ ମାର୍ଗାରେଟ୍‌ଙ୍କୁ ନେଇ ଏ ପ୍ରକାର ହଇଚଇ ନୂଆ ନୁହେଁ । ୧୯୫୫ରେ ରୟାଲ ଏୟାରଫୋର୍ସର ଏକଚାଳିଶ ବର୍ଷ ବୟସ୍କ ତରୁଣ ପିଟର ଟାଉନସେଣ୍ଡକୁ ରାଜକୁମାରୀ ବିବାହ କରିବା କଥା ଆଲୋଡ଼ନ ସୃଷ୍ଟି କରିଥିଲା । ଏ ବିବାହ ପଛରେ ମଧ୍ୟ ସେହି ଭଲପାଇବାର ଭୂମିକା ଥିଲା । କିନ୍ତୁ ହଠାତ୍ ମନୋମାଳିନ୍ୟ ନେଇ ଦୁହେଁ ଛଡ଼ାଛଡ଼ି ହୋଇଗଲେ । ଅନେକ ଆଶା କରିଥିଲେ ରାଜକୁମାରୀ ଆଜୀବନ କୁମାରୀ ରହିବେ । କିନ୍ତୁ ରାଜକୁମାରୀଙ୍କ ମନ ବିଭ୍ରାନ୍ତ, ତା ସହିତ ଇଂଲଣ୍ଡବାସୀ ମଧ୍ୟ ଉଦ୍‌ଭ୍ରାନ୍ତ । ଏଥରକ ଇଂଲଣ୍ଡ ଚ୍ୟାନେଲ ଅପରପଟୁ କୌଣସି ଐତିହାସିକ ରାଜବଂଶର ରାଜପୁତ୍ର ତାଙ୍କ ରାଜକୁମାରୀଙ୍କ ପାଣିଗ୍ରହଣ କରିବାକୁ ଆସୁନାହାନ୍ତି । ଆର୍ମଷ୍ଟ୍ରଙ୍ଗ କମନାର । ଅବଶ୍ୟ ଦୁହେଁ ଇଂରେଜ । ଦୁହିଁଙ୍କ ବୟସ ପ୍ରାୟ ସମାନ, ଅର୍ଥାତ୍—ଅଣତିରିଶ । କିନ୍ତୁ ପ୍ରଭେଦ ହେଉଛି ଜଣେ ରାଜକୁମାରୀ ଆଉ ଜଣେ କେବଳ ସଦ୍‌ବଂଶଜ ।

ବିବାହ ପରେ ହୁଏତ ରାଜ ପଦବୀରୁ ବଂଚିତା ହେବେ ରାଜକୁମାରୀ ମାର୍ଗାରେଟ୍ । ଲେଡ଼ି ମାର୍ଗାରେଟ ବା ମିସେସ୍ ଆର୍ମଷ୍ଟ୍ରଙ୍ଗ୍ ଜୋନସ ଭାବରେହିଁ ପରିଚିତ ହେବେ ସେ ।

ପ୍ରଣୟ-ବେଦୀରେ ଦୁହିଁଙ୍କ ପରିଣୟ ସୁସମ୍ପନ୍ନ ହେଉ—ଏହାହିଁ ଇଂଲଣ୍ଡବାସୀଙ୍କ ଆନ୍ତରିକ କାମନା ।

କାର ଓ କଳାକାର

ଚଳଚ୍ଚିତ୍ର ଜଗତରେ କଳାକାରମାନଙ୍କ କୃତିତ୍ୱ ଓ ପ୍ରଶଂସା ସେମାନଙ୍କ କାମ ବା କଳା ଉପରେ ଆଧାର କରି ବିଚାର କରା ହୁଏନା । ବିଚାର ହୁଏ ଏହି ଦୃଷ୍ଟିରୁ ଯେ—ତାହାର ବ୍ୟାଙ୍କରେ କେତେ ଟଙ୍କା ଜମା ଅଛି, ବଜାରରେ ତାର ଦର କେତେ ? ତା ପାଖରେ କେତେ ଚଳଚ୍ଚିତ୍ର କଂଟ୍ରାକ୍ଟ ରହିଛି ! ଏହା ଛଡ଼ା ବେଶି ଗୁରୁତ୍ୱ ଦିଆଯାଏ, ତା ପାଖରେ କେଉଁ ମଡେଲର କାର ରହିଛି । ଭାରତ ସରକାର ବିଦେଶରୁ ଜିନିଷ ପତ୍ର ମଗାଇବାରେ କଟକଣା ଜାରି କଲା ଦିନୁ, ବିଲାତି ମଟରକାର ଗୁଡ଼ିକର ଦାମ ଅସମ୍ଭବ ଭାବରେ ବଢ଼ି ଯାଇଛି । ଧରନ୍ତୁ, ଶେଭ୍ରଲେ କାର, ଯାହାକି ଚଳଚ୍ଚିତ୍ରକାରମାନଙ୍କ ସବୁଠୁ ପ୍ରିୟ ଗାଡ଼ି ବୋଲି ବିବେଚିତ, ତାର ଦାମ ଆମେରିକାରେ ଚାରି ହଜାର ଟଙ୍କା, କିନ୍ତୁ ବମ୍ବେ ବ୍ଲାକ ମାର୍କେଟରେ ତାହା ନବେ ହଜାରରେ ବିକ୍ରି ହେଉଛି ।

ମଧୁବାଲା, ଦେବାନନ୍ଦ, ମାଲା ସିନ୍ହା, ପ୍ରଦୀପ କୁମାର, ରାଜେନ୍ଦ୍ର କୁମାର୍, କିଶୋର କୁମାର ଓ ନର୍ଗିସ ପ୍ରଭୃତିଙ୍କ ପାଖରେ ଶେଭ୍ରଲେ ଗାଡ଼ି ଅଛି । ନବୀନ ତାରକା ସଇଦା ଖାଁ ଆଉ ଉଦୀୟମାନ ଅଭିନେତା ମହମୁଦ୍ ଏବେ ନିକଟରେ ଶେଭ୍ରଲେ କାର କିଣିଛନ୍ତି । ଫିଲ୍ମ ଗୀତକାରଙ୍କ ଭିତରୁ ମଜ୍‌ରୁହ ସୁଲତାନପୁରୀଙ୍କର ମଧ୍ୟ ଉପରୋକ୍ତ କାର ଅଛି । ବିଖ୍ୟାତ ସଙ୍ଗୀତଜ୍ଞ ଓ ପି. ନାୟାର ଗତବର୍ଷ ଆରମ୍ଭରେ ଗୋଟିଏ କନଭର୍ଟିବ୍ଲ (ଉପରୁ ଛାତ ଖୋଲିହେବା ଟାଇପ୍) ଶେଭ୍ରଲେ କିଣିଥିଲେ; କିନ୍ତୁ ତାଙ୍କର ଗାଡ଼ି ବଦଳାଇ କରିବା ଝୁଙ୍କ୍ ଏତେ ପ୍ରବଳ ଯେ ସେ ବର୍ଷ ଯିବା ଆଗରୁ ତାକୁ ବିକିଦେଇ ଆଉ ଗୋଟିଏ ଶେଭ୍ରଲେ ଅମ୍ପାଲା କିଣିନେଲେ ।

ମୀନାକୁମାରୀ ଓ ଶ୍ୟାମା ଡଜ୍ ଗାଡ଼ି ଚଢ଼ନ୍ତି । ଦିଲୀପକୁମାର ଆଉ ବୀଣାରାୟଙ୍କ ପାଖରେ ପ୍ଲାଇମାଉଥ ଅଛି । ନର୍ଗିସ ଗୋଟାଏ ଧଳା ଏବଂ କଳା

ରଙ୍ଗର ରଏଲ ସ୍ପୋର୍ଟସ କାର ବ୍ୟବହାର କରନ୍ତି । ନିର୍ମାତା କମଲ ଅମରୋହି ବ୍ୟୁକ୍ ଚଢ଼ନ୍ତି । ସଙ୍ଗୀତ ନିର୍ଦ୍ଦେଶକ ଶଙ୍କର ସ୍ପୋର୍ଟସ କାର୍ ଏମ୍. ଜି. ଓ ମଦନ ମୋହନ ଷ୍ଟୁଡ଼ିବେକର ପସନ୍ଦ କରନ୍ତି । ଅଭିନେତ୍ରୀ ଜବୀନ ଗତବର୍ଷ ନିଜର ହିନ୍ଦୁସ୍ଥାନ କାରଟାକୁ ବିକ୍ରି ଦେଇ ଗୋଟାଏ ଜର୍ମାନ ମର୍ସିଡ଼ିଜ୍ କାର କିଣିଛନ୍ତି । ଅଭିନେତ୍ରୀ ଦୁର୍ଗାଖୋଟେଙ୍କ ପାଖରେ ଅଭିଜାତ ଗାଡ଼ି ରୋଲ୍ସ ରୟ୍ସ ଅଛି । ଅଭିନେତା ଅଶୋକ କୁମାରଙ୍କର ଗୋଟାଏ ରୋଲ୍ସ ରୟ୍ସ ଛଡ଼ା ଗୋଟାଏ କ୍ରାଇସ୍ଲର ଏମ୍ପରିଆଲ ମଧ୍ୟ ଅଛି । ଅଭିନେତା ରାଜକପୁର ନିକଟରେ ଜଣେ ଧନୀ ବନ୍ଧୁଙ୍କଠାରୁ ବ୍ୟୁକ୍ କନଭର୍ଟିବ୍ଲ କିଣିଛନ୍ତି ।

୭ମ ବାର୍ଷିକ ଫିଲ୍ମଫେୟାର ପୁରସ୍କାର ଘୋଷଣା

ଉତ୍କୃଷ୍ଟ ଚିତ୍ର— ସୁଜାତା

ଶ୍ରେଷ୍ଠ ନିର୍ଦ୍ଦେଶକ— ବିମଲ ରାୟ (ସୁଜାତା)

ଶ୍ରେଷ୍ଠ ଅଭିନେତା— ରାଜକପୁର (ଅନାଡ଼ି)

ଶ୍ରେଷ୍ଠ ଅଭିନେତ୍ରୀ— ନୂତନ (ସୁଜାତା)

ଶ୍ରେଷ୍ଠ ପାର୍ଶ୍ଵ ଅଭିନେତା— ମନମୋହନ କ୍ରିଷ୍ଣା (ଧୂଲ୍‌କା ଫୁଲ)

ଶ୍ରେଷ୍ଠ ପାର୍ଶ୍ଵ ଅଭିନେତ୍ରୀ— ଲଲିତା ପାୱାର (ଅନାଡ଼ି)

ଶ୍ରେଷ୍ଠ ଗଳ୍ପ ଲେଖକ— ସୁବୋଧ ଘୋଷ (ସୁଜାତା)

ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ— ଶଙ୍କର ଜୟକିଷନ (ଅନାଡ଼ି)

ଶ୍ରେଷ୍ଠ ସଂଳାପ ଲେଖକ— ରାମାନନ୍ଦ ସାଗର (ପୈଗାମ)

ଶ୍ରେଷ୍ଠ ଗୀତରଚକ— ଶୈଲେନ୍ଦ୍ର (ଅନାଡ଼ି—ସବ୍‌କୁଛ ସିଖା)

ଶ୍ରେଷ୍ଠ ପ୍ଲେବ୍ୟାକ୍ ସିଙ୍ଗର— ମୁକେଶ୍ (ଅନାଡ଼ି)

ଶ୍ରେଷ୍ଠ ଗଳ୍ପ ପାଇଁ ସୁବୋଧ ଘୋଷ ଟ ୫୦୦୦୯ ପୁରସ୍କାର ପାଇଛନ୍ତି ଫିଲ୍ମ ଫେୟାର ପ୍ରତିଷ୍ଠାନ ତରଫରୁ ।

—✻—

'ପାକୀଜା' ସିନେମାସ୍କୋପ ଇଷ୍ଟମ୍ୟାନ କଲରରେ

କମଲ ଅମରୋହି ନିର୍ମିତ ଚିତ୍ର 'ପାକିଜା'ର ନିର୍ମାଣ କାର୍ଯ୍ୟ ପୁନର୍ବାର ଆରମ୍ଭ ହୋଇଛି । ମୀନାକୁମାରୀ ଅଭିନୀତ ଉକ୍ତ ଚିତ୍ର ଇଷ୍ଟମ୍ୟାନକଲର ବ୍ୟତୀତ ସିନେମାସ୍କୋପରେ ମଧ୍ୟ ତିଆରି ହେବ । ଚିତ୍ରଟିର ନାୟକ ଭୂମିକାରେ ଜଣେ ନୂତନ କଳାକାରଙ୍କ ଆବିର୍ଭାବ ହୋଇଛି । ତାଙ୍କ ନାଁ ନନ୍ଦନ ସେଠି ।

— ଅଶୋକକୁମାର ଓ ନାଜଙ୍କ 'ରୋମାନ୍ସ'

ଚିର ସବୁଜ ଅଭିନେତା ଅଶୋକକୁମାର ପିଏ ରୁ ଏ ପର୍ଯ୍ୟନ୍ତ ଏପରି ସବୁ ଅଭିନେତ୍ରୀମାନଙ୍କ ସହିତ ଅଭିନୟ କରି ସାରିଛନ୍ତି, ଯାହାଙ୍କ ମଧ୍ୟରୁ କେତେକ ତାଙ୍କର ଆଗରେ ଜନ୍ମ ହୋଇଛନ୍ତି ଏବଂ ତାଙ୍କର ଆଗରେ ଅଭିନେତ୍ରୀ ମଧ୍ୟ ହୋଇଛନ୍ତି । ଏବେ ଚିତ୍ର ଜଗତର ନବକିଶୋରୀ ଅଭିନେତ୍ରୀ ନାଜ ସହିତ ନାୟକ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି ନଟରାଜ ପ୍ରୋଡକ୍ସନ୍ସର 'ରୋମାନ୍ସ' ଚିତ୍ରରେ ।

'ଘର ଘର କି ବାତ୍'ର ଏକ ଦୃଶ୍ୟ

ପ୍ରଣୟ ବ୍ୟର୍ଥ ହୁଏନା···ମନୋରମା ନିଜର ଦେହ, ମନ, ହୃଦୟ ସବୁକୁ
ସମର୍ପି ଦେଇଥିଲା ସେଇ ଗୋଟିଏ ଅଭିଳାଷର ଚରିତାର୍ଥ ପାଇଁ···

ଗୋଟିଏ ଦୀର୍ଘଶ୍ୱାସ

ଅନନ୍ତ ନାରାୟଣ ପଟ୍ଟନାୟକ

ନଂ..........
ତା..........

Registered under the Press & Registration of
Book Act 1867.
Registration No - R. N. 4008/57

STATEMENT OF FACT

FORM IV

(See Rule 8)

1. Title of Newspaper	...	Jana-Sahitya
2. Place of Publication	...	Jholasahi, Cuttack-1
3. Periodicity	...	Monthly
4. Printers & Publishers	...	
Name	...	Bansidhar Bhuyan
Nationality	...	Indian
Address	...	Jholasahi, Cuttack-1
Editor's Name	...	Bansidhar Bhuyan
Nationality	...	Indian
Address	...	Jholasahi, Cuttack-1
6. Name & address of Indivi'ls who won the newspaper.	...	Bansidhar Bhuyan Jholasahi, Cuttack-1
7. Owners other newspapers	...	MOUSUMI Monthly, Oriya, Cuttack.

I, Bansidhar Bhuyan, hereby declare that the particulars given adove are true to the best of my knowledge and belief.

Sd. Bansidhar Bhuyan
Sig. of Publisher

Dt. 25-2-60

ଆକାଶର ରଙ୍ଗ ବଦଳି ଯାଇଥିଲା ।

କିଛି ସମୟ ଆଗେ ଯେଉଁ ରାସ୍ତା ଉଦାସ ଓ ଶୂନ୍ଶାନ୍ ହୋଇ ଯାଇଥିଲା, ସେଇ ରାସ୍ତା ପୁଣି ଯାନବାହନ ଏବଂ ଲୋକଙ୍କ ଯାତାୟାତରେ ମୁଖରିତ ହୋଇ ଉଠିଲା ।

ଚୌଧୁରୀବଜାରରେ ପୁଣି ସେଇ ଗହଳ ଚହଳ ଓ କଳରବ ।

ଆଉ ସେତେବେଳେ ମନୋରମା ତା' ବଖରାରେ ଏକୁଟିଆ ବସି ଭାବୁଥିଲା ଅମିୟର କଥା ।

ଅମିୟ ! ସୁସ୍ଥ ସୁନ୍ଦର ଯୁବକ । ଶାନ୍ତ ସରଳ ଚେହେରା । ଏଇ କିଛି ସମୟ ଆଗେ ଆସିଛି 'ମନୋରମା' ହୋଟେଲକୁ । ସେ କିଛିଦିନ ରହିବ ଏ ହୋଟେଲରେ ।

ମନୋରମା ଯେତେ ଥମେ ଅମିୟକୁ ଦେଖିଲା, ହଠାତ୍ ଏକ ଅପୂର୍ବ ଶିହରଣ ଖେଳି ଯାଇଥିଲା ତା'ର କୋମଳ ଶରୀର ଉପରେ । ସେ ଅନେକ ସୁନ୍ଦର ଯୁବକଙ୍କୁ ଦେଖିଛି କଲେଜରେ, ସିନେମା ହଲ ଥିଏଟରରେ, କିନ୍ତୁ କେହିହେଲେ ତାକୁ ପ୍ରଭାବିତ କରି ପାରି ନଥିଲେ ଏଇ ଅମିୟ ଭଳି । ଅମିୟର ଦୃଷ୍ଟିରେ କଣ ଏମିତି ଆକର୍ଷଣ ଶକ୍ତି ଅଛି, ଯାହାକି ତାକୁ କିଛି ସମୟ ପାଇଁ ବିଚଳିତ କରି ଦେଇଛି !

ସେ ଭାବୁଛି ।

ଯେତେବେଳେ ତା'ର ବାପା ଅମିୟଙ୍କୁ ଦେଖାଇ ତା'କୁ କହିଲେ 'ଯା ମନୁ, ଏଇ ବାବୁଙ୍କୁ ତେଉଏ ନମ୍ବର କକ୍ଷଟି ଦେଖାଇ ଦେ। ସେତେବେଳେ ତା' ମନ ଆନନ୍ଦରେ ଅସ୍ଥିର ହୋଇ ଉଠିଥିଲା । ସେ ଭଲ ଭାବେ ଜାଣି ପାରିଲା ଯେ ଅମିୟ କିଛିଦିନ ଏଠି ରହିବେ ।

ଅମିୟବାବୁ... । ହଠାତ୍ ମନୋରମାର ମନରେ ଗୋଟିଏ ଆନ୍ଦୋଳନ ସୃଷ୍ଟି ହେଲା । ସେ କୋଉଠି କଣ ଭାବିବାକୁ ଚେଷ୍ଟା କଲା କିନ୍ତୁ କିଛି ଭାବି ପାରିଲା ନାହିଁ ।

'ଚାଲନ୍ତୁ... ।'

ଇସ୍ କି ସୁନ୍ଦର ଏବଂ ଧୀର କଥା ଏଇ ଅମିୟର ! ଅସ୍ୱସ୍ଥ ହୋଇ ସେ ଆଗେଇ ଚାଲିଲା' ଆଉ ତା' ପଛେ ପଛେ ଚାଲିଲେ ଅମିୟ ତା' ସୁଟ୍‌କେଶ୍‌କୁ ଧରି ।

ଆଜି ତା' ମନ ଅସ୍ଥିର ହୋଇ ଉଠୁଛି । ସ୍ଥିର ଜଳ ଯେପର୍ଯ୍ୟନ୍ତ ଆଘାତ ନ ପାଇଥାଏ, ସେ ପର୍ଯ୍ୟନ୍ତ ସେ ସ୍ଥିରଥାଏ । କିନ୍ତୁ ସାମାନ୍ୟ ଆଘାତ ପାଇବା ମାତ୍ରେ ତାହା ଅସ୍ଥିର ହୋଇ ଉଠେ । ହଲଚଲ ସୃଷ୍ଟି ହୁଏ । ତେବେ କଣ ତା' ହୃଦୟର ସ୍ଥିରତାକୁ ଏଇ ଅମିୟ ଅସ୍ଥିର କରି ଦେଇଛନ୍ତି ?

ଚାଲି ଚାଲି ସେ କେତେବେଳେ କେମିତି ଅମିୟଙ୍କୁ ଚକିତ ଆଖିରେ ଦେଖିନିଏ । ଅମିୟ କିନ୍ତୁ ମୁହଁ ତଳକୁ କରି ଚାଲିଥାଏ । ସେତେବେଳେ ତା' ମନରେ ମନୋରମା ନଥିଲା । ତା' ବାପାଙ୍କର କ୍ରୋଧଦୀପ୍ତ ମୂର୍ତ୍ତି ନାଚୁଥିଲା, ଯେଉଁଥିପାଇଁ ତାକୁ ଆଜି ଘରଦ୍ୱାର ଛାଡ଼ି ଏଇ ହୋଟେଲର ଦ୍ୱାରସ୍ଥ ହେବାକୁ ହେଉଛି । ସେ ଜାଣିଥିଲା ତା' ବାପାଙ୍କର କ୍ରୋଧାଗ୍ନି ଏତେ ଶୀଘ୍ର ଲିଭିବ ନାହିଁ । କିଏ ଜାଣେ କେତେ ଦିନ ତାକୁ ଏ ହୋଟେଲ ଜୀବନ ଅତିବାହିତ କରିବାକୁ ହେବ !

ଆଗରେ ତେଉଏ ନମ୍ବର କକ୍ଷ । ମନୋରମା ସନ୍ତର୍ପଣରେ ତାଲା ଖୋଲି ଦେଇ ପଛେଇ ଠିଆ ହେଲା ।

ଭିତରକୁ ଗଲେ ଅମିୟ । ମନୋରମା ମଧ୍ୟ ଭିତରକୁ ଯାଇ ଝରକା ଗୁଡ଼ିକ ଖୋଲି ଦେଲା । ଅମିୟ କୋଠରୀ ଚାରି ଦିଗରେ ଥରେ ଦୃଷ୍ଟି ବୁଲାଇ ଆଣିଲା ।।

ବଖଗୃହଟି ମନ୍ଦ ନୁହେଁ ବରଂ ଜଣେ ଲେଖକ ଯୋଗ   ଗୃହରେ ରହି ପାରିବ । ଗୋଟିଏ ପଖରେ ଖଟ ପଡ଼ିଛି । ଦୁଇଟି ଚୌକି ଗୋଟିଏ ଟେବୁଲ୍ । ଗୋଟିଏ ଟନ । ବିଜୁଳିବତୀ । ପୁରୁଣା ବଲ୍‌ବଟିଏ ଝୁଲୁଛି ଛାତରୁ । ବୁ ଦେଖି ଭ ଅମିୟ କହିଲେ, ବେଶ ଭଲ ହେଲ ।

ମନୋରମା ମନେ ମନେ ଖୁସି ହେଲେ ଏ ଟିପ୍ପଣୀରେ ।

'ହଁ ଆଉ ଗୋଟିଏ କଥା··' । ହଠାତ୍ ରହିଯାଇ ମନୋରମାକୁ ପୁଛିଁଲେ ଅମିୟ ।

'କହନ୍ତୁ ।'

'ପୁକରକୁ ଟିକିଏ ପଠାଇ ପାରିବେ ଇଭିମାନ ?'

'ହଁ । ଆଉ କଣ ଦରକାର କୁହନ୍ତୁ ।'

'ନା, ଆଉ କିଛି ନାହିଁ । ଆପଣ ଯାଇ ପାରନ୍ତି ।'

ଆଉ କିଛି ନକହି ଚାଲି ଆସିଲେ ମନୋରମା । ଏକ ଅନନୁଭୂତ ସ୍ଫୂର୍ତ୍ତିରେ ମନପ୍ରାଣ ଭରି ଉଠିଥାଏ ତାର ।

ଦୂର, ବହୁ ଦୂରର ନୀଳ ଆକାଶର ଝିଲ୍‌ମିଲ୍ ତାରା ଗୁଡ଼ିକୁ ଅପଲକ ଦୃଷ୍ଟିରେ ଅମିୟ ଦେଖୁଥିଲେ । ଅନେକ ସମୟ ହେଲାଣି ଯେମିତି ସେ ଦେଖୁଛି ଆପଣା ଅସ୍ତିତ୍ୱର ବହୁଦୂରକୁ ଯାଇ । କେତେବେଳେ ସନ୍ଧ୍ୟା ହେଲା ଆଉ କେତେବେଳେ କୋଠରୀରେ ଅନ୍ଧାର ଭରିଗଲା ସେ ଜାଣି ପାରିନ । ଲେଖି ଲେଖି ଯେତେବେଳେ କ୍ଲାନ୍ତ ହୋଇ ପଡ଼ିଲେ, ଉଠି ଆସିଲେ ଝରକା ପାଖକୁ । ଅନେଇଲେ ଅସୀମ ଆକାଶକୁ । ଉପଭୋଗ କଲେ ଆକାଶର ଅନନ୍ତ ସୌନ୍ଦର୍ଯ୍ୟକୁ ।

ଆଉ ଠିକ୍ ତା'ର ସାମନା ଝରକା ନିକଟରେ ଠିଆ ହୋଇଥିଲେ ମନୋରମା । ସେ ଅମିୟର କୋଠରୀ ଅନ୍ଧାର ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । କିଛି ସମୟ ପୂର୍ବେ ସେ ଅମିୟକୁ ଦେଖିଥିଲେ ଝରକା ପାଖରେ । ସେଇଠାରେ ବେଳକୁ ସେ ସେମିତି ଠିଆ ହୋଇ ଦେଖୁଛି । ଅମିୟ କୋଠରୀରେ ଥାଇ ଅନ୍ଧାରଟାରେ କଣ କରୁଛନ୍ତି ? ଦେହ ଅସୁସ୍ଥ ନା କଣ ?

ମନୋରମାର ମନ ଅସ୍ଥିର ହୋଇ ଉଠିଲା ଏକ ଅଜଣା ଆଶଙ୍କାରେ । ଅମିୟର କୋଠରୀ ପର୍ଯ୍ୟନ୍ତ ଯାଇଁ ଥରେ ଦେଖି ଆସିବାକୁ ସେ ଚାହିଁଲା ମନେ ମନେ ।

ସତକୁ ସତ କୋଡ଼ିଏ ନମ୍ବର କୋଠରୀଟି ଅନ୍ଧାରରେ ବୁଡ଼ି ରହିଛି । ମନୋରମା ସେଠାରେ ପହଞ୍ଚି କାହାକୁ ଦେଖିବାକୁ ପାଇଲାନାହିଁ । ଅମିୟକୁ ଡାକିବା ପାଇଁ ଭାବିଲା ମନେ ମନେ । କିନ୍ତୁ ଲଜ୍ଜାବଶତଃ ତା' ପାଟିରୁ କିଛି ବାହାରିଲା ନାହିଁ ।

ଧୀରେ ଧୀରେ ସେ ବଖରା ଭିତରେ ପ୍ରବେଶ କଲା । ସେ ଜାଣି ପାରୁ ନଥିଲା ବଖରାଟି କାହିଁକି ଅନ୍ଧାର ହୋଇଛି । କିଏ ଜାଣେ ତାଙ୍କର କଣ ହୋଇଛି । ହଠାତ୍ ତା' ମନରେ ଭୟ ଜାତ ହେଲା । ସେ ନିଜେ ଜାଣି ପାରୁ ନଥିଲା ଅମିୟ ପାଇଁ ତା' ମନ ଏତେ ବ୍ୟାକୁଳ କାହିଁକି ?

ଅମିୟକୁ ଡାକିବା ପୂର୍ବରୁ ସେ ସୁଇଚଟାକୁ ଅନ୍ କରି ଦେଖିବାକୁ ଉଚିତ ମନେ କଲା । ସେ ଆଲୁଅରୁ ହଠାତ୍ ଅନ୍ଧାରକୁ ଆସିଥିବାରୁ ତା'କୁ ବଖରା ଭିତରେ ଆହୁରି ଅଧିକ ଅନ୍ଧାର ଦେଖା ଯାଉଥିଲା । ସୁଇଚଟା ଦ୍ୱାର ନିକଟରେ ହିଁ ଥିଲା । କିନ୍ତୁ ସେ ଖୋଜି ପାରୁ ନଥିଲା ଅନ୍ଧାର ଭିତରେ ।

ସୁଇଚଟାକୁ ଖୋଜୁ ଖୋଜୁ ସେ ଝରକା ନିକଟରେ ପହଞ୍ଚିଗଲା । ଯେଉଁଠି ଅମିୟ ଠିଆ ହୋଇ କେତେ କଣ ଭାବି ଚାଲିଥିଲା । ମନୋରମାକୁ ଜଣାଗଲା ଯେମିତି ଝରକା ନିକଟରେ କିଏ ଠିଆ ହୋଇଛି । କିନ୍ତୁ ପର ମୁହୂର୍ତ୍ତରେ ସେଇଟା ତା' ମନର ଭ୍ରମ ଭାବି ଆଉ ଟିକିଏ ଆଗେଇଗଲା । କିନ୍ତୁ ଦୁଇ ପାଦ ଆଗକୁ ବଢ଼ାଇବା ମାତ୍ରେ ସେ ଧକ୍କା ଖାଇଲା ଅମିୟ ସହିତ ।

ଅମିୟ ଚମକି ଉଠିଲା । ଜୋର୍‌ରେ ସାଙ୍ଗେ ସାଙ୍ଗେ ପଚାରିଲା, କିଏ ?

ଅମିୟର ଶରୀର ସ୍ପର୍ଶରେ ମନୋରମାର ସମସ୍ତ ଶରୀରରେ ଗୋଟିଏ ବିଜୁଳି ଖେଳିଗଲା । ତା'ର ଯୌବନ ଚହଲି ଉଠିଲା ଏକ ଶିହର ଅନୁଭୂତିରେ । କିଛି ସମୟ ପର୍ଯ୍ୟନ୍ତ ସେ କିଛି କହି ନପାରି ମୂକଙ୍କ ପରି ଠିଆ ହୋଇ ରହିଲା ।

ପୁଣି ତା'କୁ ଶୁଭିଲା ଅମିୟର ସ୍ୱର—'କିଏସେ ?'

ବର୍ତ୍ତମାନ ସେ ବୁଝି ପାରିଲା ସେ ଏଠାକୁ ଏପରି ଆସି ଭୁଲ କରିଛି । ଭିତରକୁ ଆସିବା ତା ପକ୍ଷେ ଉଚିତ ହେଇନ । ଯଦି ଅମିୟ ତା'କୁ ଏମିତି ଦେଖେ, କଣ ସେ ଭାବିବ ? ତା ନେଇ ନାନା କଦର୍ଯ୍ୟ ଧାରଣା ହେଇପାରେ । ଏଣୁ ସେ କିଛି ଉତ୍ତର ନଦେଇ ଚୁପ୍ ରହିଲା ।

ଏଇ ଅନ୍ଧାର ଭିତରେହିଁ ତା'କୁ ବାହାରକୁ ଚାଲି ଯିବାକୁ ହେବ । ଯେମିତି ଅମିୟ ଜାଣି ପାରିବନି ଯେ ସେ ଆସିଥିଲା ବୋଲି । ପାଦ ଚାପି ଚାପି ସେ ଦ୍ୱାର ଆଡ଼କୁ ଆଗେଇଲା ।

ଅମିୟ କିନ୍ତୁ ଠିକ୍ ଭାବେ ବୁଝି ପାରିଛି ଯେ ଘର ଭିତରକୁ କିଏ ଜଣେ ଆସିଛି । ଆଉ ଏହା ମଧ୍ୟ ସେ ଜାଣି ପାରିଛି ଯେ ସେ ପୁରୁଷ ନୁହେଁ, ନାରୀ । ତେବେ କିଏ ସେ ? ଦୁଇଥର ପଚାରିବା ପରେ ବି ଉତ୍ତର ଦେଲା ନାହିଁ କାହିଁକି ? ଆଶ୍ଚର୍ଯ୍ୟ ହେଲା ମନେ ମନେ । ଉତ୍କଣ୍ଠା ବି ବଢ଼ି ଚାଲିଚି ଆଗନ୍ତୁକକୁ ଜାଣିବା ପାଇଁ । ଅଜ ସେଇ ଆଗ୍ରହରେ ସେ ସୁଇଚଟା ଚିପିବା ପାଇଁ ହାତ ବଢ଼ାଇଲା ସୁଇଚ୍ ବୋର୍ଡ଼ ଆଡ଼େ ।

ମନୋରମା ଯଥାଶୀଘ୍ର ବାହାରକୁ ଚାଲିଯିବା ପାଇଁ ଚେଷ୍ଟା କରୁଥିଲା । ତା'ର ଭୟ ହେଉଥିଲା ଯଦି ସେ ବାହାରି ଯିବା ପୂର୍ବରୁ ଅମିୟ ତାକୁ ଅଟକାଇ ଦିଅନ୍ତି, ତେବେ… ? ଏଇ 'ତେବେ'ର ଖିଆଲ ସାଙ୍ଗେ ସାଙ୍ଗେ ତା'ର ସର୍ବାଙ୍ଗ ଥରିବାକୁ ଲାଗିଲା । ଦେହର ଉଚ୍ଛୁଳା ଯୌବନ ଥରି ଉଠିଲା । ଆଖିପ [illegible] ମୁଦି ହୋଇ [illegible]ାରେ କଣ ଅଟକି ରହିଗଲା ପରି ତାକୁ ଲାଗିଲା ।

ସେ ଦ୍ୱାର ନିକଟରେ ପହଞ୍ଚିଛି କି ନାହିଁ ବଲ୍‌ବଟା ହଠାତ୍ ଜଳି ଉଠିଲା ।

ମନୋରମା ପାଦ ଆପେ ଆପେ ଅଟକିଗଲା ବଲ୍‌ବଟି ଜଳି ଉଠିବା ସାଙ୍ଗେ ସାଙ୍ଗେ ।

ଅମିୟ ଆଶ୍ଚର୍ଯ୍ୟ ହେଲା ମନୋରମାକୁ ଏପରି ଅବସ୍ଥାରେ ଦେଖି । କିଛି ସମୟ ପରେ ନିଜକୁ ସଂଯତ କରି ଆଶ୍ଚର୍ଯ୍ୟ ହୋଇ ପଚାରିଲା 'ଆପଣ !'

ମନୋରମା କିଛି ଉତ୍ତର ଦେଇ ପାରିଲା ନାହିଁ । ମୁହଁ ତଳକୁ କରି ଲୁଚି ହୋଇ ପାଦ ଆଙ୍ଗୁଠିରେ ଗାର ଟାଣିବାକୁ ଲାଗିଲା ।

ଅମିୟ ମଧ୍ୟ ନୀରବ ହୋଇ ମନୋରମାକୁ ଦେଖୁଥିଲା । ସେ ବି କିଛି ଠିକ୍ କରି ପାରୁ ନଥିଲା ଏହାପରେ କଣ କହିବ । ସେ ଏଠାକୁ ଆସିବା ଠିକ୍ ପନ୍ଦର ଦିନ ପରେ ମନୋରମା ଆସିଛି ତା' ବସାକୁ । ପ୍ରଥମ ଦେଖା ପରେ ଏହା ତା'ର ଦ୍ୱିତୀୟ ଦେଖା ।

କିଛି ସମୟ ଯାଏଁ ଦୁହେଁ ଦୁଇ ପ୍ରତିମା ପରି ଠିଆ ହୋଇ ରହିଲେ । କେତେବେଳେ କେମିତି ଦୁହିଁଙ୍କର ଦୃଷ୍ଟି ମିଳିଯାଇ ପୁଣି ଫେରି ଯାଉଥାଏ ଯଥାସ୍ଥାନକୁ । ମନୋରମାର ଶରୀରରେ ଗୋଟିଏ ଅଜଣା ଚମକ ଖେଳି ଯାଉଥାଏ । ମନେ ମନେ ସେ ଲାଜରେ ହସି ଉଠୁଥିଲା ନିଜର ଏହି ଅସ୍ୱାଭାବିକ ଅନୁଭୂତିକୁ ଲକ୍ଷ୍ୟ କରି ।

ମନୋରମା ଯେତେ ଚେଷ୍ଟା କଲେ ମଧ୍ୟ ଶକ୍ତି ପାଉ ନଥିଲା ଅମିୟ ସହିତ ପ୍ରଥମେ ଆଳାପ କରିବାକୁ । ସେଠାରୁ ସେ ଚାଲିଯିବ କି ରହିବ କିଛି ଠିକ୍ କରି ପାରୁ ନଥିଲା ।

ଅମିୟ କିନ୍ତୁ ଚେଷ୍ଟା କରି କେତେକାଂଶରେ ସଫଳ ହେଲା । ସାହସ ସଞ୍ଚୟ କରି ସେ ମୃଦୁ ସ୍ୱରରେ କହିଲା, 'ବସନ୍ତୁନା, ସେଠି ଠିଆ ହୋଇଛନ୍ତି କାହିଁକି ?'

କିନ୍ତୁ ମନୋରମା ବସି ପାରିଲା ନାହିଁ । ତାକୁ ସେମିତି ଠିଆ ହୋଇଥିବା ଦେଖି ଅମିୟ ଚୌକିଟା ତା' ନିକଟକୁ ଘୁଞ୍ଚାଇ ନେଇ କହିଲା, 'ବସନ୍ତୁ ।'

ମନୋରମା ବସିଗଲା ଶିକ୍ଷକର ଆଦେଶରେ ଛାତ୍ର ବସିଲା ପରି । ଅନ୍ୟ ଏକ ଚୌକିରେ ବସିପାଇ ମନୋରମାର ସୌନ୍ଦର୍ଯ୍ୟ ଉପରେ ଦୃଷ୍ଟି ଢାଳି ଅମିୟ କହିଲା, 'ଆପଣ ଏଠାକୁ ଆସିଛନ୍ତି, ଏହା ମୋର ସୌଭାଗ୍ୟ । ଯଦି ଆପଣଙ୍କର କିଛି ଆପତ୍ତି ନହୁଏ ତେବେ ସାମାନ୍ୟ ଜଳଖିଆ··· ।'

ବାକ୍ୟଟି ଶେଷ କରିବା ପୂର୍ବରୁ ମନୋରମା ସାଙ୍ଗେ ସାଙ୍ଗେ କହିଲା, 'ନା, ମୋତେ କ୍ଷମା କରନ୍ତୁ । ମୁଁ ବର୍ତ୍ତମାନ ଜଳଖିଆ ଖାଇ ଆସିଛି ।'

'ଆଉ କିଛି ସେବା କରିବା ପାଇଁ ତ ବର୍ତ୍ତମାନ ମୁଁ ଅଯୋଗ୍ୟ । ତେଣୁ··· ।'

ମନୋରମା ଅମିୟର ଶାନ୍ତ ସୁନ୍ଦର ମୁହଁକୁ ଦେଖିଲା କିଛି ସମୟଯାଏ । କିନ୍ତୁ ପରେ ଦୃଷ୍ଟି ତଳକୁ କରି କହିଲା, "ସେବା ଅନ୍ୟମାନଙ୍କୁ କରିପାଏ ଆପଣା ଭିତରେ ଏହା ଦୂରରେ ରହିବା ଉଚିତ ।"

ମନୋରମାର କଥା ଶୁଣି ଅମିୟର ହୃଦୟ ଆନନ୍ଦରେ ଭରିଗଲା ।

କୋଠରୀରେ ପୁଣି ନୀରବତା ଖେଳିଲା । କେବଳ ଏଇ ଦୁହିଁଙ୍କର ନିଶ୍ୱାସପ୍ରଶ୍ୱାସ ଏବଂ ଟାଇମ୍‌ପିସ୍‌ର ଟିକ୍ ଟିକ୍ ଶବ୍ଦ ଶୁଣା ଯାଉଥିଲା । ଅନ୍ୟସବୁ ନୀରବ, ନିଶ୍ଚଳ । ଏ ନୀରବତାକୁ ଧରି ପକାଇ ଦେବା ପାଇଁ କଲ୍‌ବତି କେବଳ ହସୁଥିଲା ସେମାନଙ୍କୁ ଲକ୍ଷ୍ୟ କରି

'ଆଚ୍ଛା ମୁଁ ଜାଣିପାରେ କି ଆପଣ ଏମିତି ଅସମୟରେ ଏଠାକୁ ଆସିବାକୁ କାହିଁକି କଷ୍ଟ କଲେ ?'—ଆଳାପକୁ ବାନ୍ଧି ରଖିବା ଉଦ୍ଦେଶ୍ୟରେ ନୀରବତା ଭାଙ୍ଗି ଏପରି ଅପ୍ରାସଙ୍ଗିକ ପ୍ରଶ୍ନ ପଚାରି ବସିଲା ଅମିୟ ।

ମନେ ମନେ ମନୋରମା ଯେଉଁସବୁ ପ୍ରଶ୍ନକୁ ଭୟ କରୁଥିଲା, ତାହାହିଁ ସାମନାରେ ଆସି ପହଁଚିଲା । ସେ କିପରି କହିବ ଯେ ବଖରାରେ ଅନ୍ଧାର ଦେଖି ତା'ର ସନ୍ଦେହ ହେଲା ଏବଂ ସେହି ସନ୍ଦେହକୁ ଦୂର କରିବାପାଇଁ ଏଠାକୁ ଦୌଡ଼ି ଆସିଲା । ତା'କୁ କିଛି ନା କିଛି ଉତ୍ତର ଦେବାକୁହିଁ ହେବ । ନଚେତ ସେ ଅନ୍ୟ କିଛି ଭାବି ପାରନ୍ତି । ସଙ୍ଗେ ସଙ୍ଗେ ତା' ମୁହଁରୁ ସତ କଥାଟି ଲେଉଟି ଆସିଲା, "ଆପଣଙ୍କ ବଖରାଟି ଅନ୍ଧାର ଥିବା ଦେଖି ମୋର ସନ୍ଦେହ ହେଲା, ତେଣୁ ଚାଲି ଆସିଲି ।"

"ଧନ୍ୟବାଦ ।" କହିଲା ଅମିୟ, "ଜୀବନରେ ପ୍ରଥମେ ଆପଣଙ୍କୁ ଦେଖିଲି ଯେ'କି ମୋ ପାଇଁ ଏତେ ବ୍ୟସ୍ତ ।"

ମନୋରମା କିଛି ବୁଝି ପାରିଲା ନାହିଁ । ଅମିୟର କଥା ତାକୁ ଅବାକ୍ କରିଦେଲା ।

"ଆପଣ କଣ ପଢୁଛନ୍ତି ବର୍ତ୍ତମାନ ?" ପୁଣି ପଚାରିଲା ଅମିୟ ।

"ଥାର୍ଡ଼ ଇଅର୍‌ରେ ପଢୁଛି ।"

"ଏତ ବଡ଼ ଆନନ୍ଦର କଥା ।"

ଆଳାପର ବନ୍ଧନ ପୁଣି ଛିଣ୍ଡିଗଲା । ମନୋରମା ଭାବିଲା, ଇଥା କଥାରେ ତ ସେ ଅନେକ କହିଗଲା ଅମିୟକୁ । କିନ୍ତୁ ସେତ ତା'କୁ କିଛି କହିଲେ ନାହିଁ । ସେ କେଉଁଠାରୁ ଆସିଛନ୍ତି, କାହିଁକି ଆସିଛନ୍ତି, ବର୍ତ୍ତମାନ କଣ କରୁଛନ୍ତି । ଭାବୁ ଭାବୁ ତା' ମନରେ ପୁଣି ଗୋଟିଏ ନୂଆ ପ୍ରଶ୍ନ ଉଠିଲା, ସେ ଝରକା ନିକଟରେ ଠିଆ ହୋଇ କଣ କରୁଥିଲେ ? କେଉଁ ବିଷୟ ସେ ଅନ୍ଧାରରେ ଏତେ ଭାବୁଥିଲେ, ଯା ଦ୍ୱାରା କି ସେ ଅନ୍ଧାର ହେବା ମଧ୍ୟ ଜାଣି ପାରି ନଥିଲେ ?

"ଆପଣ ଆଲୁଅ ନ ଜଳାଇ ଅନ୍ଧାରରେ କାହିଁକି ଠିଆ ହୋଇଥିଲେ ?" ସାହସ କରି ମନୋରମା ପଚାରିଲା । ସେ ଲକ୍ଷ୍ୟ କରୁଥିଲା ଅମିୟର ଭାବ ଭଙ୍ଗୀକୁ ।

ଅମିୟର ଦୃଷ୍ଟି କିଛି ସମୟ ଯାଏ ମନୋରମାର ମୁହଁ ଉପରେ ଅଟକିଗଲା । ତା'ର ମନ ଉଦ୍ବେଳିତ ହୋଇ ଉଠିଲା । ସେ ଧୀରେ କହିଲା, "ସନ୍ଧ୍ୟା ପୂର୍ବରୁ ଝରକା ନିକଟରେ ଠିଆ ହୋଇ ଭାବୁଥିଲି । ଭାବୁ ଭାବୁ ଏମିତି ବେଖିଆଲ ହୋଇ ଗଲି ଯେ କେତେବେଳେ ସନ୍ଧ୍ୟା ହେଲା ମୁଁ ମୋଟେ ଜାଣି ପାରିଲି ନାହିଁ ।"

ଭାବନାରେ ଏପରି ମଧ୍ୟ ବୁଡ଼ି ରହନ୍ତି ଯେ ମଣିଷ ଆପଣାକୁ ମଧ୍ୟ ଭୁଲିଯାଏ ! ମନୋରମା କହିବାକୁ ଭାବିଲା କିନ୍ତୁ କହି ପାରିଲା ନାହିଁ । ତା' ମନରେ ଅନେକ ଗୁଡିଏ ପ୍ରଶ୍ନ ଉଙ୍କି ମାରିଲା । ଏ ଧରଣର ଭାବନାରେ କେବଳ ଦାର୍ଶନିକ, କବି, ଲେଖକ କିମ୍ବା ପ୍ରେମିକହିଁ ବୁଡ଼ି ରହନ୍ତି । ତେବେ ଯା ଭିତରୁ କଣ ସେ ହେଇ ପାରନ୍ତି ? ହଠାତ୍ ତା'ର ମନେ ପଡ଼ିଲା, ସୁପରିଚିତ ଲେଖକ 'ଅମିୟ ଚନ୍ଦ୍ର' ନୁହଁନ୍ତି । ତେବେ ସେ ଅମିୟ ଚନ୍ଦ୍ର କଣ ଇଏ ? ଯାହାଙ୍କର ଲେଖା ତା'ର ଅତି ପ୍ରିୟତମ ? ଯାହାଙ୍କର ଉପନ୍ୟାସ ପଢ଼ି ସେ ଦିନ ରାତିର ବ୍ୟବଧାନ ଭୁଲି ଯାଏ । ଯାହାଙ୍କ ଲେଖା ତା'କୁ ସ୍ୱପ୍ନ ଦୁନିଆକୁ ଟାଣି ନିଏ । ଅନୁସନ୍ଧାନୀ ଦୃଷ୍ଟି ତୋଳି ଚାହିଁଲା ସେ । ତା'ର ବିଶ୍ୱାସ ଦୃଢ଼ ହୋଇ ଆସିଲା । ଏଇ ଯୁବକହିଁ ତା'ର ପ୍ରିୟ ଲେଖକ ଅମିୟଚନ୍ଦ୍ର । ଯେକି ତାର ହୃଦୟ ଓ ମନ ଭିତରେ ଅତି ଘନିଷ୍ଠ ହୋଇ ରହିଛନ୍ତି । ସେ କିଛି

କହିବାକୁ ଗଲାବେଳେ ବଲ୍‌ବଟି ଲିଭିଗଲା ହଠାତ୍‌ । ପୁଣି ଅନ୍ଧାର ଖେଳିଗଲା ବଖରାରେ । ଆଉ ତା' ସଙ୍ଗେ ସଙ୍ଗେ ନିସ୍ତବ୍ଧତା ମଧ୍ୟ ।

ସେ ଉଠି ଠିଆ ହେଲା । କିଛି ସମୟ ଅମିୟକୁ ସେଇ ଅନ୍ଧାର ଭିତରେ ଚାହିଁ ରହିଲା ।

"ଅନେକ ସମୟ ହେଲାଣି ମୋର ଏଠାକୁ ଆସିବା, ମା' ଚାହିଁଥିବ ମୋ ପାଇଁ ।"

"ପୁଣି କେବେ ଦେଖା ହେବ ?" ଭଦ୍ରତା ଖାତିରରେ ପଚାରିଲା ଅମିୟ ।

"ଚେଷ୍ଟା କରିବି ପୁଣି ଆସିବାକୁ, ଅଚ୍ଛା ନମସ୍କାର ।"...... କହିଲା ସେଠାରୁ ଚାଲିଯିବା ପାଇଁ ଚେଷ୍ଟା କରୁଥିଲା ସେ ।

ଅନ୍ଧାର ଭିତରେ ପରସ୍ପରକୁ ଦେଖିପାରୁ ନଥିଲେ ମଧ୍ୟ ହାତ ଉଠାଇ ଦୁହେଁ ଦୁହିଁଙ୍କୁ ନମସ୍କାର କଲେ ।

"ସାବଧାନରେ ଯିବେ । ଅନ୍ଧାରରେ କେଉଁଠି ଧକ୍‌କା ଖାଇ ପାରନ୍ତି" ଅମିୟ ସାବଧାନ କରାଇ ଦେଲା ମନୋରମାକୁ ।

ସତର୍କତା ସତ୍ତ୍ୱେ ବି ଧକ୍‌କାରୁ ନିଜକୁ ବଞ୍ଚାଇ ପାରିଲା ନାହିଁ ମନୋରମା । ଚୌକି ସହିତ ଧକ୍‌କା ଲାଗି ସେ ଅପ୍ରସ୍ତୁତ ଭାବେ ଅମିୟ ଉପରେ ପଡ଼ିଗଲା । ଆଉ ସେତିକିବେଳେ ମନୋରମାକୁ ବଞ୍ଚାଇବାକୁ ଯାଇ ଅମିୟ ତା'ର ଦୁଇ ବାହୁରେ ତୋଳି ଧରିଲା ତାଙ୍କୁ ।

ଯେତେବେଳେ ମନୋରମା ଅମିୟର ବଳିଷ୍ଠ ବାହୁ ମଧ୍ୟରେ ବନ୍ଦିନୀ ହୋଇ ରହିଲା ସେତେବେଳେ ତାର ଜ୍ଞାନ କ୍ରମଶଃ ଲୋପ ହୋଇ ଆସୁଥିଲା । ସେ ସବୁ କିଛି ଭୁଲି ଯିବାକୁ ବସିଲା । ସାରା ଶରୀରରେ ରୋମାଞ୍ଚ ଖେଳିଗଲା । ସେ କିଛି ଭିନ୍ନ ଅନୁଭବ କଲା । ତା'କୁ ଜଣାଗଲା ତା'ର ଶରୀରର ରକ୍ତ ଖୁବ୍‌ ଜୋରରେ ପ୍ରବାହିତ ହେଉଛି । ସେ ସଂଜ୍ଞାହୀନ ହେବାକୁ ବସୁଛି ।

ଅମିୟ ମଧ୍ୟ ମନୋରମା ପରି ଗୋଟିଏ ସଦ୍ୟ ପ୍ରସ୍ଫୁଟିତ ଯୌବନବତୀ ଯୁବତୀକୁ ଆପଣା ବାହୁ ମଧ୍ୟରେ ପାଇ ନିଜ ଅସ୍ତିତ୍ୱକୁ ଭୁଲିଗଲା । କିନ୍ତୁ

ପରକ୍ଷଣରେ ସଯତ ହୋଇ ଅନିଚ୍ଛାସତ୍ତ୍ୱେ ମନୋରମାକୁ ମୁକ୍ତ କରିଦେଲେ ବାହୁ ବନ୍ଧନରୁ ।

ଯେତେବେଳେ ମନୋରମା ବାସ୍ତବ ଜଗତକୁ ଫେରି ଆସିଲା ସେତେବେଳେ ଲାଜରେ ଲାଲ ପଡ଼ିଯାଇଥିଲା ତା'ର ଚମ୍ପକ-ଗୌର ମୁହଁଟି । ଭାବିଲା, ଭଲ ହୋଇଛି, ବର୍ତ୍ତମାନ ଅନ୍ଧାର ହୋଇଛି । ନହେଲେ ତା'ର ବର୍ତ୍ତମାନର ଚେହେରା ଏବଂ ପରିସ୍ଥିତିକୁ ଦେଖି ସେ କଣ ଭାବିଥାନ୍ତେ ? ଭାବି ଥାଆନ୍ତେ···ଆଗକୁ ଆଉ ଭାବି ପାରିଲା ନାହିଁ ସେ । ଲାଜରେ ଅତି ଛୋଟ ହସଟିଏ ନାଚିଗଲା ତା' ମୁହଁରେ ।

ନୀରବରେ ସେ ଧୀରେ ଧୀରେ ସେଠାରୁ ଘୁଞ୍ଚି ଆସିଲା । ଆଉ କିଛି କହିବାକୁ ସେ ସାହସ କରି ପାରିଲା ନାହିଁ ।

ଅମିୟ ଯେତେବେଳେ ଜାଣିପାରିଲା ଯେ ମନୋରମା ସେଠାରୁ ଅପସରି ଗଲାଣି, ସେତେବେଳେ ତା'ର ଦୃଷ୍ଟି ଅନ୍ଧାରକୁ ଯାଇ ଆକାଶର ଅଗଣିତ ତାରା ଉପରେ ପୁଣି ନିବଦ୍ଧ ହେଲା ।

ଡ୍ରେସିଂ ଟେବୁଲ୍ ସାମନାରେ ଛିଡ଼ା ହୋଇ ପ୍ରସାଧନ କରୁଥିଲା ମନୋରମା । ଦର୍ପଣରେ ନିଜର ରୂପ ଦେଖି ନିଜେ ମୁଗ୍ଧ ହେଉଥିଲା । ସତରେ ତା'ର ଏତେ ରୂପ ! ମନେ ମନେ ହସିଲା ମନୋରମା ।

ଠନ୍ !

କାନ୍ଥ ଘଣ୍ଟା ସାଢ଼େ ନଅଟା ସୂଚାଇ ଦେଲା ତାକୁ । କଲେଜ ସମୟ ହୋଇ ଗଲାଣି । ବହି ପତ୍ର ସଜାଡ଼ି ସେ ଯିବାକୁ ପ୍ରସ୍ତୁତ ହେଲା ।

ସିଡ଼ି ଉପରକୁ ଉଠି ଆସୁ ଆସୁ ହଠାତ୍ ପୋଷ୍ଟମ୍ୟାନ୍‌କୁ ଦେଖିଲା । କୌତୁହଳବଶତଃ ସେଇ ଜଣକ ତାକ ଉପରେ ଥରେ ଆଖି ବୁଲାଇ ଆଣିଲା ସେ । ଦେଖୁ ଦେଖୁ ତା'ର ଦୃଷ୍ଟି ପଡ଼ିଲା ଅମିୟର କେତୋଟି ଚିଠି ଉପରେ । ତା'ର ଦୃଷ୍ଟି ସେଇଠି ହଠାତ୍ ଅଟକିଗଲା । ସେ ବ୍ୟଗ୍ର ହୋଇ ଉଠିଲା ସେଇ ଚିଠିଗୁଡ଼ିକ ବିଷୟରେ ଜାଣିବା ପାଇଁ । କେଉଁଠୁ ଆସିଛି ?

କିଏ ଦେଇଛି ? କଣ ଲେଖା ହୋଇଛି ? ତାଙ୍କର କେଉଁ "ପ୍ରେମିକା" ଓ ଆଉ ଲେଖିକ ? ପ୍ରଶ୍ନ ପରେ ପ୍ରଶ୍ନ ମୁଣ୍ଡ ଟେକିଲା ତା' ମନ ଭିତରେ ।

ପୋଷ୍ଟମେନ୍‌ଠାରୁ ଅମିୟର ଚିଠିଗୁଡ଼ିକ ନେଇ ବାକିତକ ସେ ଫେରାଇ ଦେଲା । ଅମିୟର ଚିଠିଗୁଡ଼ିକ ଧରି ସେ ଯିବାପାଇଁ ଆଗକୁ ପାଦ ବଢ଼ାଇଲା । ଚିଠି ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ପୁଣି ତାର ଆଗ୍ରହ ବଢ଼ିଲା । ତାର ପ୍ରଥମେ ବିଶ୍ୱାସ ହେଲା ନାହିଁ, କିନ୍ତୁ ଆପଣା ଆଖିରେ ଦେଖୁଥିବା କଥାକୁ ସେ ଅବିଶ୍ୱାସ ବା କରିବ କେମିତି ?

ସେଦିନ ଯେଉଁ ସନ୍ଦେହ ତା' ମନରେ ଉଙ୍କି ମାରୁଥିଲା, ତାହା ଶେଷରେ ସତ ହେଲା । ସେହିଁ ତା'ର ପ୍ରିୟ ଲେଖକ 'ଅମିୟ ଚନ୍ଦ୍ର' । ଯାହାଙ୍କର ଉପନ୍ୟାସ ତା' ମନକୁ ହଲଚଲ କରି ଦେଇଛି । ଯାହାଙ୍କର ଉପନ୍ୟାସ ସେ ପଢ଼ୁ ପଢ଼ୁ ଆପଣାର ସ୍ଥିତିକୁ ଭୁଲି ଯାଏ । ଭାବନାରେ ବୁଡ଼ି ରହେ ସେ । । ଅମିୟ ଧୀରେ ଧୀରେ ତା'ର ମନ ଗହ୍ୱରରେ ସ୍ୱଇଚ୍ଛାରେ ପଶି ଯାଉଥାଏ । ଆଜି ଯେତେବେଳେ ସେ ଜାଣିଲା ଯେ ଏଇ ଶାନ୍ତ ସୁନ୍ଦର ଯୁବକହିଁ ତା'ର ପ୍ରିୟ ଲେଖକ ଅମିୟ ଚନ୍ଦ୍ର, ଆଉ ଏଇ ଅମିୟ ଯାହାପାଇଁ ସେ ବ୍ୟାକୁଳ, ଅଧୀର, ସେତେବେଳେ ଆନନ୍ଦ ପରିବାରର ସୀମା ରହିଲା ନାହିଁ ତା'ର ।

ସେ ଚିଠିଗୁଡ଼ିକ ନେ... ...ମିୟ ସହିତ ଖୁସିରେ ମନଭରି ଆଳାପ କରିବା ପାଇଁ ହୋଟେଲ ଆଡ଼କୁ ପାଦ ବଢ଼ାଇଲା, କିନ୍ତୁ ହଠାତ୍ ଥମିଗଲା ତା'ର ପାଦ ଦୁଇଟି ।

ଅମିୟ ସେତେବେଳେ ହୋଟେଲରେ ନଥିଲା । ସେ ବାହାରକୁ ଯିବାବେଳେ ମନୋରମା ଦେଖିଥିଲା । ଉଦାସ ମନରେ ସେ ପୁଣି ଲେଉଟି ଆସିଲା ରାସ୍ତା ଉପରକୁ । ରାସ୍ତା କଡ଼ରେ ଠିଆ ହୋଇ କିଛି ସମୟ ଏପାଖ ସେପାଖ ଦେଖିଲା । କାଲେ ଅମିୟ ଆସୁଥିବ । ଗୋଟିକ ପରେ ଗୋଟିଏ ରିକ୍ସା ଉପରେ ସେ ଦୃଷ୍ଟି ବୁଲାଇ ଆଣିଲା । ମନେ ମନେ ଭାବିଲା ଆଜି କଲେଜ ନଗଲେ କମିତି ହୁଅନ୍ତା । ହଠାତ୍ ଗୋଟିଏ ରିକ୍ସାକୁ ଅଟକାଇ ବସିଗଲା ସେ । କଲେଜ ଆଡ଼କୁ ଯିବାକୁ ରିକ୍ସାକୁ ନିର୍ଦ୍ଦେଶ ଦେଲା ସେ ।

ଝାପରେ ବହିଗୁଡ଼ିକ ସିଟ୍ ଉପରେ ରଖିଦେଇ ଅମିୟର ଚିଠିଗୁଡ଼ିକ ଧରି ଏପାଖ ସେପାଖ ଓଲଟାଇ ଦେଖିବାକୁ ଲାଗିଲା । ତା'ର ଇଚ୍ଛା ହେଉଥିଲା, ଚିଠିଗୁଡ଼ିକ ଖୋଲି ଦେଖିବ କିଏ ଲେଖିଛି, କିନ୍ତୁ ପରେ ଭାବିଲା ଅପରର ଚିଠି ଖୋଲି ପଢ଼ିବା ଅଭଦ୍ରାମି । ଚିଠି ଉପରୁ ଦୃଷ୍ଟି ଫେରାଇ ଆଣି ସାମନାକୁ ଅନେଇ ରହିଲା ଉତ୍କଣ୍ଠିତ ଚିତ୍ତରେ ।

ମଙ୍ଗଳାବାଗ ପଛରେ ରହିଲାଣି । ରିକ୍ସା ରାଣୀହାଟ ହାଇସ୍କୁଲ ପାର ହୋଇ ହିନ୍ଦ୍ ସିନେମା ନିକଟରେ ପହଞ୍ଚିଲାବେଳେ ଆଗରେ ଅମିୟ ଆସୁଥିବା ଦେଖାଗଲା ତାକୁ । ତାର ରକ୍ତିମ ଅଧରରେ ଖେଳିଗଲା ଗୋଟିଏ ସ୍ପନ୍ଦନ । ଚିଠିଗୁଡ଼ିକ ବହି ଭିତରେ ରଖି ସେ ବହିଗୁଡ଼ିକୁ ଉଠାଇ ଧରିଲା କୋଳରେ ଆଉ ରିକ୍ସାବାଲାକୁ କହିଲା ସାମନାରେ ଆସୁଥିବା ଭଦ୍ରଲୋକଙ୍କ ଆଗରେ ରିକ୍ସା ଅଟକାଇବାକୁ ।

ସତକୁ ସତ ଅମିୟ ନିକଟରେ ରିକ୍ସା ଅଟକିଗଲା ।

“ନମସ୍କାର !” ହାତ ଉଠାଇ ପାପୁଲି ଦୁଇଟିକୁ ଯୋଡ଼ି ନମସ୍କାର କଲା ସେ ।

ପ୍ରଥମେ ଅମିୟ ମନୋରମାକୁ ଦେଖି ଗୋଟିଏ ଦୃଷ୍ଟିରେ ବିସ୍ମୟରେ ଚାହିଁ ରହିଲା । ମନୋରମାର ସରୁ କଣ୍ଠର ଆବାଜରେ ସେ ଚମକି ପଡ଼ି କହିଲା, “ଓ, ନମସ୍କାର । କଣ କଲେଜକୁ ଯାଉଛନ୍ତି ?”

“ହଁ,” ଉତ୍ତର ଦେଲା ମନୋରମା । “ଆପଣ କୋଉଠୁ ଆସୁଛନ୍ତି ?”

“ଚାକିରୀ ଖୋଜି ଯାଇଥିଲି । କିନ୍ତୁ ସବୁଠାରୁ ନିରାଶ ହୋଇ ଫେରୁଛି” । ହତାଶ ହୋଇ କହିଲା ଅମିୟ ।

“ଚାକିରୀ ଖୋଜୁଛନ୍ତି ? କିନ୍ତୁ କି ଚାକିରୀ ?” ବିସ୍ମୟରେ ପଚାରିଲା ମନୋରମା ।

“ଯେ କୌଣସି ଚାକିରୀ । ଦୁଇଓଳି ଦୁଇ ମୁଠା ଭାତ ଆଉ ରହିବାପାଇଁ ଖଣ୍ଡେ ଜାଗା ହେଲେ ଯଥେଷ୍ଟ ।” ଅମିୟର ମୁହଁରେ ନିରାଶାର ହସ ନାଚୁଥିଲା ସେତେବେଳେ ।

ଅମିୟର କଥାଶୁଣି ମନୋରମା   ଲା । ଜନ୍ମ ମୁହଁରେ ଫୁଟି ଉଠିଥିବା ଆଶ୍ଚର୍ଯ୍ୟର ଚିହ୍ନ ଲିଭିଲା ନାହିଁ ।

"ଏବେ ବି ଆପଣ   ଛନ୍ତି ?" ଅମିୟ କହିଲା ମନୋରମାର ଆଶ୍ଚର୍ଯ୍ୟାନ୍ୱିତ ଦୃଷ୍ଟିକୁ ଲକ୍ଷ୍ୟ   କାଳ ବିନା ରୋଜଗାରରେ କଣ ମୁଠେ ଖାଇବାକୁ   ପାରିବ ମନୋରମା ଦେବୀ ? ଆଜିକାଲି ଚାକିରୀ ନକଲେ ମଣିଷ ଭୋକ ଉପାସରେ ମରିବା ଛଡ଼ା ଅନ୍ୟଗତି ନାହିଁ । ବ୍ୟବସାୟ କରିବାକୁ ଧନ ନାହିଁ । ଚାଷ କରି ଖାଇବାକୁ ଜମି ନାହିଁ । ଏପରି ପରିସ୍ଥିତିରେ ଆଉ କଣ କରିପାରିବାରେ କହନ୍ତୁ ତ ? ସେଥିରେ ପୁଣି ପର ଦେଶରେ ଯେଉଁଠି ଆପଣାର ବୋଲି କେହି ନାହିଁ, କେମିତି ଚଳିହେବ ! କେତେ ଦିନ ବା ଚଳି ପାରିବ ଜଣେ ବିନା ଚାକିରୀରେ, ବିନା ରୋଜଗାରରେ ?

ମନୋରମାର ସମସ୍ତ ଖୁସି କ୍ଷଣକ ପାଇଁ ଉଭେଇ ଗଲା ଅମିୟର କଥା ଶୁଣି । ପ୍ରଫୁଲ୍ଲ ମୁହଁ ଉପରେ ଏକ ଉଦାସର ଛାଇ ଖେଳିଗଲା । କିଛି ସମୟ ପାଇଁ ସ୍ତବ୍ଧ ହୋଇ ଠିଆ ହୋଇ ରହିଲା ସେ । ଦୁଇ ତିନି ମିନିଟର ନୀରବତା ପରେ କହିଲା, "ତେବେ କଣ ଆପଣଙ୍କୁ କୌଣସି ଚାକିରୀ ମିଳିଲା ନାହିଁ ?"

"ନା । ନିକଟ ଭବିଷ୍ୟତରେ ମିଳିବା ଆଶା ବି ନାହିଁ ।" ଅମିୟ କହିଲା ।

ମନୋରମା ଆଉ କିଛି କହିବାକୁ ସାହସ କଲା ନାହିଁ ।

"ଅଚ୍ଛା ମୁଁ ଯାଉଛି । ଆପଣଙ୍କର କଲେଜ ସମୟ ହେଲାଣି—ଯିବେ ?" ଆଉ କିଛି କହି ପାରିଲାନି ମନୋରମା । ଏଇ ଶବ୍ଦଟି ଭିତରେ ଅମିୟ ବୁଝିଲା ମନୋରମା ତାର ଉପସ୍ଥିତି ଏକାନ୍ତ ଭାବରେ ଚାହୁଁଛି । ପରମୁହୂର୍ତ୍ତରେ କହିଲା—"କଲେଜ ଯାନ୍ତୁ—ମୁଁ ଯାଏ ।"

ଅଜି କଲେଜକୁ ଯିବା ପାଇଁ ଇଚ୍ଛା ହେଉନି । ଖୁବ୍ ଧୀରେ କହିଲା ମନୋରମା ।

"ଓ !" ଅମିୟ ଚୁପ ରହିଲା ।

ଗୋଟିଏ କଥା କହିବି, ରଖିବେ ?"

"କଣ କହନ୍ତୁ ।"

"ଆସନ୍ତୁ ! ରିକ୍ସାରେ ବସନ୍ତୁ ।" ସେ ଥଲା ଘୁଞ୍ଚିଯାଇ କହିଲା ।

"କିନ୍ତୁ..."

"ଆସନ୍ତୁନା ।" ମନୋରମା ତିଳ୍କର ପର ଅନୁରୋଧ କଲା ।

ଅମିୟ ଆଉ କିଛି ନ କହି ରିକ୍ସା ଉପରକୁ ଉଠି ମନୋରମା ପାଖରେ ବସି ପଡ଼ିଲା ।

ରିକ୍ସାବାଲାକୁ ପୁଣି ଚୈତ୍ରବଜାର ନେବାକୁ କହିଲା ମନୋରମା ।

ରିକ୍ସା ପୁଣି ଫେରି ଗଲା ।

ବିସ୍ମୟ-ପୁଲକିତ ଆଖି ଦୁଇଟିରେ ଅମିୟ ମନୋରମାକୁ ଚାହିଁଲା । ତାର ହସ ହସ ମୁହଁକୁ ଦେଖି ତାର କୌତୁହଳ କ୍ରମଶଃ ବଢ଼ୁଥିଲା । ସେ କିଛିହେଲେ ବୁଝିପାରୁ ନଥିଲା । ଆଉ ମନୋରମା ମଧ୍ୟ ତା'କୁ କିଛି ବୁଝାଇବାକୁ ଚେଷ୍ଟା କଲା ନାହିଁ । ସେ କେବଳ ହସୁଥିଲା ମନେ ମନେ ।

"ଆପଣତ ମୋତେ ଖୁବ୍ ଅନ୍ଧାରରେ ରଖିଛନ୍ତି ।" କିଛି ସମୟ ପରେ ଗୌରୀହାଟ ଛକ ଯେତେବେଳେ ରିକ୍ସାଟି ପାର ହେଲା, କହିଲା ମନୋରମା ।

"ମୁଁ ? କଣ କହୁଛନ୍ତି ଆପଣ ?" ଏଇ ନୀରବତା ଭିତରେ ଯେତିକି ହେମାଣରେ ତାର ଆଶ୍ଚର୍ଯ୍ୟ ଭାବ କମିଯାଇଥିଲା ପୁଣି ସେଇ ଅନୁପାତରେ ଦୁଇଗୁଣ ବଢ଼ିଗଲା ମନୋରମାର କଥାଶୁଣି ।

"ବର୍ତ୍ତମାନ ଏହାର ଉତ୍ତର ପାଇବେ । ଅଚ୍ଛା ସତ କହନ୍ତୁ ଆପଣଙ୍କ ନାଁ କଣ ?"

"ଅମିୟ, ଏହା'ତ ଆଗରୁ କହିଛି !"

"କେବଳ ଅମିୟ ? ଆଗରେ ପଛରେ ଆଉ କିଛି ନାହିଁ ?"

"କିଛି ନାହିଁ, ବିଲ୍‌କୁଲ୍ ନାହିଁ ?"

"ନିଶ୍ଚୟ ମିଛ ଅଛି । ଅଚ୍ଛା ଆପଣ ମିଛ କାହିଁକି କହୁଛନ୍ତି ?"

"ବିଶ୍ୱାସ କରନ୍ତୁ । ମୁଁ ମିଛ ବହୁତ କମ୍ କୁହେ ।"

"ତା' ମାନେ ଆପଣ କେବେ କେବେ ମିଛ କହନ୍ତି ।" ସାମାନ୍ୟ ହସିଲା ମନୋରମା । ପୁଣି କହିଲା, "ହେଇପାରେ ବର୍ତ୍ତମାନ ମିଛ କହି ଥାଇପାରନ୍ତି । ନୁହେଁ ?

ଅମିୟ ବିସ୍ମିତ ହେଲ ।

ମନୋରମା ଚିଠିଗୁଡ଼ିକ ବାକ୍ସ ଭିତରୁ ବାହାର କରି ଗୋଟିଏ ଚିଠି ଅମିୟଙ୍କୁ ଦେଖାଇ କହିଲ, "ଏଇ ଦେଖନ୍ତୁ ତ, ଆପଣଙ୍କ ନାଁ ପଛରେ କଣ ଯୋଡ଼ା ହୋଇଛି ?"

ଅମିୟ ଚିଠି ଉପରେ ଲେଖା ହୋଇଥିବା ଠିକଣାକୁ ଦେଖି ସାଙ୍ଗେ ସାଙ୍ଗେ କହିଲ, "ମୋ ଚିଠି ଆପଣ କେଉଁଠୁ ପାଇଲେ ?"

"ପୋଷ୍ଟମେନ୍ ଦେଇ ଯାଇଛି । ···ଅନ୍ୟ କଥା ଭୁଲାଇବାକୁ ଚେଷ୍ଟା କରନ୍ତୁ ନାହିଁ । ଆପଣ ମାନୁଛନ୍ତି ତ ମିଛ କହୁଥିଲେ ବୋଲି ?"

"ଆପଣ ନିଜେ ଦେଖନ୍ତୁନା, ମୋ ନାଁ ପଛରେ କେଉଁଠି ଦାସ, ମିଶ୍ର, ପଟ୍ଟନାୟକ ଅଛି କି ନାହିଁ ? ମୁଁ ତ କହୁଥିଲି ମୋ ନାଁ କେବଳ ଅମିୟ, ଆଉ କିଛି ନୁହେଁ । କିନ୍ତୁ ଆପଣ ଏବେ ବି ମାନିବାକୁ ନାରାଜ ।"

"କିନ୍ତୁ ନାଁ ପଛରେ ଏଇ 'ଚନ୍ଦ୍ର' କଣ ଯୋଡ଼ା ହୋଇଛି ?" ସେଇ ଶବ୍ଦ ଉପରେ ଅଙ୍ଗୁଳି ରଖି କହିଲ ମନୋରମା ।

ଅମିୟ ଖୁବ୍ ଜୋର୍‌ରେ ହସି ଉଠିଲ ତା'ର କଥା ଶୁଣି । ବାକ୍ସ ଉପରେ ହାତକୁ ଚାପି ରଖି କହିଲ, "ଚନ୍ଦ୍ର ତ କୌଣସି ସାଙ୍ଗିଆ ନୁହେଁ ? ଆଉ କ'ଣ ?"

"ତେବେ ଭୁଲ ରହନ୍ତୁ ।" ମନୋରମା ମଧୁର ଧମକ ଦେଲା—"ମୁଁ ତ ପଚାରୁଥିଲି ଆପଣଙ୍କର ନାଁ ପଛରେ ଅଗତର କିଛି ଅଛି କି ନାହିଁ । ଆପଣ ତ ଏକାବେଳେ ମନା କରି ଦେଲେ ଆଉ ଏବେ ବି ମାନୁ ନାହାନ୍ତି ।"

"କବିଙ୍କ ପରି କହିଲେ ମୁଁ କେମିତି ବୁଝି ପାରିବି କହନ୍ତୁ ତ ?"

"କବିଙ୍କ କଥା ହୁଏତ ଆପଣ ବୁଝି ପାରୁ ନଥିବେ, କିନ୍ତୁ ଔପନ୍ୟାସିକଙ୍କ କଥା ତ ଆପଣ ବୁଝି ପାରିବେ ?" ମନୋରମା ଚାହିଁଲ ଅମିୟଙ୍କୁ ଜିଜ୍ଞାସୁ ଦୃଷ୍ଟିରେ ।

"ମାନେ ?" ଅମିୟ ବିସ୍ମୟରେ ପଚାରିଲ ।

"ମାନେ ଆପଣ କଥାକାର ବୋଲି ।" ସାଙ୍ଗେ ସଙ୍ଗେ କହିଲ ମନୋରମା ।

"କିନ୍ତୁ ମୁଁ......"

"ବାସ୍ ଥାଉ । ଆଉ ଥରେ ମିଛ କହିବାକୁ ଚେଷ୍ଟା କରନ୍ତୁ ନାହିଁ ।" ସେ କହିଲେ ଅମିୟକୁ କହିବାକୁ ନଦେଇ ।

ଅମିୟ ମନୋରମା ହାତରେ ଥିବା ଚିଠିଗୁଡ଼ିକୁ ଦେଖି ମନେମନେ ହସି ଚୁପ ରହିଲେ ।

ସେତେବେଳେ ରିକ୍ସା ବକ୍ସିବଜାର ପାର ହୋଇ ଆସିଲାଣି ।

"ଆଚ୍ଛା କହନ୍ତୁତ, ଆପଣ ଆଜିଯାଏଁ କାହିଁକି ଲୁଚି ରହିଥିଲେ ? ଯାହାର ଲେଖା ମଣିଷକୁ ପାଗଳ କରିଦିଏ......"

"ଏହାର କୌଣସି ଆବଶ୍ୟକତା ନଥିଲା । ଆଉ ମଧ୍ୟ ଏହା କହି ବୁଲିବା କଥା ନୁହେଁ ।" ମନୋରମାଠାରୁ କଥା ଛଡ଼ାଇ କହିଲେ ଅମିୟ ।

ମନୋରମା ବିସ୍ମୟରେ ତା'କୁ ଦେଖିଲା । ଅମିୟ ମୁହଁଟି ବିଷଣ୍ଣ ହୋଇ ଉଠିଛି । ସେ ହଠାତ୍ କାହିଁକି ଉଦାସ ହୋଇଗଲେ ମନୋରମା ବୁଝି ପାରିଲା ନାହିଁ ! ଏତିକି ମାତ୍ର ବୁଝିପାରିଲା ଯେ ଅମିୟର ମନରେ ନିଶ୍ଚୟ ଆଘାତ ଲାଗିଛି । ତା'ର କଥା ବୋଧେ ଅମିୟ ମନରେ କଷ୍ଟ ଦେଇଛି । କିନ୍ତୁ ସେ ତ ସେମିତି କିଛି କଥା କହି ନାହିଁ ! ତେବେ··· ? ତେବେ ସେ ଏପରି ହେଲେ କାହିଁକି ? ତା' ମନ ଆସ୍ତେ ଆସ୍ତେ ଭାରି ହୋଇ ଆସିଲା ।

ରିକ୍ସା ସେତେବେଳେ ଚୌଧୁରୀ ବଜାର 'ମନୋରମା ହୋଟେଲ' ସାମନାରେ ଅଟକିଗଲା ଆଉ ତା' ସାଙ୍ଗେ ସାଙ୍ଗେ ତା'ର ଭାବନା ମଧ୍ୟ ଦୂରେଇ ଗଲା ।

ଦୁହେଁ ରିକସାରୁ ଓହ୍ଲାଇ ଗଲେ । ମନୋରମା ରିକ୍ସାବାଲାକୁ ଭଡ଼ା ଦେଇ ବିଦା କରିଦେଲା ।

ତା'ପରେ ଚିଠିଗୁଡ଼ିକ ଅମିୟ ହାତରେ ଗୁଞ୍ଜିଦେଇ ଶୀଘ୍ର ତା' ରୁମ୍‌କୁ ଫେରି ଯିବାକୁ ମୁହଁ ବୁଲେଇଲା । ଆଉ ମିନିଟ୍ ଗୋଟିଏ ସୁଦ୍ଧା ସେ ଥୟ ଧରି ରହି ପାରିବ ନାହିଁ ଅମିୟ ନିକଟରେ । ହୃଦୟରୁ ଉଠି ଆସୁଥିବା କୋହକୁ ସେ ଆଉ ଚାପି ରଖି ପାରିବ ନାହିଁ ।

ଏହା ଲକ୍ଷ୍ୟ କଲ୍ଲ ଅମିୟ । ମନୋରମା ପ୍ରଥମ ସାହାଚରେ ପାଦ ଦେଇ ନଦେଉଣୁ ଡାକିଲା ଅତି ଧୀରେ···"ମନୋରମା ।"

କିନ୍ତୁ ସେ ଆଗକୁ ପାଦ ବଢ଼ାଇ ନପାରି ଥରେ ହତାଶ ଦୃଷ୍ଟି ଟୋଳ କେବଳ ଗୃହିଁନେଲା ଅମିୟକୁ ।

ଆଉ କିଛି କହିବାକୁ ସାହସ କଲାନାହିଁ ଅମିୟ । କିଛି ସମୟ ସେମିତି ହତପ୍ରଭ ହୋଇ ମନୋରମାର ଯିବା ରାସ୍ତାକୁ ଗୃହିଁ ରହି ଫେରି ଆସିଲା ତାର କୋଡ଼ଏ ନମ୍ବର କୋଠରୀକୁ ।

ମାଧୁରୀ ।

ଅନାୟାସରେ ଅମିୟର ମନେ ପଡ଼ିଲା ବିତି ଯାଇଥିବା ପୁରୁଣା କଥା କେତୋଟି ।

ତାର ଇଚ୍ଛା ନଥିଲା ବିବାହ କରିବାକୁ । ତେବେବି ତାକୁ ବାଧ୍ୟ କରି ବିବାହ କରାଇ ଦିଆଗଲା ମାଧୁରୀ ସହିତ । ଅମିୟର ସମସ୍ତ ଚେଷ୍ଟା ବିଫଳ ହେଲା । ତାର ବାପାଙ୍କର କଥାକୁ ଠେଲି ଦେବା ସାହସ ତାହାର ନଥିଲା । ସେ ଯାହା ଗୃହିଁବେ ତାହା ହିଁ ହେବ ।

ବିବାହ ହେଲା । ବୋହୂ ଘରକୁ ଆସିଲା । ବିବାହ ପରେ ସେ ତିନି ରାତି ଡ୍ରଇଂରୁମ୍‌ର ବାହାରେ ପଡ଼ିଥିବା ଆରାମ ଚୌକି ଉପରେ କଟାଇଛି । ଆଉ ମାଧୁରୀ ଘର ଭିତରେ । ସେ କିନ୍ତୁ ବୁଝି ପାରୁଥିଲା, ନିଜର ଧର୍ମପତ୍ନୀ ମାଧୁରୀ ସହିତ ଏହାଙ୍କଦ୍ୱାରା ସେ ଅନ୍ୟାୟ କରୁଛି । କାରଣ ଏହି ବିବାହରେ ମାଧୁରୀର କୌଣସି ହାତ ନଥିଲା । ହେଇପାରେ, ମାଧୁରୀ ମଧ୍ୟ ଏଇ ବିବାହକୁ ନାପସନ୍ଦ କରିଥିବ ।

ଆଜି ସେ ଏହା ମଧ୍ୟ ବୁଝିପାରୁଛି ଯେ, ଯାହା ହେଇ ଯାଇଛି ତାକୁ ପୁଣି ବଦଳାଇବାକୁ ଚେଷ୍ଟା କରିବା ବୃଥା । ବିବାହ ସରି ଯାଇଛି । ମାଧୁରୀ ତାର ସ୍ତ୍ରୀ ଅବ ସେ ତାର ସ୍ୱାମୀ । ଏହାର କିଛି ପରିବର୍ତ୍ତନ

ହୋଇ ପାରିବ ନାହିଁ । ହେବା ମଧ୍ୟ ଅସମ୍ଭବ । ମାଧୁରୀର ବା ଏଥିରେ ଦୋଷ କଣ ? ସେ ତାର ବାପ ମା, ଘରଦ୍ୱାର ଛାଡ଼ି ଆସିଛି ପତିବ୍ରତର ବ୍ରତ ନେଇ ପତି ସେବା କରିବାକୁ, ସ୍ୱାମୀର ସୁଖ ଦୁଃଖରେ ଭାଗୀ ହେବାକୁ ।

ଏତେ ସବୁ ଭାବିଲେ ମଧ୍ୟ ଅମିୟର ମନ ମାଧୁରୀ ଆଡ଼କୁ ଟାଣି ହେଲା ନାହିଁ । ମନେ ମନେ ସେ ନିଜକୁ ଅପରାଧୀ ଭାବୁଥିଲା । ମନକୁ ଯେତେ ବୁଝାଇଲେ ମଧ୍ୟ ମାଧୁରୀକୁ ନିଜର ବୋଲି ଭାବିବାକୁ ତାର ଇଚ୍ଛା ହେଲା ନାହିଁ । କିଛି ଠିକ୍ କରିପାରୁ ନଥିଲା ସେ କଣ କରିବ ବର୍ତ୍ତମାନ ପରିସ୍ଥିତିରେ ।

ତୃତୀୟ ଦିନ ସେ ଶେଷ ସିଦ୍ଧାନ୍ତରେ ପହଞ୍ଚିଲା । ତାର ଆଉ ମାଧୁରୀର ରାସ୍ତା ବିପରୀତ ମୁଖୀ । ଦୁହେଁ ଏକାସଙ୍ଗେ ଗୋଟିଏ ଜୀବନ-ନୌକାରେ ଯାଇ ପାରିବେ ନାହିଁ । ଯାହାକୁ ସେ କେବେ ଦେଖି ନାହିଁ, ଯାହା ସାଙ୍ଗେ ସେ କେବେ ଆଳାପ କରିନାହିଁ; ତା' ସଙ୍ଗେ ତାର ସମ୍ବନ୍ଧ ପ୍ରତିଷ୍ଠା ହେବ କିପରି ? ହେଲେବି ତା'କଣ ଆନନ୍ଦମୟ ହୋଇ ପାରିବ ? ନା, ମାଧୁରୀ ଚିନ୍ତା ସବୁଦିନ ପାଇଁ ମନରୁ ପୋଛି ଦେବାକୁ ହେବ । ଅଯଥାରେ ତା ନେଇ ନିଜ ମନକୁ ଭାରାକ୍ରାନ୍ତ କାହିଁକି କରିବ ସେ !

ତାର ଶେଷ ସିଦ୍ଧାନ୍ତ ଶୁଣାଇବାକୁ ଗଲାବେଳେ ମାଧୁରୀ ନିଜେ ଆସିଲା ତା' ପାଖକୁ । ଆଖି ଉଠାଇ ସେ ମାଧୁରୀକୁ ଦେଖିଲା । ଦୁଇଟି କ୍ଷୁଧାର୍ତ୍ତ ଆଖି ତା ମୁହଁକୁ ଚାହିଁ ରହିଛି ।

ସେ ଦୃଷ୍ଟି ତଳକୁ କଲା ।

ମାଧୁରୀ କଲେଜରେ ପଢ଼ିଛି । ତେଣୁ ସେ ଅନେକ ଦିନ ଧରି ନିଜର ମନକୁ ସଂଯତ କରି ପାରିଲା ନାହିଁ । ଅମିୟ ଏହା ମଧ୍ୟ ଜାଣିଥିଲା ।

ଏଥିପାଇଁ ଯେତେବେଳେ ମାଧୁରୀ ଅଧୀର ହୋଇ ତାକୁ ପଚାରିଲା, 'ଅନ୍ଧାରେ କାହିଁକି ଶୋଇଛନ୍ତି ?' ସେ କିଛି ଉତ୍ତର ଦେଇପାରି ନଥିଲା । ଉତ୍ତର କିଛି ଦେବାଭଳି ଶକ୍ତି ନଥିଲା ତାର ସେତେବେଳେ ।

ମୋର କଣ ଭୁଲ ହୋଇଛି ଯେ ଆପଣ ମୋଠୁଁ ଦୂରରେ ରହିବାକୁ ଚାହୁଁଛନ୍ତି ? ମାଧୁରୀର ଆଖି ଛଳ ଛଳ ହୋଇ ଉଠିଥିଲା ଏତିକ [କହିଲା ବେଳେ ।

ଅମିୟର ମନେ ହେଲା ତାକୁ କହିବ, ସେଇମାନଙ୍କୁ ଯାଇ ପଚାର, ଯିଏ ତୁମକୁ ମୋର ପତ୍ନୀ ଆଉ ମୋତେ ତୁମର ପତି ରୂପେ ଗଢ଼ି ତୋଳିଛନ୍ତି । କିନ୍ତୁ କହି ପାରିଲା ନାହିଁ ସେ ।

ମାଧୁରୀ ଥୟ୍ୟ ଧରି ରହି ପାରିଲା ନାହିଁ । ଅମିୟର ଚୌକି ନିକଟରେ ବସି ପଡ଼ି ତାର ହାତକୁ ଧରି ପକାଇ କହିଲା—'ମୋ ସାଙ୍ଗେ କଥା ନ ହେବାକୁ କଣ ପ୍ରତିଜ୍ଞା କରିଛନ୍ତି ଆପଣ ?'

ଅମିୟ ଦୃଷ୍ଟି ଉପରକୁ ଉଠାଇ ଚାହିଁଲା ତାକୁ । ତାର ଓଠ ଦୁଇଟି ଥରି ଉଠିଲା କିଛି କହିବା ପାଇଁ, 'ମୁଁ କଥା ନହେବାକୁ ପ୍ରତିଜ୍ଞା କରି ନାହିଁ କି ତୁମଠାରୁ ଦୂରରେ ରହିବାକୁ ପ୍ରତିଜ୍ଞା କରିନାହିଁ, ମାଧୁରୀ ।'

ତାର କିଛି ସାହସ ହେଲା ଅମିୟର କଥା ଶୁଣି । ସେ ଧୀରେ ପଚାରିଲା, 'କିନ୍ତୁ ତିନି ଦିନ ହେଲା ମୁଁ ଯାହା ଦେଖୁଛି ତାହା କଣ ସ୍ୱପ୍ନ ?'

'ନା, ସେଇଟା ସ୍ୱପ୍ନ ନୁହେଁ ।' ଜୋର୍ ଦେଇ କହିଲା ଅମିୟ ସାଙ୍ଗେ ସାଙ୍ଗେ ।

'ମୁଁ ତ କିଛି ବୁଝି ପାରୁନି ଆପଣଙ୍କ କଥା ।' ବିସ୍ମିତ ହେଲା ମାଧୁରୀ ।

'କଥା ବୁଝିବା ପାଇଁ କିଛି ନାହିଁ । ଯେତେବେଳେ ତୁମକୁ ମୁଁ ମୋର ବୋଲି ଭାବୁନି, ସେତେବେଳେ ତୁମ ସଙ୍ଗେ କଥା ନହେବା, ତୁମଠାରୁ ଦୂରରେ ରହିବା ପ୍ରଶ୍ନ ଏଠି ଉଠୁ ନାହିଁ ।'

କ୍ଷଣିକ ପାଇଁ ମାଧୁରୀ ଅବାକ୍ ହୋଇଗଲା । ତା'ପରେ ନିଜକୁ ସମ୍ଭାଳି ନେଇ କହିଲା, 'ଆପଣତ ଜାଣିଥିବେ ଆମ ଦୁହିଁଙ୍କ ସମ୍ବନ୍ଧ କଣ ?'

ଅମିୟ ତାର ବିସ୍ମିତ ଆଖି ଦୁଇଟିକୁ ଉପରକୁ ଉଠାଇଲା ଏବଂ କିଛି ସମୟ ଚୁପ୍ ହୋଇ ରହିବାପରେ କହିଲା, 'ମୁଁ ଜାଣେ । କିନ୍ତୁ ସେଥିପାଇଁ ମୁଁ ଦାୟୀ ନୁହେଁ, ଦାୟୀ ମୋର ଆଉ ତୁମର ବାପା ମା ।'

'କିନ୍ତୁ ବର୍ତ୍ତମାନ ତାହା ଆଉ ଭାବିଲେ କଣ ହେବ ?' ମାଧୁରୀର ଗଳା ଥରି ଉଠୁଥିଲା ।

ଅମିୟ କୋମଳ ସ୍ୱରରେ କହିଲା, 'ତୁମେ ଥରେ ଭାବି ଦେଖ ମାଧୁରି, ଏଇ ସମ୍ବନ୍ଧ ଏବେ ବି ତୁମର ଆଉ ମୋ ହାତରେ ଅଛି । ଏବେ

ମଧ୍ୟ ଆମେ ଦୂରରେ ଅ   ଯେତିକି ଦୂରରେ ଆମେ ବିବାହ ଆଗରୁ ଥିଲେ ।'

ଏଇଟା ଆପଣଙ୍କର ଭ୍ରମ । ବିବାହ ପରେ ସ୍ତ୍ରୀର ସର୍ବସ୍ୱ ତା' ସ୍ୱାମୀ । ବର୍ତ୍ତମାନ ଆପଣହିଁ ମୋର ଦେବତା, ଆପଣହିଁ ମୋର ସାହା ଭରସା । ଆପଣଙ୍କଠାରୁ ଦୂରରେ ରହିପାରିବା ଭଳି ଶକ୍ତି ଓ ସାହସ ମୋର ନାହିଁ ।' ମାଧୁରୀ କାନ୍ଦି ଉଠିଲା ଜୋରରେ ।

'ତମେ ତ ଏହା କହୁନା । ତମ ସମାଜ ଏହା କହୁଛି । ବିବାହ ପରେ ସ୍ତ୍ରୀର ମଥାରେ ଏଇ ଟେପ ପ୍ରୟୋଗ କରି ଦିଆଯାଏ ଯେ ସ୍ତ୍ରୀର ଈଶ୍ୱର ତାର ସ୍ୱାମୀ । ସ୍ୱାମୀର ଚରଣରେ ତାର ମୁକ୍ତି । ସ୍ୱାମୀ ବିନା ସ୍ତ୍ରୀର ଜୀବନ ଶୁଷ୍କ । ସ୍ୱାମୀ ନଥିଲେ ସ୍ତ୍ରୀ ହୋଇଯାଏ ଅବଳା । ମୁଁ ଆଶ୍ଚର୍ଯ୍ୟ ହେଉଛି ମାଧୁରୀ, ତୁମେ ଏତେ ପାଠ ପଢ଼ି ମଧ୍ୟ ଏହି ଅନ୍ଧ ବିଶ୍ୱାସକୁ କିପରି ତମ ମନରେ ସ୍ଥାନ ଦେଇଛ ? ଭାବିଥିଲି, ନାରୀ ଶିକ୍ଷିତା ହେଲେ ଏସବୁ ସାମାଜିକ କୁସଂସ୍କାର ଆପେ ଆପେ ଲିଭିଯିବ, କିନ୍ତୁ ଦେଖୁଛି ସେ ସବୁ ଦିନକୁ ଦିନ ବ୍ୟାପକ ହେଉଛି, ସଂକ୍ରାମିତ ହେଉଛି ଶିକ୍ଷିତ ମନରେ ମଧ୍ୟ—ଦି' ହାତରେ ନିଜର ମୁଣ୍ଡକୁ ଭରା ଦେଇ ଚୁପ ରହିଲା ଅମିୟ ।

କିଛି ସମୟ ତୁନି ରହି ମାଧୁରୀ ପଚାରିଲା—'ବର୍ତ୍ତମାନ ଆପଣ କଣ ଚାହାନ୍ତି ମୋଠୁ ?'

ଅମିୟ ମାଧୁରୀକୁ ଦେଖିଲା । ତାର ଲୁହ ଛଳ ଛଳ ଆଖି ଦୁଇଟିକୁ ଦେଖି ତାର ମନ କିଛି ସମୟ ପାଇଁ ତରଳି ଗଲା । ବାସ୍ତବିକ ଏଥିରେ ମାଧୁରୀର ଦୋଷ କଣ ? ସେତ ଜାଣି ଜାଣି ଏଇ ଯନ୍ତ୍ରଣାକୁ ନିମନ୍ତ୍ରଣ କରିନି । ହୋଇ ପାରେ ସେ ଆଉ କାହାକୁ ଭଲ ପାଉଥିବ । ବଣରୁ ପଶୁଟିଏ ଆଣି ପିଞ୍ଜରା ଭିତରେ ବନ୍ଦୀ କରି ରଖିଲା ପରି ତା ପାଖରୁ ମାଧୁରୀକୁ ଛଡ଼ି ଦିଆଯାଇଛି । ବର୍ତ୍ତମାନ ମାଧୁରୀ ତାରି ଉପରେ ନିର୍ଭର କରେ । ସେ ତାର ସାହା ଭରସା । ଯଦି ସେ ତାକୁ ଉପେକ୍ଷା କରେ ସେ ଯିବ କୁଆଡେ ? କିଏ ତାକୁ ଆଶ୍ରୟ ଦେବ ?

ଏବେ ବି ସବୁ ଠିକ୍ ଅଛି । କିନ୍ତୁ ସେ କଦାପି ମାଧବୀକୁ ଆପଣାର କରି ପାରିବ ନାହିଁ । ତାର ମନ ହେଉଥିଲେ ବି ତାର ସମସ୍ତ ସ୍ନେହ ଓ ପ୍ରେମ ମାଧବୀକୁ ଦେବାକୁ ସେ ଚାହେଁ ନାହିଁ । ତାହା ଯେ ପାଇବା ପାଇଁ ସେ ଅସମର୍ଥ ।

ମାଧବୀ ପାଠ ପଢ଼ିଛି । ସୁନ୍ଦରୀ ସେ, ସଭ୍ୟା, ସୁସଂସ୍କୃତ ମଧ୍ୟ । ଯଦି ସେ ଇଚ୍ଛା କରି ଥାଆନ୍ତା ତେବେ ତା' ଠାରୁ ଅଧିକ ସୁନ୍ଦର ଏବଂ ଗୁଣବାନ୍ ଯୁବକ ପାଇ ପାରିଥାନ୍ତା । କିନ୍ତୁ ତାର ବାପା, ମା'ଙ୍କ ଆଦେଶରେ, ଇଚ୍ଛାରେ, ନିଜର ମରଣାସନ୍ନ ସମାଜର ଅଙ୍କରେ ନିଜକୁ ସେ ବଳି ଦେଉଛି । ସମାଜ ତାକୁ ଅନୁମତି ଦେଇନାହିଁ ନିଜ ଇଚ୍ଛାନୁରୂପ ସ୍ବାମୀ ବରଣ କରିବାକୁ । କିନ୍ତୁ ବର୍ତ୍ତମାନ ସେ ଯେଉଁ ଅନୁମତି ଦେଉଛି ତା'ର ମନ ଅନୁରୂପ ଯୁବକକୁ ନିଜର ଜୀବନ ସାଥୀ କରିବାକୁ ତାହା କଣ ସେ ଗ୍ରହଣ କରିବ ? ଯଦି ଗ୍ରହଣ କରି କିଛି ଭୁଲ କରି ପକାଏ ତେବେ… ?

କଣ ଗୋଟାଏ ଅସ୍ବାଭାବିକ ଶବ୍ଦରେ ଅମିୟର ଭାବନା ସୂତ୍ର ହଠାତ୍ ଛିଣ୍ଡିଗଲା । ସେ ପଛକୁ ଚାହିଁ ଦେଖିଲା ଦ୍ବାର ନିକଟରେ ମନୋରମା ଠିଆ ହୋଇଛି !

ଦୁଇ ଦିନ ପରେ ପୁଣି ମନୋରମା ଆସିଛି । ଏଇ ଦୁଇ ଦିନରେ ସେ ମନେ ମନେ ଅନେକ ଖୋଜିଛି ମନୋରମାକୁ ।

ମନୋରମା ଅଭିମାନ କରିଛି !

ସେ କିନ୍ତୁ ବୁଝି ପାରୁ ନଥିଲା ମନୋରମା କାହିଁକି ତାର ସାନ୍ନିଧ୍ୟ ଚାହେଁ । ସେ ଅକିଞ୍ଚନ, ଅସୁନ୍ଦର, ଅପାରଗ ।

ମନୋରମା କିନ୍ତୁ ତା'ବିଷୟରେ ଅନେକ କିଛି ଜାଣିବା ପାଇଁ ଉତ୍ସୁକ, ଉଦ୍‌ବିଗ୍ନ । ତ' ମନରେ ପୁଣି ପ୍ରଶ୍ନ ଉଠେ । ସେ କୁତୂହଳୀ ହୋଇ ଉଠେ ।

ତେବେ କଣ ସତରେ ତାର ଲେଖା ମନୋରମାକୁ ତା'ନିକଟକୁ ଟାଣି ଆଣିଛି ? ଜୀବନରେ ପ୍ରଥମ ଥର ପାଇଁ ସେ ଦେଖିବାକୁ ପାଇଲା ତା' ଉପନ୍ୟାସର ଜଣେ ଉପାସକକୁ । ଆନନ୍ଦ ଉଚ୍ଛ୍ୱାସରେ ତାର ମନ ଅଧୀର ହୋଇ ଉଠିଲା ।

ମନୋରମା ପ୍ରତି ତାର କୌଣସି ଅପ୍ରୀତିକର ଧାରଣା ନାହିଁ । ମନୋରମାର ସୁନ୍ଦର ବ୍ୟବହାର, ଶିଶୁ ସୁଲଭ କୌତୁହଳ ଆଉ ଆଶାତୀତ ଅନୁରାଗ ତାକୁ ବହୁତ ଆଡ଼କୁ ଟାଣି ନେଇଛି ଅନେକ ସମୟରେ । କିନ୍ତୁ ସେ ସାହସ କରି ପାରିନି ଆଗେଇ ଯିବାକୁ । ମନୋରମା ନିକଟରେ ଥାଇ ବି ଦୂରରେ ରହିଛି ଆଜି ଯାଏଁ ।

ମନୋରମାର ଲଜ୍ଜାନମ୍ର ରୂପକୁ ଦେଖିଲା ସେ ।

ମନୋରମା ମୁହଁ ତଳକୁ କରି ଠିଆ ହୋଇଛି ସେମିତି ଦ୍ୱାର ନିକଟରେ । ବୋଧେ ତା'ର ଅନୁମତି ଆଶାରେ ଅପେକ୍ଷା କରିଛି ସେ ।

'ମନୋରମା……' ଧୀରେ ଅଥଚ ମୃଦୁ ସ୍ୱରରେ ଡାକିଲା ସେ ।

ମନୋରମା ଚାହିଁଲା ତାକୁ । ଅଭିମାନ, ଲଜ୍ଜା ସବୁ ଯେମିତି ଏକାସଙ୍ଗେ ତାକୁ ବାନ୍ଧି ରଖିଛି । ଧୀରେ ଧୀରେ ଅମିୟ ପାଖକୁ ଆସି ଛିଡ଼ା ହେଲା ଝରକାରେ ।

'ବସନ୍ତୁ !' …ଚୌକି ଦେଖାଇ ଦେଲା ଅମିୟ ମୁହଁରେ ଛୋଟ ହସଟିଏ ଖେଳାଇ ।

ସେ ବସିଲା ନାହିଁ । ଝରକା ନିକଟକୁ ଯାଇ ଠିଆ ହେଲା ଝରକାରେ । ବହୁ ଦୂର ନୀଳ ଆକାଶରେ ସେତେବେଳେ ଦଶମୀ ଚନ୍ଦ୍ର ଲୁଚକାଳି ଖେଳୁଥିଲା ମେଘମାଳା ସଙ୍ଗେ । ମନୋରମାର ଦୃଷ୍ଟି ଯାଇ ପ୍ରକୃତିର ସେଇ ପ୍ରେମିକଙ୍କ ଉପରେ ନିବଦ୍ଧ ହେଲା । ମନରେ ତାର ଝଲସି ଉଠିଲା ଏକ ସୁନେଲି କଳ୍ପନା ।

'ମୋ ଉପରେ ରାଗିଛନ୍ତି ?'

ମନୋରମା ମନେ ମନେ ଖୁବ୍ ଆନନ୍ଦ ଅନୁଭବ କଲା । ହସିଲା ମଧ୍ୟ ।

ତା'ଠାରୁ କୌଣସି ଉତ୍ତର ନପାଇ ଅମିୟ ବିସ୍ମୟରେ ଚାହିଁଲା ତାକୁ ।

କିନ୍ତୁ ମନୋରମା ପୂର୍ବପରି ସେଇ ନୀଳ ଆକାଶ ଆଡ଼େ ଚାହିଁଥିଲା ଯଦିଓ ତାର ମନପ୍ରାଣ ଅମିୟର କଥା ପ୍ରତି ପୂରାପୂରି ସଚେତ ଥିଲା ।

ଅମିୟ ତା ପାଖକୁ ଯାଇ ତା' ପଛରେ ଠିଆ ହୋଇ ଭାବିଲା କିଛି କହିବ କିନ୍ତୁ କହି ନପାରି ପୁଣି ଫେରି ଆସିଲା ତାର ପୂର୍ବସ୍ଥାନକୁ ।

କିଛି ସମୟ ଯାଏଁ ଯେତେବେଳେ ମନୋରମା ଅମିୟର ଆଉ କିଛି କଥା ଶୁଣି ପାରିଲା ନାହିଁ, ସେ ସନ୍ଦେହରେ ପଛକୁ ଚାହିଁଲା । ଦେଖିଲା, ଅମିୟ ଖଟ ଉପରେ ବସି କଣ ଭାବୁଛି । ଅମିୟ କଣ ଭାବୁଛି ସେ ଭାବି ପାରିଲା ନାହିଁ । ଅନୁମାନ କଲା, ବୋଧେ ସେ ତା'ଠାରୁ କୌଣସି ଉତ୍ତର ନପାଇ ଅତ୍ୟଧିକ ଚିନ୍ତିତ ହୋଇ ପଡ଼ିଛନ୍ତି । ହସକୁ ଚାପି ସେ ଅମିୟର ପଛପଟେ ଆସି ଛିଡ଼ା ହେଲା ଆଉ ଧୀରେ ପଚାରିଲା, 'କଣ ଭାବୁଛନ୍ତି ?'

ଅମିୟ ଚମକି ଉଠିଲା । ପଛକୁ ଚାହିଁ ଦେଖିଲା ମନୋରମା ତା' ନିକଟରେ ଠିଆ ହୋଇ ହସୁଛି । ସେତେବେଳେ ତାକୁ ମନୋରମା ଖୁବ୍ ସୁନ୍ଦର ଦେଖା ଯାଉଥିଲା । ଯେଉଁ ସୌନ୍ଦର୍ଯ୍ୟର ଉପମା ଆଉ କିଛି ନାହିଁ । ସେ କିଛି ସମୟ ନିର୍ବାକ ହୋଇ ଚାହିଁ ରହିଲା ମନୋରମାର ସୌନ୍ଦର୍ଯ୍ୟ ପସନ୍ଦକୁ ।

ମନୋରମା ତାର ଏପରି ଅପଲକ ଦୃଷ୍ଟିକୁ ଚାହିଁ ଅପ୍ରତିଭ ହୋଇ ଉଠିଲା । ସେ ନିଜକୁ ସଂଯତ କରି ତାର ପ୍ରଶ୍ନକୁ ପୁଣି ଦୋହରାଇଲା ।

ଅମିୟ ବାସ୍ତବତାକୁ ଲକ୍ଷ୍ୟକରି ଲଜ୍ଜିତ ହେଲା । ସାମାନ୍ୟ ହସି କହିଲା, 'ନା, କିଛି ନୁହେଁ ।'

ସାମାନ୍ୟ ହସିଲା ମନୋରମା । ତା'ପରେ କହିଲା, 'ନିଶ୍ଚୟ କଣ ଭାବୁଥିଲେ । ତା' ନହେଲେ ହଠାତ୍ ଏମିତି ଚୁପ୍ ହୋଇଗଲେ କାହିଁକି ?

'ସେମିତି କିଛି ବିଶେଷ କଥା ଭାବୁ ନଥିଲି, ବିଶ୍ୱାସ କରନ୍ତୁ ।'

'କେଉଁଠି ଚାକିରି ପାଇ

ମନୋରମାର ଆଗ୍ରହ ଦେଖି ସେ ଆନନ୍ଦ ଅନୁଭବ କଲା । କିନ୍ତୁ ପର ମୁହୂର୍ତ୍ତରେ ତାର ଆନନ୍ଦ ଉଭେଇ ଯାଇ କ୍ଷୋଭ ପ୍ରକାଶ ପାଇଲା ମୁହଁରେ । ଧୀରେ କହିଲା, 'ନା, କେଉଁଠି ପାଇନି ।'

ମନୋରମାର ଆନନ୍ଦ ମଧ୍ୟ ସାଙ୍ଗେ ସାଙ୍ଗେ ଲିଭିଗଲା । ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା ଯେ ଏପରି ଜଣେ ସ୍ୱନାମଧନ୍ୟ ସୁପରିଚିତ ଲେଖକଙ୍କୁ କେହି ହେଲେ ପଚାରିବେ ନାହିଁ । ଆଜିକାଲି ଜଣେ ଭିକାରୀ ମାସରେ ହଜାରେ ରୋଜଗାର

ଟଙ୍କା ରୋଜଗାର କରି ପାରୁଛି । ତେବେ କଣ ଆମ ଦେଶରେ ସାହିତ୍ୟିକ, ଔପନ୍ୟାସିକ, କବି, ଲେଖକ ଏତେ ଅଯୋଗ୍ୟ ? ଅମିୟ ପାଇଁ ତାର ମନ ଅସ୍ତବ୍ୟସ୍ତ ହୋଇ ଉଠିଲା । ତା ପରିସ୍ଥିତି ଉପଲବ୍ଧି କଲା ସେ । ସୁନେଲି ସ୍ୱପ୍ନର କଳ୍ପନା ତାର ଉଭେଇ ଗଲା । ସେ ଭାବୁଥିଲା ଅମିୟର ଲେଖା ତାକୁ ଯେମିତି ମୋହମୁଗ୍ଧ କରିଛି ସେମିତି ସମସ୍ତ ସାହିତ୍ୟ ସଂସାରକୁ ବି କରିଥିବ । ଆଜି ଯେଉଁ ଲେଖାର ମୂଲ୍ୟ ଅଛି ସେ ଲେଖକର ଅଭାବ କିଛି ନଥିବ । ଏହା ସେ ଭାବି ନଥିଲା କେବେ । ଆଉ ଅଧିକ ଭାବି ପାରିଲା ନାହିଁ । ତାର ସ୍ୱପ୍ନ ଭାଙ୍ଗି ଯାଇଛି । ଅମିୟର କଥା ତାକୁ କଳ୍ପନା ସାଗର ଭିତରୁ ଓଟାରି ଆଣିଛି । ଯେଉଁ ଦୁନିଆକୁ ସେ ଆସିଛି ସେଇ ଦୁନିଆରେ ସତ୍ୟତା ନାହିଁ । ଏହା ସେ ଭୁଲି ଯାଇଥିଲା, ଯେଉଁ ଦେଶରେ ପଥରକୁ ପୂଜା କରିଯାଏ, ଗଛ ବୃକ୍ଷକୁ କରିଯାଏ, ଆକାଶକୁ କରିଯାଏ, ଚନ୍ଦ୍ର ସୂର୍ଯ୍ୟକୁ କରିଯାଏ, ଯିଏ ଜଡ଼, ଯାହାର ଜୀବନ ନାହିଁ, ଯାହାର ଆବଶ୍ୟକତା ନାହିଁ, ସେଇ ଦେଶର ଲେଖକମାନେ ମଣିଷ ନୁହନ୍ତି, ଜୀବନ୍ତ ନୁହନ୍ତି । ସେମାନଙ୍କର ଆବଶ୍ୟକତା ଥିଲେବି ସେମାନଙ୍କ ସଙ୍ଘର୍ଷର ଆବଶ୍ୟକତା କିଏ ଉପଲବ୍ଧି କରନ୍ତି ନାହିଁ । ବଞ୍ଚିବାପାଇଁ ଲେଖନୀ ଚଳାଏ ଆଶାରେ କିନ୍ତୁ ସେଇ ଆଶା ଆଶାରେହିଁ ରହିଯାଏ ।

ସେ ଅମିୟର ଶାନ୍ତ ସୁନ୍ଦର ମୁହଁକୁ ଥରେ ଅନେଇଲା । ଅମିୟ କଣ ଭାବିଚାଲିଛି ।

ନୀଳ ଆକାଶରେ ସେତେବେଳେ ଦୁଇଟି ଚଢ଼େଇ ସାଙ୍ଗ ହୋଇ ଉଡି ଯାଉଥିଲେ—ଦୂରେ, ବହୁଦୂରେ—ନୀଡ଼ର ଅନ୍ୱେଷଣରେ—

କେବେ, କଣ ଓ କିପରି ହେବ କେହି ହେଲେ ଜାଣି ନଥିଲେ । ମଣିଷ ଯାହା ପାଇବାକୁ ଆଶା କରିଥାଏ ତାହା ପାଏନା ସବୁବେଳେ । ଯେତେବେଳେ ସେ ନିରାଶାର ଘନ ଅନ୍ଧକାର ମଧ୍ୟରେ ଘୂରି ବୁଲେ ସେତେବେଳେ ତାର ମନ ହାହାକାର କରି ଉଠେ । ସେ ସେତେବେଳେ

ପ୍ରୟାସ କରି ମଧ୍ୟ ବୁଝିପାରେ ନାହିଁ ଏଇ ସବୁ କିପରି ହେଲା ଏବଂ କାହିଁକି ହେଲା ।

ମାଧୁରୀ ଯୌବନର ପ୍ରଥମ ପଦକ୍ଷେପରେ ଅଜାଣତରେ ନଗୃହିଁ ମଧ୍ୟ ନିଜକୁ ହରାଇ ବସିଲା । ସେ ଓ ବିନୋଦ ଯୌବନର ମଦକତାରେ ସବୁ କିଛି ଭୁଲି ଯାଇଥିଲେ । ଦିନରାତି, ଆଠ ପ୍ରହର, ଭବିଷ୍ୟତର ରଙ୍ଗୀନ ଦିନ ଗୁଡ଼ିକୁ ସ୍ୱପ୍ନ ଦେଖିଲେ । ସେଇ ସଂସାର ଏପରି ହେବ, ସେପରି ହେବ, ସେଥିରେ ଏହା ରହିବ, ତାହା ନରହିବ ଇତ୍ୟାଦି । ଭାବିଲେ, ଭାବି ଭାବି ନିଜର ଗୋଟିଏ ନୂଆ ସଂସାର ଗଢ଼ିବାକୁ ଚେଷ୍ଟା କଲେ । କିନ୍ତୁ ଗଢ଼ିବା ସମୟରେ ଏହା ଭାବିଲେ ନାହିଁ ଯେ ତାଙ୍କର ନୂଆ ସଂସାର ଏଇ ପୃଥିବୀରେ କେବେ ସମ୍ଭବ ନୁହେଁ । ଭାବିଲେ ନାହିଁ ଯେ, ଏହା କେବଳ ସ୍ୱପ୍ନ, ସତ୍ୟ ନୁହେଁ । ଭାବି ମଧ୍ୟ ପାରିଲେ ନାହିଁ ଯେ ସେ ସ୍ୱାଧୀନ ନୁହେଁ । ନିଜ ଇଚ୍ଛାରେ ନିଜର ସଂସାର ଗଢ଼ିବାକୁ ତାର କୌଣସି ଅଧିକାର ନାହିଁ । ଏହାବି ସେ ଭାବି ନଥିଲା ଯେ ତାର ଜୀବନ ମରଣ ତା' ହାତରେ ନାହିଁ, ଅନ୍ୟ ହାତରେ ଅଛି । ଯେଉଁ ହାତରେ ଗଢ଼ି ହୁଏନା, ସେ ହାତରେ ଧ୍ୱଂସ କରିହୁଏ ।

ଆଉ ଯାହା ସେ ଭାବି ନଥିଲା ତାହା ହେଲା । ଆପଣା ନୀଡ଼ରେ ଥିବା ପକ୍ଷୀ ସ୍ୱପ୍ନରେ ମଧ୍ୟ ଭାବି ନଥାଏ ଯେ ଦିନେ ତାର ସହଚର ଶିକାରୀର ଶୀକାର ହୋଇ ଯାଇପାରେ । ସେଇ ନିର୍ବୋଧ ପକ୍ଷୀ ପରି ସେ ଓ ବିନୋଦ ଭାବି ନଥିଲେ ଯେ ଯେଉଁ ସଂସାର ସେମାନେ ଗଢ଼ିଛନ୍ତି ତାହା ସେମାନଙ୍କ ଆଖି ଆଗରେ ଭାଙ୍ଗି ପଡ଼ିବ । ସେମାନେ ଚେଷ୍ଟାକରି ମଧ୍ୟ ଆଉ ବଞ୍ଚାଇ ପାରିବେ ନାହିଁ ।

ଠିକ ବିପରୀତ ହେଲା ସେମାନଙ୍କର କଳ୍ପନା । ମାଧୁରୀକୁ ପିଞ୍ଜରାରେ ବନ୍ଦ କରି ତାକୁ ସାଥୀହରା କରି ଦିଆଗଲା । ସେ ଉଡ଼ିଯିବା ପାଇଁ ପର ଫଡ଼ ଫଡ଼ କଲା । ସେଇ ପରକୁ ମଧ୍ୟ କାଟି ଦିଆଗଲା !

ଆଉ ବିନୋଦ ! ବନ୍ଦୀକୁ ଶକ୍ତ ଲୌହ ଶଙ୍ଖଳରେ ରଖିଲା ପରି ତାକୁ ମଧ୍ୟ ମାଧୁରୀ ଠାରୁ ବହୁ ଦୂରରେ ରଖି ଦିଆଗଲା । ସେ ଆଜି ଅନେକ ଦୂରରେ, ଯେଉଁଠି ସମାଜର ନିର୍ମମ କଠୋର ଆଇନ ଚଳୁଛି ।

ବିବାହ ପରେ ମାଧୁରୀ ଭାବି ନେଇଥିଲା ଯେ ବିନୋଦ ଆଉ ତାର ହୋଇ ରହିନାହିଁ । ସେ ଆଉ ବିନୋଦର ନୁହେଁ । ତା'ର ହୋଇ ସେ ଆଉ ରହି ପାରିବ ନାହିଁ । ସେ ଯେପରି ତାର ସ୍ୱପ୍ନର, ଜାଗରଣର ବି ସାଥୀ ଥିଲା । ସେ ତାହାଁ କେତେ ଦୂରେ ରହିଲାଣି । ସେ ଆଉ ଆସି ପାରିବନି ପାଖକୁ । ଏଣୁ ଅତୀତକୁ ଛାଡି ବର୍ତ୍ତମାନକୁ ଆପଣାର କରିବାକୁ ହେବ । ବର୍ତ୍ତମାନ ମୁଁ 'ତାଙ୍କୁ' ନିଜର କରିବାକୁ ହେବ, ଯେଉଁ ତାର ନଥିଲେ । ଯାହାର କଥା କେବେ ଏଇ ଅଠର ବର୍ଷ ଭିତରେ ଥରେ ହେଲେ ଭାବି ନଥିଲା ମାଧୁରୀ ।

ପଣ୍ଡିତ ପୁରୋହିତ ମନ୍ତ୍ର ପଢ଼ି ଯେଉଁ ଅମିୟକୁ ତାର ସର୍ବସ୍ୱ କରି ଦିଆଗଲା ସେ ମଧ୍ୟ ତା'ଠାରୁ ଅଲଗା ରହିବାକୁ ଚାହାନ୍ତି ! ସେ ଏପରି ଉଦାସ ହୋଇ ଚାଲି ଯିବାର କାରଣ କଣ ସେ ବୁଝି ପାରିଲା ନାହିଁ । ସେ ଭାବିଥିଲା, ଅମିୟ ଆସି ତା'ର ସମସ୍ତ ଅଧିକାର କରି ବସିବ । ସେ ଆପତ୍ତି କରି ପାରିବ ନାହିଁ । ଯୁକ୍ତି ବାଢ଼ି ପାରିବ ନାହିଁ । ସେ ଯାହା କହିବେ ବା କରିବେ ତାକୁ ମାନିବାକୁ ହିଁ ହେବ । କିନ୍ତୁ କିଛି ତ ହେଲା ନାହିଁ !

ଚଉଠି ରାତିର ମଧୁ ବେଳାରେ ଯେତେବେଳେ ଅମିୟ ତା' କୋଠରୀକୁ ଆସିଲା ପଲଙ୍କ ଉପରେ ପ୍ରତୀକ୍ଷାରେ ବସିଥିଲା ସେ । ତାର ଶରୀର କମ୍ପି ଉଠିଲା । ଫାଶୀ ଖୁଣ୍ଟକୁ ନେଲାବେଳେ କଇଦୀର ଯେଉଁ ଦଶା ହୁଏ ସେଇପରି କିଛି ଅନୁଭବ କଲା ସେ । ସେ ଭାବୁଥିଲା—ଏମିତି ଆଉ କିଛି ସମୟ ଅତିବାହିତ ହେଲେ ତାର ହୃତ୍ ସ୍ପନ୍ଦନ ବନ୍ଦ ହୋଇଯିବା କିଛି ବିଚିତ୍ର ନୁହେଁ ।

ଅମିୟ ତା' ନିକଟକୁ ଆସିଲା । କିଛି ସମୟ ତା' ନିକଟରେ ଠିଆ ହୋଇ ତାକୁ ଦେଖିଲା । ତା'ପରେ ଫେରିଗଲା । କିନ୍ତୁ ମାଧୁରୀ ଜାଣି ପାରିଲା ନାହିଁ ।

ମିନିଟ୍ ପରେ ମିନିଟ ବିତି ଯେତେବେଳେ ଘଣ୍ଟା ପରେ ଘଣ୍ଟା ବିତିବାକୁ ଲାଗିଲା ଆଉ ତା'ର ଓଢ଼ଣା ଉଠିଲା ନାହିଁ ତାର ସନ୍ଦେହ ହେଲା ଏବଂ ସେଇ ସନ୍ଦେହରେ ସେ ଯେତେବେଳେ ଦୃଷ୍ଟି ଉପରକୁ ଉଠାଇଲା ତାର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ।

ଅମିୟ ସେ ବିଛଣାରେ ନଥିଲା !

ଆଶ୍ଚର୍ଯ୍ୟ ହବା ସଙ୍ଗେ ସଙ୍ଗେ ମନ ତାର ଦୁଃଖରେ କାନ୍ଦି ଉଠିଲା । ସେ ବୁଝି ପାରିଲାନି ତାର ଅପରାଧ କଣ । ସେ ଫେରି ଗଲେ କାହିଁକି ?

ତାପରେ… ? ତାପରେ କଣ ହେଲା ? କିଛି ସମୟ ପରେ ତାର ଦୃଷ୍ଟି ଯାଇ ପଡ଼ିଲା ଝରକା ଦେଇ ଆସୁଥିବା ସିଗାରେଟ୍ ଧୂଆଁ ଉପରେ । ପଲଙ୍କ ଉପରୁ ଉଠି ଆସି ସେ ଦେଖିଲା ବାହାର ଝରକା ନିକଟରେ ଆରାମ ଚୌକି ଉପରେ ବସି ଅମିୟ ସିଗାରେଟ୍ ଖାଉଛି ! ତା' ଛାତିରେ ଗୋଟିଏ ଶକ୍ତ ଧକ୍କା ବାଜିଲା । ନୀରବରେ ଆସି ପଲଙ୍କ ଉପରେ ଲେଟିଗଲା । ଅନେକ ଗୁଡ଼ିଏ ଭାବନା ଆସି ତାର ମନକୁ ଭାରାକ୍ରାନ୍ତ କଲା । ବିନୋଦ ଆଉ ଅମିୟର ଦ୍ୱନ୍ଦ୍ୱ ତା ହୃଦୟରେ ସଂଘର୍ଷ ସୃଷ୍ଟି କଲା । କେତେବେଳେ କି ସେ ଶୋଇଗଲା, ସେ ଜାଣି ପାରିଲା ନାହିଁ ।

ତିନିଦିନ ତିନି ରାତି ଏପରି କଟି ଯାଇଛି । ତାର ଆଉ ଧୈର୍ଯ୍ୟ ରହିଲା ନାହିଁ ନୀରବରେ ସବୁ ସହିବା ପାଇଁ । ସେ ବିଚଳିତ ହୋଇ ଉଠିଲା । ଯେଉଁଠି ଟିକେ ଶାନ୍ତି ପାଉଥିଲା, ସେଠାରୁ ତାକୁ ଛଡ଼ାଇ ଆଣିଲା ଏଇ ନିର୍ଦ୍ଦୟ ସମାଜ । ଆଉ ଏଠି ସେ ବହନ କରି ଚାଲିଛି ଅଶାନ୍ତିର ପାହାଡ଼ । କି ପାପ ସେ କରିଛି ? କାହିଁକି ସେ ଏମିତି ଅଶାନ୍ତି ଅନଳରେ ତିଳ ତିଳ ହୋଇ ଦଗ୍ଧ ହେବ ! ତାର କଣ କିଛି ଅଧିକାର ନାହିଁ ଶାନ୍ତିରେ ରହିବା ପାଇଁ ?

ବିନୋଦ ଥିଲା, ସେ ବି ନାହିଁ, ତାକୁ ତାଠାରୁ ଏତେ ଦୂରରେ ରଖି ଦିଆ ଯାଇଛି ଯେ ସେ ହୁଏତ ଜୀବନ ସାରା ଖୋଜି ପାଇବ ନାହିଁ । ତା' ନିକଟରେ ପହଞ୍ଚି ପାରିବ ନାହି ।

ସେ ପୁରୁଷ ନୁହେଁ, ନାରୀ । ସେ ଅସାଧାରଣ ନୁହେଁ, ସାଧାରଣ । ସାଧାରଣ ନାରୀର ସମସ୍ତ ଦୁର୍ବଳତା ତା ନିକଟରେ ଅଛି । ସାଥୀ ଖୋଜିବା ପ୍ରବୃତ୍ତି ମଧ୍ୟ ସେହି ଦୁର୍ବଳତା ମଧ୍ୟରୁ ଗୋଟିଏ !

କିନ୍ତୁ ଯାହାକୁ ତାର ଜୀବନ ସାଥୀ କରି ଦିଆଯାଇଛି ସେ ମଧ୍ୟ ତାଠାରୁ ଦୂରରେ । ସେ ସାହସ ଓ ଶକ୍ତି ସଞ୍ଚୟ କଲା ଏ ସବୁ ସମାଧାନ କରିବା ପାଇଁ ।

କିନ୍ତୁ ଅମିୟ ଶେଷରେ ଯାହା କହିଲା, ତାହା ଶୁଣି ସେ ହତବାକ୍ ହୋଇଗଲା । ସେ କିଛି ଠିକ୍ କରି ପାରିଲା ନାହିଁ ହଠାତ୍ । ବର୍ତ୍ତମାନ ସେ କଣ କରିବ ? କୁଆଡ଼େ ଯିବ ?

ବିନୋଦ !

ସେଇ କେବଳ ତାର ଆଧାର । ସେଇ କେବଳ ତାକୁ ଏଇ ଅଶାନ୍ତିରୁ ରକ୍ଷା କରିପାରେ । ସେ ଯିବ ବିନୋଦ ପାଖକୁ । କାହାକୁ ଭୟ କରିବ ନାହିଁ ସେ । ଅମିୟ ଯେତେବେଳେ ତାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛି, ସେତେବେଳେ ଆଉ କାହାକୁ ଭୟ କରିବ ସେ କାହିଁକି ? ତା ଆଗରେ ତା ଗନ୍ତବ୍ୟପଥ ପରିଷ୍କାର ହୋଇଗଲା ।

ମନୋରମା ଭାବାବେଗରେ ଅନାଇଁ ରହିଥିଲା ଦ୍ୱାର ଆଡ଼କୁ । ସେ ଅପେକ୍ଷା କରିଥିଲା ତାର ଅନ୍ତରଙ୍ଗ ବାନ୍ଧବୀ ଚପଳାକୁ ।

ଉତ୍କଣ୍ଠା କ୍ରମଶଃ ବଢ଼ୁଥିଲା ତାର ।

ପାଞ୍ଚ, ଦଶ, ପନ୍ଦର ହୋଇ ତିରିଶ ମିନିଟ ବିତିଗଲା । ତେବେବି ଚପଳା ଦେଖା ନାହିଁ । ସେ ବିଚଳିତ ହୋଇ ଉଠିଲା । ଚପଳା ପାଇଁ ସେ ଯେତେ ବିଚଳିତ ହେଉ ନଥିଲା ବେଶି ବିଚଳିତ ହେଉଥିଲା ଅମିୟ ପାଇଁ । ଅମିୟକୁ କହିଥିଲା ସେ ଠିକ୍ ପାଞ୍ଚଟାରେ ଯିବ ବୋଲି । ସେ ହୁଏତ ପାଞ୍ଚଟାରୁ ଅପେକ୍ଷା କରି ବିବ୍ରତ ହୋଇ ପଡ଼ିଥିବ । ଆଉ ସେ ଏଣେ ଚପଳା ପାଇଁ ଅପେକ୍ଷା କରି ବସିଛି ।

କଣ ଭାବୁଥିବ ଅମିୟ ? ମନୋରମା କଥାର କିଛି ମୂଲ୍ୟ ନାହିଁ ବୋଲି ହୁଏତ ସେ ଭାବୁଥିବ । ନା, ସେ ସେମିତି ନୁହନ୍ତି । ସେ ଅପେକ୍ଷା କରିବେ ତା' ପାଇଁ । କିନ୍ତୁ ତାର ଭାବନା ଯଦି ଠିକ୍ ହୁଏ ତେବେ··· ?

ଏ ସବୁ ଚପଳା ଯୋଗୁଁ ହେବ ସିନା—ତାର ଅନ୍ତରଙ୍ଗ ବାନ୍ଧବୀ ଚପଳା !

କିନ୍ତୁ ସେ କିଣ ସତରେ ସେମିତି ତାଙ୍କୁ ଅବିଶ୍ୱାସୀ ବୋଲି ଭାବିବେ ? ଦୂରଦର୍ଶୀ ହୋଇ ଅଦୂରଦର୍ଶୀ କିପରି ହେବେ ସେ ? କ୍ଷଣକ ପାଇଁ ହେଲେ ବି ମନୋରମାର ମନରେ ସନ୍ଦେହ ଉଙ୍କି ମାରିଲା ।

ଝରକା ଦେଇ ପୁଣି ଜିଜ୍ଞାସୁ ଦୃଷ୍ଟିରେ ଚାହିଁଲା ରାସ୍ତା ଉପରକୁ । ତାର ମୁହଁରେ ହସ ଫୁଟିଉଠିଲା । ଚପଳା ତା' ସ୍ୱାମୀ ରବିବାବୁଙ୍କ ସାଙ୍ଗେ ଆସୁଛି ।

ସେ ତା' ସଙ୍ଗେ ମୋଟେ କଥା ହେବନାହିଁ ବୋଲି ଠିକ୍ କରି ଖଣ୍ଡିଏ ବହି ଧରି ପଲଙ୍କ ଉପରେ ଶୋଇପାଇ ପଢ଼ିବାକୁ ଲାଗିଲା କୃତ୍ରିମ ଆଗ୍ରହ ସହକାରେ ।

ଚପଳା ଆସି ତା' ବହିଟିକୁ ଟାଣି ଆଣି ଫିଙ୍ଗି ଦେଇ ହସିଦେଲା । କହିଲା ମୁଁ ଜାଣେ ମନୁ, ତୁ ନିଶ୍ଚୟ ମୋ ଉପରେ ରାଗିଥିବୁ । କିଣ କରିବି କହ । ତାଙ୍କର ଅଫିସରୁ ଫେରିବା ପରା ଡେରି ହେଲା, ମୁଁ କିଣ କରନ୍ତି ?

ମନୋରମା କିଛି ନକହି ଅନ୍ୟଆଡ଼େ ମୁହଁ ବୁଲେଇ ନେଲା ।

'ମୋ ସୁନା ନଣନ୍ଦଟି ପରା, ମୋର ଏଥିରେ କିଣ ଭୁଲ୍ ହେଲା ଯେ ମୋ ଉପରେ ରାଗୁଛୁ ?'

'ନା, ତୋର କାହିଁକି ଭୁଲ ହେବ, ଭୁଲ୍ ତ କରିଛନ୍ତି ରବିଭାଇ, ତୋ ଭଳି ଜଣେ ଅଳସୁଆ ବେପରୁଆ ଝିଅକୁ ବାହା ହୋଇ, ହୁଁ...... ।' ମନୋରମା କୃତ୍ରିମ ରାଗରେ କହିଲା ।

'ଅଚ୍ଛା ବାବା', ମୋର ଭୁଲ୍ ହୋଇଛି । ଏଣିକି ଭୁଲ୍... ।'

'ମୋ ସୁନା ଭାଉଜଟି ଲୋ ତୁ, ରାଗିବୁନି ଚପଳା ସେମିତି କହିଲା ବୋଲି । ଅଚ୍ଛା ଟିକିଏ ଭାବିଲୁ ଦେଖି ଏତେ ଡେରି ହେବା ଦେଖି ସେ କିଣ ଭାବୁଥିବେ ?' ମୋହିନୀ ଦୃଷ୍ଟିରେ ଥରେ ଚପଳାକୁ ଚାହିଁ ସାମାନ୍ୟ ହସି ଦେଲା ମନୋରମା ।

'ସେ ଯାହା ଭାବିଲେ ବି କିଛି ଯାଏ ଆସେ ନା । କିନ୍ତୁ ଏହା ନିଶ୍ଚିତ କଥା ଯେ ସେ ତୋ ଉପରେ କଦାପି ରାଗି ନଥିବେ । ଆଉ ଯଦି କିଛି କୈଫିୟତ ଦେବାକୁ ପଡ଼େ ତା ହେଲେ ମୁଁ ଦେବି । ସେଥିପାଇଁ କାହିଁକି ବ୍ୟସ୍ତ ହେଉଛୁ ?'

ଆଳାପ କରି କରି ସେମାନେ ତଳ ମହଲକୁ ଆସିଲେ, ଯେଉଁଠି ରବି ବସିଥିଲା ।

ସେ ଦୁହିଁଙ୍କୁ ଦେଖି ରବି ସାଙ୍ଗେ ସାଙ୍ଗେ କହିଲା, 'ଆମର ଆସିବା ବାସ୍ତବିକ ଖୁବ୍ ଡେରି ହୋଇଗଲା । ସେଥିପାଇଁ ଆମ ଉପରେ ରାଗୁନାହାନ୍ତି ତ ମନୁ ?'

ମନୋରମା ରବିକୁ ନମସ୍କାର କରି କହିଲା, 'ଏଇ ଦୁଷ୍ଟିଟା ଯୋଗୁଁ ଯାହା ଡେରି ହୋଇଥାନ୍ତା ତେବେ କଷ୍ଟମୁଁ ପାଇଥାନ୍ତି ରବିଭାଇ ।'

ଚପଳା ସାମାନ୍ୟ ଗମ୍ଭୀର ହୋଇ କହିଲା, 'ଯେଉଁ ଭାଇଟି ପାଇଛୁ ଆଉ କହିଲେ ନସରେ । ସେଥିପାଇଁ ତାଙ୍କୁ ସାତଖୁଣ ମାଫ୍ ।

'ସେଇ ଭାଇଙ୍କୁ ପାଇବା ପାଇଁ ଗତ ଜନ୍ମରେ କେତେ ତପସ୍ୟା ତୁ ନକରିଥିବୁ ଯେ ।' ହସିଲା ମନୋରମା ।

'ହିଅର, ହିଅର !! ରବି ସମର୍ଥନ କଲା ଖୁବ୍ ଜୋର୍‌ରେ ପାଟି କରି ।

'ଦେଖୁଛୁ ତମ ଭାଇ ଭଉଣୀ ଦୁହିଁଙ୍କୁ ଆଉ ପାରି ହେବନି । ଚପଳା ମଧ୍ୟ ହସିଲା ।

ତିନିହେଁ ଆସି ପହଞ୍ଚିଲେ ଅମିୟ ରୁମ୍ ନିକଟରେ ।

ଅମିୟ ସେତେବେଳେ ତନ୍ମୟ ହୋଇ ଗୋଟିଏ ଇଂରେଜି ନଭେଲ୍ ପଢ଼ୁଥିଲା ।

'ଆମେ ଭିତରକୁ ଆସି ପାରୁଁ ?' ରବି ବାହାରେ ଥାଇ କହିଲା ଟିକିଏ ଜୋର୍‌ରେ ।

ରବିର କଥାରେ ଅମିୟର ତନ୍ମୟତା ଭାଙ୍ଗି ଗଲା । ସେ ବହିରୁ ମୁହଁ ଦେଇ ଦ୍ୱାର ଆଡକୁ ଚାହିଁ ଦେଖିଲା ସେ ତିନିଙ୍କୁ । ସାଙ୍ଗେ ସାଙ୍ଗେ ଉଠି ଯାଇ ଅତି ବିନମ୍ର ଭାବରେ କହିଲା, 'ଆସନ୍ତୁ ! ସେଠି କାହିଁକି ଠିଆ ହୋଇ ରହିଲେ ?'

ତିନି ଜଣ ଭିତରକୁ ପଶି ଆସିଲେ ।

ମନୋରମା ସେ ଦୁହିଁଙ୍କର ପରିଚୟ କରାଇ ସାରିବା ପରେ କହିଲା, 'କ୍ଷମା କରିବେ, ଆମର ଅନେକ ଡେରି ହୋଇଗଲା ।'

'ସେଥିରେ କଣ ଅଛି ? ମୁଁ ତ ସେମିତି କିଛି ବ୍ୟସ୍ତ ନଥିଲି' କହିଲା ଅମିୟ ।

'ଅଚ୍ଛା ଚାଲନ୍ତୁ ବର୍ତ୍ତମାନ । ଆଉ ଏଠି ବେଶୀ ଆଳାପ କଲେ ଫିଲ୍ମଟି ପୂରା ଉପଭୋଗ କରି ହେବ ନାହିଁ । ସୋ ଆରମ୍ଭ ହେବାକୁ ଆଉ ମୋଟେ ପନ୍ଦର ମିନଟ ଅଛି' କହିଲା ରବି ।

ତା'ପରେ ଚାରି ଜଣ ରାସ୍ତା ଉପରକୁ ଉଠି ଆସି ଦୁଇଟି ରିକ୍ସାରେ ଆଗେଇଲେ ପ୍ରଭାତ ସିନେମା ଆଡକୁ ।

ଆଉ ସେତେବେଳେ ମନୋରମାର ମନ ଆନନ୍ଦରେ ଉଡି ବୁଲୁଥାଏ କେଉଁ ଏକ ଅଜଣା ରାଇଜରେ···

ସନ୍ଧ୍ୟା···

ଅମିୟ ବସିଥାଏ ଝରକା ନିକଟରେ ତାର ଖଣ୍ଡିଏ ସଦ୍ୟ ପ୍ରକାଶିତ ଉପନ୍ୟାସ ଧରି । ସେ ଭାବୁଥିଲା । ଓଠରେ ଥିଲା ଖଣ୍ଡିଏ ସିଗାରେଟ୍ ଆଉ ସେଇ ସିଗାରେଟ୍‌ର ଧୂଆଁରେ ବାତାବରଣଟି କ୍ରମଶଃ ଧୂମମୟ ହୋଇ ଉଠୁଥିଲା ।

ହଠାତ୍ ମନୋରମା ପଶି ଆସିଲା ବଖରା ଭିତରକୁ ତାର ବିନା ଅନୁମତିରେ । ଅମିୟର ମୋଟେ ସେଇ ଆଡକୁ ଦୃଷ୍ଟି ନାହିଁ ।

'ଅମିୟ ବାବୁ !' ··ମନୋରମା ଡାକିଲା ।

ଅମିୟର ଭାବନା ଭାଙ୍ଗିଗଲା । ସେ ଉପରକୁ ଦୃଷ୍ଟି ଉଠାଇ ଚାହିଁଲା । ତା'ପାଖରେ ମନୋରମା ଠିଆ ହୋଇଛି ।

'ବସ ମନୁ !···ଅମିୟ କହିଲା ସିଗାରେଟ୍‌କୁ ଓଠରୁ କାଢ଼ିଆଣି ।

ମନୋରମା ବସିଗଲା ତା' ନିକଟରେ ।

'ତମେ କେତେବେଳୁ ଆସି ସେମିତି ଠିଆ ହୋଇ ରହିଛ ମୁଁ ମୋଟେ ଜାଣି ପାରି ନାହିଁ ।'

'ଏବେ ତ ଆସିଲି । ଅଚ୍ଛା ଆପଣ କଣ ଭାବୁଥିଲେ ?'

'ନା କିଛି ଭାବୁ ନଥିଲି ତ !'

'ମିଛ କହୁଛନ୍ତି । ସବୁବେଳେ ଆପଣ କିଛି ନା କିଛି ଭାବ ବସିଥାନ୍ତି କଣ ଏତେ ଭାବୁଛନ୍ତି କହନ୍ତୁତ ?'...ଲଳିତ କଣ୍ଠରେ ପଚାରି ମନୋରମା ।

ଅମିୟ ଅସ୍ଥିର ହେଲା ଆଜିର ମନୋରମାକୁ ଦେଖି । ଆଜି ମନୋରମା ଏବଂ ପୂର୍ବର ମନୋରମା ଭିତରେ ବହୁତ ପାର୍ଥକ୍ୟ ସେ ଦେଖିବାକୁ ପାଇଲା । ସାମାନ୍ୟ ହସି କହିଲା, 'ମୁଁ ବି ଜାଣେନି କଣ ଭାବୁଛି କେତେବେଳେ ଘର କଥା ମନେ ପଡେ ଆଉ କେତେବେଳେ ଏଠିକାର କଥା ଭାବେ । ଆଉ ତୁଳନା କରେ ତୁମର ବ୍ୟବହାର ସାଙ୍ଗେ ଅନ୍ୟମାନଙ୍କର ସତ କହୁଛି ମନୋରମା...'

'ମନୋରମା ନୁହେଁ—ମନୁ...' ଅମିୟର କଥାରେ ବାଧା ଦେଇ ଝଟକେ କହିଦେଇ ଗଲା । ସେ ଅମିୟର ମୁହଁରୁ 'ମନୁ' ଶୁଣିବାକୁ ଚାହେଁ । ଆପଣ ବଦଳରେ 'ତୁମେ' ଶୁଣିବାକୁ ଚାହେଁ । ସେଥିରେ ତାର ଅସୀମ ଆନନ୍ଦ । ସେଥିରେ ଅନୁଭବ କରେ ମନୋରମା । ଦୂରରେ ଥିଲେବି ନିକଟରେ ଥିଲାଭଳି ଲାଗେ ତାକୁ । ସେ ଚାହେଁ ଅମିୟତା—ନିବିଡ଼ ମମତା ।

ଅମିୟ କିଛି ସମୟ ଚାହିଁଲା ମନୋରମାର ମନୋରମ ମୁହଁକୁ । ସେ ଖୁସି ହେଲା ତାର ଆନ୍ତରିକତାରେ । ତା'ପରେ କହିଲା, ଆଜି ତୁମଠାରୁ ଗୋଟିଏ ଉତ୍ତର ଚାହେଁ ମନୁ ।'

ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁଲା ମନୋରମା ।

'ମୋର ଆନନ୍ଦ ପାଇଁ ମୋର ସୁଖ ପାଇଁ ତମେ ଏତେ ବ୍ୟସ୍ତ କାହିଁକି କହି ପାରିବ ?'...ପଚାରିଲା ଅମିୟ କିଛିକ୍ଷଣର ନୀରବତା ପରେ ।

ପ୍ରଶ୍ନ ଶୁଣି ମନୋରମା ହତଭମ୍ବ ହେଲା । ସେ କଣ ଉତ୍ତର ଦେବ କିଛି ଠିକ୍ କରି ପାରିଲା ନାହିଁ । ମୁହଁ ଉପରକୁ ଉଠାଇ ଦେଖିଲା ଅମିୟର ଶାନ୍ତ ସୁନ୍ଦର ମୁହଁକୁ । ଉତ୍ତର ଦେବାକୁ ତା' ନିକଟରେ କିଛି ଭାଷା ନଥିଲା ।

ବାହାରେ ଅନ୍ଧାର ଆଉ ଆଲୁଅର ସମିଶ୍ରଣରେ ଗୋଟିଏ ନିର୍ଜନ ବାତାବରଣ ସୃଷ୍ଟି କରିଥିଲା ସେତେବେଳେ । ସୁରଚି ଅନ୍ କରିବାକୁ

କାହାର ଖିଆଲ ନାହିଁ । ଆକାଶର ଅଗଣିତ ତାରାଗୁଡ଼ିକର କ୍ଷୀଣ ଆଲୋକରେ ପରସ୍ପରକୁ ଦେଖିପାରୁଥିଲେ ସେ ଦୁହେଁ ।

ସେଇ କ୍ଷୀଣ ଆଲୋକର ନିର୍ଜୀବ ବାତାବରଣ ଭିତରେ ଦୁଇଟି ଯୌବନର ଯନ୍ତ୍ର ଆଉ ଆଗକୁ ବଢ଼ିବାକୁ ସମର୍ଥ ହୋଇ ପାରୁନଥିଲା ।

'କହୁଚନି ମନୁ ?' ତାର ନୀରବତା ଦେଖି ଅମିୟ ପୁଣି ପଚାରିଲା ।

ମନୋରମାର ମୁହଁ ଫିକା ପଡ଼ିଗଲା । ସତେ ତ ସେ ଏତେ ବ୍ୟସ୍ତ କାହିଁକି ଅମିୟ ପାଇଁ ?

ଅମିୟ ସାମାନ୍ୟ ହସିଲା । ତା'ପରେ ମନୋରମାର ଡାହାଣ ହାତ ମୁଠାକୁ ନିଜ ହାତ ମୁଠାରେ ଧରି କହିଲା, 'ମନୁ, ଜୀବନରେ ମଣିଷ ଅନେକ ଭୁଲ କରିବସେ । ସେ ଜାଣିଥାଏ ଯେ ସେ ଯାହା କରୁଛି ତାହା ଭୁଲ । ତେବେ ବି ସେ ଭୁଲ କରେ । ଭବିଷ୍ୟତକୁ ଭୁଲି ଯାଏ । ଭୁଲ କରି ପୁଣି ଅନୁତାପ କରେ, କିନ୍ତୁ କିଛି ଲାଭ ହୁଏନା ସେତେବେଳେ । ସେ ବହୁ ଦୂରକୁ ଆଗେଇ ଯାଇଥାଏ । ପଛକୁ ଫେରିବାକୁ ଚେଷ୍ଟା କରି ମଧ୍ୟ ସେ ଫେରି ପାରେ ନାହିଁ । ତୁମେ ବି କଣ…'

'ନାହିଁ ଅମିୟ ବାବୁ, ଅନ୍ୟମାନଙ୍କ ପରି ମୁଁ କୌଣସି ଭୁଲ କରିବାକୁ ଯାଉନାହିଁ ।' …ଅମିୟର କଥାରେ ବାଧା ଦେଇ କହିଲା ମନୋରମା । …'ଯଦି ମୁଁ ଭୁଲ ରାସ୍ତା ଧରିଥାଏ ତେବେ ସେଇ ରାସ୍ତାରୁ ମୁଁ ଫେରି ଆସି ପାରିବି ଆପଣଙ୍କ ଆଶୀର୍ବାଦରୁ । ସେ ଭରସା ମୋର ଅଛି ।'

'ତମେ ଜାଣ, ତମେ ଯାହା କରିବାକୁ ଯାଉଛ ତାହା ଭୁଲ ଆଉ ଅସୁନ୍ଦର । ତେବେ ବି ତମେ ଆଗେଇବାକୁ ଚେଷ୍ଟା କରିବା ଅନୁଚିତ ନୁହେଁ କି ?'

'ଭଲ ପାଇବା ଭିତରେ କଣ ସୁନ୍ଦର ଅସୁନ୍ଦର ଥାଏ ଅମିୟବାବୁ ? ଏଇ ସଂସାର ଦୁଇଟି ପ୍ରାଣର ଆନ୍ତରିକ ସ୍ନେହ ମମତାକୁ କେବେ ଭଲ ପାଇନି । ତେବେ ମୋତେ ଯେଉଁଠା ସୁନ୍ଦର ଜଣା ପଡୁଛି ତାହା ଅନ୍ୟମାନଙ୍କ ଦୃଷ୍ଟିରେ ଅସୁନ୍ଦର ଯେ ଦେଖା ଦେବ ଏଥିରେ ତ କୌଣସି ମାନେ ନାହିଁ ।

'ତାକୁ ସହି ପାରିବ ମନୁ ?'

'ସହ୍ୱ ପାରୁବ ବୋଲତ ଆଗେଇ ପିବାକୁ ଚେଷ୍ଟା କରୁଛ ?'

ଅମିୟ ସ୍ତବ୍ଧ ହୋଇଗଲା ତାର ଉତ୍ତର ଶୁଣି । ଆଉ ତା ସାଙ୍ଗେ ସାଙ୍ଗେ ସେ ଦେଖିଲା ମନୋରମାର ସହଜ ଦେହଶ୍ରୀ । ଆବେଗରେ ମନୋରମାକୁ ଧରି ଡାକିଲା 'ମନୋରମା'…

'ଉଁ ହୁଁ—ମନୋରମା ନୁହେଁ, ମନୁ ।' ଓଠରେ ଅନନ୍ଦର ଗୋଟିଏ ଫେଣ୍ଟ ହସ ନଚେଇଲା ମନୋରମା ।

ମନୋରମାର ମୁହଁକୁ ଦୁଇ ହାତରେ ଉଠାଇ ଅମିୟ ଦେଖିଲା ଆଉ ତା ସଙ୍ଗେ ସଙ୍ଗେ ସେ ଠିକ୍ କରି ନେଲା ଯେ ମନୋରମାକୁ ସେ ନିଜର କରିନେବ ସମସ୍ତ ଝଡଝଞ୍ଜାକୁ ପଛରେ ପକାଇ ।

ସମୟ ସମୟରେ ମଣିଷ ଜୀବନରେ ଏପରି ଏକ ମୁହୂର୍ତ୍ତ ଆସି ପହଂଚେ ଇଚ୍ଛା କରି ସେ ମଧ୍ୟ ସେଇ ସୁଖ ଦୁଃଖର ମୁହୂର୍ତ୍ତରୁ ନିଜକୁ ବଞ୍ଚାଇ ପାରେ ନାହିଁ । ସେଇ କେତୋଟି ମୁହୂର୍ତ୍ତରେ ସେ ସଂସାରକୁ ଭୁଲି ଯାଏ । ନିଜର ଅସ୍ତିତ୍ୱକୁ ମଧ୍ୟ ପାଶୋରି ପକାଏ । ସେ ଦେଖି ପାରେନା କିଛି । ଆଖି ଥାଇ ମଧ୍ୟ ସେ ଅନ୍ଧ ପାଲଟି ଯାଏ । ତା ଦୃଷ୍ଟିରେ ସେତେବେଳେ ସୁଖ ଦୁଃଖ, ନ୍ୟାୟ ଅନ୍ୟାୟ, ପାପ ପୁଣ୍ୟ, ସବୁ ଏକ ହୋଇଯାଏ ।

ସେଇ ଅନ୍ଧାର ଭିତରେ ଦୁଇଟି ଯୌବନର ମିଳନ । ଛାତିରେ ଛାତି । ମୁହଁରେ ମୁହଁ । ବାସ୍ ହେଜିଛି । ପ୍ରାଣର ମୋହ । ପ୍ରେମର ମାୟା ।

ଦୁହେଁ ଦୁହିଁଙ୍କଠାରୁ ଅଲଗା ହୋଇ ପାରିଲେ ନାହିଁ । ଜୀବନ ଓ ଯୌବନର ପ୍ରେରଣାରେ ନିଜ ନିଜର ଅସ୍ମାକୁ ବଳି ଦେବାକୁ ବଦ୍ଧପରିକର ହେଲେ ସେ ଦୁହେଁ । ଅନ୍ଧାର ପ୍ରତିକୋଷ୍ଠର ନୀରବତା ଭିତରେ ଦୁହେଁ ଆଗେଇଗଲେ ବହୁ ଦୂରକୁ ।……

ବୀଣାଦେବୀ ଅଚେତ ପଡ଼ିଥିଲେ ତନ୍ମୟ ହୋଇ । ଶଙ୍କରବାବୁ ନୀରବରେ ଆସି ଠିଆ ହୋଇଲେ ତାଙ୍କ ନିକଟରେ । ମୁହଁରେ ଗାମ୍ଭୀର୍ଯ୍ୟର ଦୃଢ଼ ଅଭିବ୍ୟକ୍ତି । ତୋଫାନ ଆସିବା ପୂର୍ବରୁ ସାଗର ଛାତି ଯେପରି ଗମ୍ଭୀର ହୋଇ ରହେ, ଠିକ୍ ଶଙ୍କରବାବୁଙ୍କର ଅବସ୍ଥା ସେଇ ଧରଣର ।

ଶଙ୍କରବାବୁଙ୍କ ଆଖିରୁ ଯେମିତି ଅଗ୍ନିଶିଖା ବାହାରୁଛି । ପୂର୍ବପରି ଗାମ୍ଭୀର୍ଯ୍ୟ ରଖି ପଚାରିଲେ 'ମନୁ କୁଆଡ଼େ ଯାଇଛି ?'

ବୀଣାଦେବୀ ଭାଗବତ ଉପରୁ ଦୃଷ୍ଟି ଉଠାଇ ସ୍ୱାମୀଙ୍କୁ ଚାହିଁଲେ । କିଛି ସମୟ ନିଜକୁ ସଂଯତ କରି ନେଇ କହିଲେ—'କୁଆଡ଼େ ବୁଲିବାକୁ ଯାଇଥିବ । କାହିଁକି କଣ କହିବାକୁ ଥିଲକି ?' ସାମାନ୍ୟ ହସିଲେ ସେ ।

ପୁରୁଷର ହୃଦୟରେ ଯେଉଁ ହିଂସ୍ର ପଶୁ ଲୁଚି ରହିଥାଏ ତାହା ନାରୀର ସାମାନ୍ୟ ହସରେ ମୂଷାଛୁଆ ପାଲଟି ଯାଏ । ଶଙ୍କରବାବୁଙ୍କର ସେଇଆ ହେଲା । ସେ ଆସିଥିଲେ ଛାତିକୁ ପଥର କରି । କିନ୍ତୁ ବୀଣାଦେବୀଙ୍କର ଲୋଭଣୀୟ ହସରେ ସେଇ ପଥରଟି ତୁଳା ପାଲଟିଗଲା । ସେ କିଛି ସମୟ ନୀରବ ରହି ପୁଣି ପଚାରିଲେ, 'ସତକୁହ ମନୁ ସାଙ୍ଗେ ଆଉ କିଏ ଯାଇଛି ?'

ବୀଣାଦେବୀ ବୁଝି ପାରିଲେ ଯେପରି ଆଜି ତାଙ୍କର ନାରୀତ୍ୱ ଶଙ୍କର ବାବୁଙ୍କର ପୌରୁଷ ନିକଟରେ ହାରି ମାନିବ । ତେବେବି ସେ ସାହସ ବାନ୍ଧି କହିଲେ, 'ଆଜିକାଲି ମୁଁ ଦେଖୁଛି ତମେ ବଦଳି ଯାଉଛ । କାହିଁକି ତମେ ମନୁକୁ ସନ୍ଦେହ କରୁଛ ? ସେ ତ ଆଉ ଛୋଟ ପିଲାଟେ ହୋଇନି ଯେ ତା ଉପରେ ସବୁବେଳେ ଦୃଷ୍ଟି ରଖିବ । ବି. ଏ. ପଢ଼ୁଛି ସେ ।'

'ଏତେ ଓଲଟ ପାଲଟ କରି କଥା ଗୁଡ଼ାକ କୁହ ନାହିଁ ବୀନା । ମୋ ପ୍ରଶ୍ନର ଠିକ୍ ଉତ୍ତର ଦିଅ ।'

'ମୁଁ ଜାଣେ ମନୁ ଚପଳା ସାଙ୍ଗରେ ଯାଇଛି ।'

ତମେ ସବୁ ଜାଣି ମଧ୍ୟ ନଜାଣିଲା ପରି ରହୁଛ । ଦେଖ ବୀନା, ମନୁ ଯେଉଁ ରାସ୍ତାରେ ଯାଉଛି ତାହା ଭଲ ନୁହେଁ । ତମେ ତାର ମା' ହୋଇ କେମିତି ଯେ ଏତେଟା ପ୍ରଶ୍ରୟ ଦେଉଛ ମୁଁ ବୁଝି ପାରୁନି । ମନୁର ବାହାଘର ଠିକ୍ ହୋଇ ସାରିଛି । ତମର ମତ ଅନୁଯାୟୀ ମୁଁ ଠିକ୍ କରିଛି ତାର ବାହାଘର । ବର୍ତ୍ତମାନ ଯଦି ସେ ସମ୍ବନ୍ଧଟି ଭାଙ୍ଗିଯାଏ ତେବେ ଜାଣ ତାର ଭବିଷ୍ୟତ କଣ ହେବ ? ସେ ସବୁଦିନ ପାଇଁ ଏମିତି କୁମାରୀ ହୋଇ ରହିଥିବ । ବଂଶରେ କାଳିମା ବୋଳିବ । ଆମେ ଆଉ କାହା ଆଗରେ ମୁହଁ ଉଠାଇ ପାରିବା ନାହିଁ । ମୁଁ ଜାଣେ, ଅମିୟ ଭଲ ପିଲା । ପଢ଼ିଛି । କିନ୍ତୁ କେହି

ଜାଣନ୍ତି ନାହିଁ ସେ କାହାର ପୁଅ, କେଉଁଠୁ ଆସିଛି, କଣ କରୁଛି । ତାର ଜାତି କଣ, ଧର୍ମ କଣ ଏ ସବୁ ବିଷୟରେ ଆମେ ମଧ୍ୟ ଜାଣୁ ନାହିଁ । ଏସବୁ ଅନୁଭବ କରୁଥାଇ ସୁଦ୍ଧା ଆମେ ମନୁକୁ ଅମିୟ ସାଙ୍ଗେ ମିଶିବା, ବୁଲିବା ପାଇଁ ପ୍ରଶ୍ରୟ ଦେବା କଣ ଠିକ୍ ହେବ କି ?'

ବୀଣାଦେବୀ ନିର୍ବାକ ହୋଇ ରହିଗଲେ । ସେ କେବଳ ଗୋଟିଏ ଦୃଷ୍ଟିରେ ଚାହିଁ ରହିଥିଲେ ଶଙ୍କରବାବୁଙ୍କୁ ।

'ମୁଁ ସବୁ ଠିକ୍ କରିଛି, ମନୁ ଆଜି କାଲିଠାରୁ କଲେଜକୁ ଯିବ ନାହିଁ । ସେ ଘରୁ ବାହାରକୁ ଯାଇ ପାରିବ ନାହିଁ । ଯଦି ସେ ଘରୁ ପାଦ କାଢ଼େ ତେବେ ତାର ଭବିଷ୍ୟତ ମାଟି ହୋଇଯିବ ଆଉ ସେଥିପାଇଁ ତମେ ଦାୟୀ ।' କହିଦେଇ ଶଙ୍କରବାବୁ ସେଠାରୁ ଚାଲିଗଲେ ଦ୍ରୁତ ପଦକ୍ଷେପରେ ।

ବୀଣାଦେବୀ ବୁଝି ପାରିଲେ ସବୁ କଥା ଆଉ ମନେ ମନେ ସ୍ୱାମୀଙ୍କର ମତକୁ ସମର୍ଥନ କଲେ । କିନ୍ତୁ ସେ ଅବା କରିବେ କଣ ବର୍ତ୍ତମାନ ? ସେ ଜାଣନ୍ତି, ନାରୀର ହୃଦୟ ବାଲୁକା । ତାର ପ୍ରେମ ନଦୀ ସ୍ରୋତ ପରି ଚଞ୍ଚଳ ; ସେଇ ସ୍ରୋତ କୌଣସି ପ୍ରକାର ଆଘାତକୁ ଡରେ ନାହିଁ । ମନୋରମାର ଅମିୟ ପ୍ରତି ଆକର୍ଷଣ ଏଇ ଚଞ୍ଚଳ ସ୍ରୋତ ପରି ଅଙ୍କା ବଙ୍କା ହୋଇ ଉଠିଛି । ଏପରି ପରିସ୍ଥିତିରେ ମନୋରମାକୁ ଯଦି କିଛି କୁହାଯାଏ ତେବେ ସେ କଣ ନା କଣ କରି ବସିବ । ହୁଏତ ଚଞ୍ଚଳମନା ଯୁବତୀ ପ୍ରେମରେ ଅଧୀର ହୋଇ ନିଜର ଆତ୍ମାକୁ ବଳି ମଧ୍ୟ ଦେଇପାରେ । ଭାବିଲାବେଳେ ବୀଣାଦେବୀ ଶିହରି ଉଠିଲେ । ପୁଣି ସେ ଭାବିଲେ ସ୍ୱାମୀଙ୍କୁ କହିବେ ମନୋରମାର ଯେଉଁ ବିବାହ ସମ୍ବନ୍ଧ ଠିକ୍ ହୋଇ ସାରିଛି ତାକୁ ଭାଙ୍ଗି ଦେଇ ଅମିୟ ସାଙ୍ଗେ ତାର ବିବାହ ଦେବାକୁ । କିନ୍ତୁ ତାଙ୍କର ଜାତୀୟ ସଙ୍କୀର୍ଣ୍ଣତା ଏହି ବିବାହରେ କେବେହେଲେ ସମ୍ମତ ହେବନି । ଏହା ବି ସେ ଜାଣନ୍ତି । ଏପରି ପରିସ୍ଥିତିରେ ତାଙ୍କର କର୍ତ୍ତବ୍ୟ କଣ ସେ ମୁହୂର୍ତ୍ତ ମୁହୂର୍ତ୍ତ ଭାବିବାକୁ ଲାଗିଲେ ।

ସନ୍ଧ୍ୟାବେଳେ ପାର୍କରୁ ଫେରି ମନୋରମା ଦେଖିଲା ଘରେ ଏକ ପ୍ରକାର ବିଚିତ୍ର ନୀରବତା ଖେଳି ଯାଇଛି । ପ୍ରଥମେ ସେ ବୁଝି ପାରିଲା ନାହିଁ କିଛି । ତାର ବାପା କିମ୍ବା ମା' କେହିହେଲେ କିଛି ପଚାରିଲେ ନାହିଁ ତାକୁ ଆଜି । ସବୁଦିନ ସେ ସନ୍ଧ୍ୟାବେଳେ ଫେରିଲେ ତାର ବାପା ଆଦର କରି କେତେ କଥା ପଚାରନ୍ତି । କିନ୍ତୁ ଆଜି···

ମନରେ ତାର ଗୋଟିଏ ନୂଆ ଦ୍ୱନ୍ଦ୍ୱ ସୃଷ୍ଟି ହେଲା । ଅନେକ ପ୍ରକାର ଅଦ୍ଭୁତ ଭାବନା ମନ ଭିତରେ ଉଙ୍କି ମାରିଲା । ଖୁବ୍ ବ୍ୟସ୍ତ ହୋଇ ଉଠିଲା ସେ । ମା'ଙ୍କର ଉଦାସ ଚେହେରା, ବାପାଙ୍କର ବିଚିତ୍ର ବ୍ୟବହାର ତାର କୋମଳ ହୃଦୟକୁ ଆଘାତ ଦେଲା ।

ସ୍ଥିର କଲା ସେ ଯିବ ଅମିୟ ନିକଟକୁ ଏବଂ ଗୋଟିଏ କିଛି ନିଷ୍ପତ୍ତି କରିବ ଏଇ ସବୁ ସମସ୍ୟାର ।

ତାହାହିଁ କଲା ସେ ।

ଅର୍ଦ୍ଧ ରାତି । ସେ ଆଗେଇଲା ଅମିୟର ବଖରା ଆଡକୁ । କେତେବେଳେ କେମିତି ଦେହ ତାର ଥରି ଉଠୁଥାଏ ଭୟରେ । ତେବେବି ସେ ନିଃସଙ୍କୋଚରେ, ନିର୍ଭୟରେ ପାଦ ବଢ଼ାଇଲା କୋଡିଏ ନମ୍ବର ବଖରା ଆଡକୁ ମନ ଭିତରେ ଅଦମ୍ୟ ସାହସ ସଞ୍ଚୟ କରି ।

ସେ ପହଞ୍ଚିଲା ଅମିୟର ବଖରା ନିକଟରେ । ଅନ୍ଧାରରେ ତାକୁ କିଛି ଦେଖା ଯାଉ ନଥାଏ । ସେ କବାଟରେ ହାତ ଦେଇ ଦେଖିଲା ଦ୍ୱାର ଖୋଲା ଅଛି । ଅମିୟକୁ ଡାକିଲା । କିନ୍ତୁ କୌଣସି ପ୍ରତ୍ୟୁତ୍ତର ପାଇଲା ନାହିଁ, ଉତ୍କଣ୍ଠା ବଢ଼ିଲା ତାର ।

ଅମିୟ ବାବୁ !···ଆଉ ଟିକିଏ ଜୋର୍ ଦେଲା ଡାକରେ ।

ପୁଣି ସେଇ ନୀରବତା, ନିସ୍ତବ୍ଧତା ।

ସେ ଯେତିକି ଜୋର୍ ଦେଇ ଡାକୁଥିଲା ସେତିକି ଆଶଙ୍କା ବଢୁଥିଲା ତା ମନରେ ।

ଶେଷରେ ଅସହ୍ୟ ହୋଇ ଉଠିଲା ତା ପକ୍ଷରେ ଏଇ ନିସ୍ତବ୍ଧତା । ସେ ଦ୍ୱାର ଖୋଲି ବଖରା ଭିତରକୁ ପଶିଗଲା ।

ଭିତରେ ଆଲୁଅର ଚିହ୍ନ ସୂଚ୍ଚା ନଥିଲା । କଣରାତି ଅନ୍ଧାରରେ ଅନ୍ଧ ପାଲଟି ଯାଇଛି ଯେମିତି ଆଉ ତା ସଙ୍ଗେ ସଙ୍ଗେ କିଛି ସମୟ ଯାଏଁ ତାକୁ ମଧ୍ୟ ଅନ୍ଧ ପାଲଟି ଯିବାକୁ ହେଲା ।

ସୁଇଚ୍‌ଟି ଖୋଜି ଅନ୍ କଲା । କିନ୍ତୁ ସେଇ ବଖରାରେ କାହାକୁ ଦେଖିବାକୁ ନପାଇ ସେ କିଛି ସମୟ ଯାଏଁ ବିସ୍ମୟରେ ହତବାକ୍ ହୋଇ ରହିଗଲା ।

ଅମିୟ ନଥିଲା ଘର ଭିତରେ ।

ଚାରି ଆଡ଼େ ଥରେ ଦୃଷ୍ଟି ଗଡ଼ାଇ ଆଣିଲାବେଳେ ତାର ପଲକ ହଠାତ୍ ଅଟକି ଗଲା ଟେବୁଲ ଉପରେ ଥିବା ଗୋଟିଏ ବନ୍ଦ ଲଫାଫା ଉପରେ । ସେ ଦୌଡ଼ି ଯାଇ ଗୋଟିଏ ନିଶ୍ୱାସରେ ଲଫାଫାକୁ ଚିରି ପଢ଼ିବାକୁ ଲାଗିଲା ତା' ଭିତରେ ଥିବା ଚିଠିକୁ ।

ଅମିୟ ଲେଖିଛି—

ସ୍ନେହର ମନ୍ନୁ,

ବାଧ୍ୟ ହୋଇ ମୋତେ ଏଠୁଁ ବିଦାୟ ନେଇ ଯିବାକୁ ହେଉଛି ଅପ୍ରତ୍ୟାଶିତ ଭାବେ । ଯିବା ପୂର୍ବରୁ ତମ ସାଙ୍ଗେ ଥରେ ଦେଖା କରିବା ପାଇଁ ସୁଯୋଗ ପାଇନି । ସେଥିପାଇଁ ବାସ୍ତବିକ ମୁଁ ଖୁବ୍ ଦୁଃଖିତ । ମୁଁ ଜାଣେ, ଏପରି ମୋର ହଠାତ୍ ଚାଲିଯିବା ଦେଖି ତମ ମନରେ ଶକ୍ତ ଆଘାତ ହେବ । କିନ୍ତୁ ମୁଁ ନାଚାର ମନ୍ନୁ । ହୁଏତ ତମେ ଭାବିବ ଅଜଯାଏଁ ମୋର ତୁମକୁ ଭଲ ପାଇବା କେବଳ ଛଳନା ଥିଲା । ତାହା ମିଥ୍ୟା । ମୁଁ ବିଶ୍ୱାସଘାତକ । କିନ୍ତୁ ମନ୍ନୁ, ତମେ ଯଦି ଶାନ୍ତ ମନରେ ପରିସ୍ଥିତିକୁ ବିଚାର କରିବ ତେବେ ମୋତେ କେବେହେଲେ ଭୁଲ ବୁଝିବ ନାହିଁ । ଆମର ପ୍ରେମରେ କୌଣସି ଛଳନା ନାହିଁ । ପ୍ରବଞ୍ଚନା ନାହିଁ । ତାହା ସ୍ୱର୍ଗୀୟ । ନିର୍ମଳ ଜଳ ପରି ନିଷ୍କଳଙ୍କ । ଆମର ମିଳନ ଏ ଜନ୍ମରେ ଆଉ ହୋଇ ନପାରେ ହୁଏତ । ତୁମର ସୁଖ ପାଇଁ ମୁଁ କିଛି ହେଲେ କରି ପାରିଲି ନାହିଁ । ତୁମକୁ ଅନେକ କଷ୍ଟ ଦେଇଛି । ମନରେ ତମର ଗୁଡ଼ାଏ ଅଶାନ୍ତି ଆଣିଛି । ସେଥିପାଇଁ ହୁଏତ ମୁଁ କେବେ କ୍ଷମା ପାଇବି ନାହିଁ ।

ଏଇ ବ୍ୟଭିଚାରୀ ଦୁନିଆ ବ୍ୟଭିଚାରକୁ ଭଲ ପାଏ । କିନ୍ତୁ ଦୁଇଟି ନିଷ୍କଳଙ୍କ ହୃଦୟର ଆନ୍ତରିକ ମିଳନକୁ ଘୃଣା କରେ । ଏଇ ତ ସଂସାର !

ତମର ବାପା ମା'ଙ୍କ ମନରେ କଷ୍ଟ ଦେବାକୁ ମୁଁ ଚାହେଁନି । ଆମ ଦୁହିଙ୍କ ମିଳନ ସେମାନେ କେବେହେଲେ କରାଇ ଦେବେନି ।

ମୁଁ କୁଆଡ଼େ ଯିବି କିଛି ଠିକ୍ କରି ନାହିଁ । ଯୁଆଡ଼େ ଗଲେ ବି ତମେ ମୋର ମନ ପ୍ରାଣରେ ସ୍ଥାନ ପାଇଥିବ ମନୁ । ତୁମେ ମୋର । ହୁଏତ ବାପା ମା'ଙ୍କର ବାଧ୍ୟ ବାଧକତାରେ ତମେ ବିବାହ କରିବ । ତମେ ତା' ବିରୁଦ୍ଧରେ ବିଦ୍ରୋହ କରି ପାରିବ ନାହିଁ । ବିଦ୍ରୋହ କରିବାକୁ ତମର ଶକ୍ତି ନାହିଁ । ସାହସ ନାହିଁ । କାରଣ ତମେ ନାରୀ । ତମେ ବିବାହ କରିବ । ସେ ବିବାହରେ ତମେ ସୁଖୀହୁଅ, ଏହା ମୋର କାମନା, ଭଗବାନଙ୍କ ନିକଟରେ ମିନତି ।

ତମର ଆନ୍ତରିକ ପ୍ରେମହିଁ ଆଜି ମୋର ପାଥେୟ ।

ତମର ଅଭାଗା ବନ୍ଧୁ

ଅମିୟ

ଥରେ ନୁହେଁ, ଦୁଇଥର ନୁହେଁ, କେତେ ଥର ଯେ ସେ ଚିଠିଟିକୁ ପଢ଼ିଲା ତାର କଳନା ନାହିଁ । ପଢୁଥିଲାବେଳେ ତା' ଆଖିରୁ ବହି ଯାଉଥିଲା ଲୁହର ଝର ଗୋଟିଏ ।

ବର୍ତ୍ତମାନ ସେ ବୁଝି ପାରିଲା କାହିଁକି ଅମିୟ ଏଠାରୁ ଚାଲିଗଲା । କାହିଁକି ଆଜି ଘରେ ସେଇ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଥିଲା ।

କିଛି ସମୟ ସେ ନୀରବରେ କାନ୍ଦିଲା । ତାର ସମସ୍ତ ଆଶା ଆକାଂକ୍ଷା ମଉଳି ଗଲା । ତାର ସମସ୍ତ କଳ୍ପନା କଳ୍ପନାରେ ହିଁ ରହିଲା । ସେ ବର୍ତ୍ତମାନ କଣ କରିବ କିଛି ସ୍ଥିର କରି ପାରୁ ନଥିଲା । ଅମିୟକୁ ଛାଡ଼ି ସେ କେମିତି ରହି ପାରିବ ? ଅମିୟ ହିଁ ଥିଲା ତାର ଜୀବନ । ଅମିୟ ନାହିଁ । ବଞ୍ଚି ମଧ୍ୟ ଅନୁଭବ କଲା ସେ ଯେପରି ପ୍ରକୃତରେ ବଞ୍ଚି ନାହିଁ ।

ଏମିତି ଅନିଶ୍ଚିତ ଭାବନା ଭିତରେ ସେ କେତେବେଳଯାଏଁ ବୁଡ଼ି ରହିଥିଲା, ତାହା ଜାଣି ପାରି ନଥିଲା ସେ । ଧୀରେ ଧୀରେ ନିଜ ବିଛଣାକୁ ଫେରି ଆସି ପଲଙ୍କରେ ମୁହଁ ମାଡ଼ି କାନ୍ଦି ଚାଲିଲା ହୃଦୟ ଆବେଗରେ ।

କେତେବେଳ ଯାଏ ସେ ଭଢ଼ ଗୁହୁଥିଲା; କେହି ଜାଣି ପାରିଲେନି ତାହା ।

ସେଇ ରାତି ।

କଟକ ରେଲଓ୍ୱେ ଷ୍ଟେସନରେ ଯାତ୍ରୀଙ୍କ ଭିଡ଼ ଆସ୍ତେ ଆସ୍ତେ ବଢ଼ୁଥିଲା । କଲିକତା ଆଡୁ ମେଲ୍ ଆସିବାକୁ ଆହୁରି ଅଧଘଣ୍ଟା ଡେରିଥାଏ ।

ଅମିୟ ଖଣ୍ଡିଏ ଟିକେଟ କଲା ମାଡ୍ରାସକୁ । ପ୍ଲାଟ୍‌ଫର୍ମ ଉପରେ ଠିଆହୋଇ ଅପେକ୍ଷା କରିଥିଲା ମେଲ୍‌କୁ । ଆଉ ଭାବୁଥିଲା କେତେ କଣ । ଆସ୍ତେ ଆସ୍ତେ ତାର ମନ କ୍ଷୁବ୍ଧ ହୋଇ ଉଠିଲା । ଏ ଦୁନିଆଟା ତା' ଆଖିରେ ଗୋଟିଏ ଅବିଶ୍ୱାସର କ୍ରୀଡ଼ାସ୍ଥଳ ପରି ପ୍ରତୀୟମାନ ହେଲା ।

ମେଲ୍ ଆସି ଅଟକି ଗଲା ପ୍ଲାଟ୍‌ଫର୍ମରେ । ସୁଟ୍‌କେସ୍ ଆଉ ବେଡିଙ୍ଗ୍ ଧରି ସେ ଚଢ଼ି ଆସିଲା ଗୋଟାଏ ଥାର୍ଡକ୍ଲାସ କମ୍ପାର୍ଟମେଣ୍ଟ ଭିତରକୁ । ଭାଗ୍ୟକୁ ବସିବା ପାଇଁ ଗୋଟିଏ ସିଟ୍ ପାଇଗଲା ସେ । ଆରାମରେ ବସି ପଡ଼ି ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ିଲା ଅମିୟ ।

ଗାଡ଼ି କଟକ ଷ୍ଟେସନ ଛାଡ଼ିଲା ।

ସେ ଭାବୁଥିଲା ତାର ଅତୀତ; ବର୍ତ୍ତମାନ ଏବଂ ଭବିଷ୍ୟତ । ଅତୀତର କେତୋଟି କଥା ଭାବିଲାବେଳେ ତାର ମନ ଦୁଃଖରେ କାତର ହୋଇ ଉଠୁଥିଲା । ବର୍ତ୍ତମାନର ପରିସ୍ଥିତିକୁ ଭାବିଲାବେଳେ ନିଜକୁ ଜଣେ ହତଭାଗ୍ୟ ବୋଲି ଭାବୁଥିଲା । ଆଉ ଭବିଷ୍ୟତ କାହିଁ କେତେ ଦୂରରେ । ସେ କଳ୍ପନା କରି ପାରୁ ନଥିଲା ତାର ଭବିଷ୍ୟତ ନେଇ । କେମିତି ସେ ଆଗେଇବ ଏଇ ଅତୀତ ଏବଂ ବର୍ତ୍ତମାନର ଅନ୍ଧକାରମୟ ପରିସ୍ଥିତି ଉପରେ ଛିଡ଼ା ହୋଇ ।

'ଆପଣ କେତେ ଦୂର ଯିବେ ?'…

ଅମିୟର ଭାବନା ବାଧାପ୍ରାପ୍ତ ହେଲା ଆକସ୍ମିକ ପ୍ରଶ୍ନରେ । ସେ ଚାହିଁଲା ପ୍ରଶ୍ନକର୍ତ୍ତାଙ୍କୁ । ବୃଦ୍ଧ ଯାତ୍ରୀ ଜଣେ । ସତେଜ ମୁହଁରେ ସରଳତା, ନିଷ୍କପଟତା ଫୁଟି ଉଠୁଥିଲା ତାଙ୍କର । ଅମିୟ କିଛି ସମୟ ତାଙ୍କର ସେଇ ଶାନ୍ତ ମୁହଁକୁ ଦେଖି ଧୀରେ ଉତ୍ତର ଦେଲା; 'ମେଡ୍ରାସ ପାଏଁ ଯିବି ।

'କୌଣସି କାମରେ ଯାଉଛନ୍ତି ବୋଧେ ?'...ପୁଣି ପଚାରିଲେ ସେ ।

'ନା ବିଶେଷ କିଛି କାମରେ ଯାଉନି ।' ଶୁଖିଲା ହସ ଖେଳିଗଲା ତା' ମୁହଁରେ ।

'ତେବେ...?'

'ଏମିତି ଯାଉଛି ନିରୁଦ୍ଦେଶ୍ୟଭାବେ ।'...

'ନିରୁଦ୍ଦେଶ୍ୟ ଭାବେ !'...ଆଶ୍ଚର୍ଯ୍ୟରେ ଚାହିଁଲେ ସେ ଅମିୟକୁ ।

ଅମିୟ ମୁହଁ ତଳକୁ କରି କହିଲା, ସତ କହିଲେ ଚାକିରି ଆଶାରେ ଯାଉଛି ।

'ଚାକିରି ଆଶାରେ ମାଡ୍ରାସ ଯାଉଛନ୍ତି ? ଓଡ଼ିଆ ହୋଇ ଓଡ଼ିଶାରେ ଚାକିରି ପାଇଲେ ନାହିଁ । ଆଉ ଆଶା କରୁଛନ୍ତି ମେଡ୍ରାସରେ ଚାକିରି ପାଇବେ ? ଯେଉଁମାନେ ଓଡ଼ିଶାକୁ ଆସି ସବୁ ସ୍ଥାନରେ ଆଧିପତ୍ୟ ବିସ୍ତାର କରିଛନ୍ତି ସେଇମାନଙ୍କ ପ୍ରଦେଶକୁ ଯାଉଛନ୍ତି ଚାକିରି ଖୋଜି ! କହି ସେ ଖୁବ୍ ଜୋରରେ ହସି ଉଠିଲେ । ତାଙ୍କ ହସରେ ସାରା କମ୍ପାର୍ଟମେଣ୍ଟରେ ଗୋଟିଏ ବିଚିତ୍ର କମ୍ପନ ସୃଷ୍ଟି ହେଲା । କିଛି ସମୟ ହସି ପୁଣି କହିଲେ, 'ଆଉ କଲିକତା ଯିବାକୁ କେମିତି ମନ ହେଲା ନି ?'

'କଲିକତାରେ ଓଡ଼ିଆଙ୍କୁ କିଏ ପଚାରେ ? ଓଡ଼ିଆ ସେଠାକୁ ଯାଏ କୁଲି ହୋଇ ଆଉ ବଙ୍ଗାଳି ଓଡ଼ିଶାକୁ ଆସେ ବାବୁ ସାଜି । ଏଣୁ ସେଠାକୁ ଯାଇ ଲାଭ ନାହିଁ । ଶୁଣିଛି, ମାଡ୍ରାସରେ ଶିକ୍ଷା ଏବଂ ଜ୍ଞାନର ଆଦର କରାନ୍ତି । ତାହା ଯଦି ସତ ହୋଇଥାଏ ତେବେ ସେଠାରେ ଓଡ଼ିଆଙ୍କର ବି କିଛି ସ୍ଥାନ ଅଛି ।'...କହିଲା ଅମିୟ ଶାନ୍ତ ସ୍ୱରରେ ।

'ଆପଣ କେତେ ଦୂର ପଢ଼ିଛନ୍ତି ?'...ବୃଦ୍ଧ ପୁଣି ପ୍ରଶ୍ନ କଲେ ।

'ଏମ୍. ଏ. ପାସ୍ କରିଛି ଫାଷ୍ଟ୍ କ୍ଲାସ୍ ଫାଷ୍ଟ୍ ହୋଇ ଇକନୋମିକ୍ସରେ ।'...

'ଆପଣଙ୍କ ନାଁ ?'...

'ଅମିୟ ଚନ୍ଦ୍ର ।'

'ଅମିୟ ଚନ୍ଦ୍ର !'···ବିସ୍ମୟରେ ସେ ପୁଚ୍ଛିଲେ ଅମିୟକୁ । କିଛିକ୍ଷଣ ପରେ ସେମିତି ମୁହଁରେ ବିସ୍ମୟାଭିଭୂତ ଦୃଷ୍ଟିରେ ପଚାରିଲେ, 'ତେବେ ଆପଣ କଣ ସେଇ ଅମିୟ ଚନ୍ଦ୍ର, ଯେ'କି ଉପନ୍ୟାସ ଲେଖି ଓଡ଼ିଆ ସାହିତ୍ୟରେ ଗୋଟିଏ ଚହଳ ପକାଇଛନ୍ତି ।'

'ନା ଅଜ୍ଞା, ଏତେଟା ସୁନାମ ମୋର ନାହିଁ । ତେବେ ଲେଖାଲେଖି କରେ।···ନମ୍ର ସ୍ୱରରେ କହିଲା ଅମିୟ ।

'ବାସ୍ତବିକ ମୁଁ ବଡ଼ ଖୁସି ହେଲି ତମର ପରିଚୟ ପାଇ । ତୁମର ଲେଖା ମୁଁ ପଢ଼ିଛି । ତୁମର ଲେଖାକୁ ମୁଁ ତୁଳନା କରୁଛି ମୋତି ମାଣିକ୍ୟ ସହିତ । ତେବେବି ମୁଁ ଦେଖିବାକୁ ପାଇଲି ତମର ଲେଖା ତା'ଠାରୁ ବି ଉଚ୍ଚ ।'··· ବୃଦ୍ଧ ସହଯାତ୍ରୀଟି ଅତି ଆନନ୍ଦରେ କହିଲେ । ମୁହଁରେ ତାଙ୍କର ଏକ ଅପୂର୍ବ ଦୀପ୍ତି ଫୁଟି ଉଠିଥାଏ ।

'ଏତେବଡ଼ ସମ୍ମାନ ପାଇବା ପାଇଁ ହୁଏତ ମୋର ଯୋଗ୍ୟତା ନାହିଁ ।'···

ହଠାତ୍ ସେ ତାର କଥାକୁ କାଟି କହିଲେ, 'ନା ଅମିୟ, ମୁଁ ଅତି ରଞ୍ଜିତ କରି କିଛି କହୁନି । ମୋର ଏହା ଅନ୍ତରର କଥା ।'···କିଛି ସମୟ ଚୁପ୍ ରହି ପୁଣି କହିଲେ, 'ହଁ ମୁଁ ବି ମେଡ୍ରାସ ଯାଉଛି । କଲିକତା ଯାଇଥିଲି ବ୍ୟବସାୟ ସଂକ୍ରାନ୍ତରେ । ମେଡ୍ରାସରେ ମୋର ବ୍ୟବସାୟ ଅଛି । ମୁଁ ପ୍ରାୟ ସବୁ ଦିନେ ମେଡ୍ରାସରେ ରୁହେ । ତୁମର ଆଉ କେଉଁଠି ଚାକିରୀ ଖୋଜିବା ଆବଶ୍ୟକ ନାହିଁ । ମୁଁ ତୁମକୁ ମୋ ବ୍ୟବସାୟରେ ନିଯୁକ୍ତ କରିବି । ଅନେକ ଦିନରୁ ଭାବୁଛି, ମେଡ୍ରାସରୁ ଗୋଟିଏ ଓଡ଼ିଆ ପତ୍ରିକା ପ୍ରକାଶ କରିବା ପାଇଁ । କିନ୍ତୁ ଉପଯୁକ୍ତ ସାହିତ୍ୟିକ ଅଭାବରେ ତାହା କାର୍ଯ୍ୟକାରୀ ହୋଇ ପାରୁନି । ତମେ ଯଦି ସେଇ ପତ୍ରିକାର ସମ୍ପାଦନା ଏବଂ ପରିଚାଳନାର ଦାୟିତ୍ୱ ତୁଲାଇ ପାରନ୍ତ, ତେବେ ମୋର ଗୋଟାଏ ଜୀବନର ବଡ଼ ଅଭିଳାଷ ପରିପୂର୍ଣ୍ଣ ହୁଅନ୍ତା । ସେଥିପାଇଁ ତମକୁ ମୁଁ ପାରିଶ୍ରମିକ ହିସାବରେ ମାସକୁ ପାଞ୍ଚଶହ ପର୍ଯ୍ୟନ୍ତ ଦେଇପାରେ ।'

'ପାଞ୍ଚସହ ?' ଅମିୟର କାନରେ ଏଇ ଶବ୍ଦଟି ଝନ୍ କରି ବାଜି ଉଠିଲା । ସେ ବିଶ୍ୱାସ କରି ପାରିଲା ନାହିଁ ନିଜ କାନକୁ । ବିସ୍ମୟରେ ସେ ତାଙ୍କୁ ଅନେକ ସମୟ ଯାଏଁ ଚାହିଁ ରହିଲା ମୂକ ପରି । ତା'ପରି ଜଣେ ହତଭାଗ୍ୟ ବେକାର ମାସରେ ପାଞ୍ଚଶହ ଟଙ୍କା ପାଇବ ! ଅସମ୍ଭବ ! ଏ ସବୁ ମିଛ । ଛୁଚ୍ଛା ଭଣ୍ଡାମି ।

'ତମେ ବିଶ୍ୱାସ କରୁନା ମୋତେ ?'...ଯେମିତି ଅମିୟର ମନ କଥା ବୁଝି ପାରିଲେ ବୃଦ୍ଧ । ପାକଳ ଓଠରେ ହସ ଖେଳିଗଲା ତାଙ୍କର ।

ନିର୍ବାକ୍ ହୋଇ ସେମିତି ଚାହିଁ ରହିଥିଲା ଅମିୟ ।

'ହଁ, ତମେ ବିଶ୍ୱାସ କରି ପାରିବ ନାହିଁ । ଚାକିରୀ ଖୋଜି ଖୋଜି ଯିଏ ହତାଶ ହୋଇଥାଏ ତା ପକ୍ଷରେ ଏମିତି ହଠାତ୍ ଗୋଟିଏ ସୁଯୋଗ ଆସି ପହଞ୍ଚିଗଲେ ପ୍ରଥମେ ବିଶ୍ୱାସ ହୁଏନା । ଏହା ସ୍ୱାଭାବିକ, କିନ୍ତୁ ଅମିୟ, ମୋତେ ବିଶ୍ୱାସ କର ତମେ, ଆଜି ମୋର କଳ୍ପନାକୁ କାର୍ଯ୍ୟରେ ପରିଣତ କରିବାକୁ ଯଦି ରାଜି ହୁଅ ତେବେ ଜାଣି ରଖ, କେବଳ ତମ ଜୀବନରେହିଁ ପରିବର୍ତ୍ତନ ଆଣି ଦେବନି, ତମ ଦାନରେ ଓଡ଼ିଆ ସାହିତ୍ୟର ଉତ୍କର୍ଷର ଅଭିବୃଦ୍ଧି ହେବ ।'

ଅମିୟର ସନ୍ଦେହ ହେଉଥିଲା ତାର ଅବସ୍ଥିତି ନେଇ । ସେ କଣ ଏଇମାଟି ଉପରେ ଅଛି ନା ସ୍ୱପ୍ନ ରାଇଜରେ ଉଡ଼ି ବୁଲୁଛି । ବୃଦ୍ଧଯାତ୍ରୀଙ୍କର କଥା ଗୁଡ଼ିକ ପାଗଳର ପ୍ରଳାପ ନୁହେଁ ତ ? କିନ୍ତୁ ସେ ତ ପାଗଳ ନୁହନ୍ତି । ବେଶ ଜାଗ୍ରତ, ସଚେତ ସେ ।

'ଆଜି ଓଡ଼ିଆ ସାହିତ୍ୟ ଏପରି କାହିଁକି ଦୁରବସ୍ଥାରେ ଅଛି ଜାଣ ଅମିୟ ?'...ପୁଣି ସେ ଆରମ୍ଭ କଲେ ତାଙ୍କ ବକ୍ତୃତା, 'ତାହା କେବଳ ତୁମ ଭଳି ଲେଖକ, କବି, କଳାକାରଙ୍କୁ ବେକାର ରଖି ଦେଇ ଉପାସରେ ମାରୁଥିବା ଯୋଗୁଁ । ଓଡ଼ିଶ ସେମାନଙ୍କର ଲେଖାକୁ ଉତ୍ସାହ ଦେବା ଦୂରେ ଥାଉ ପଦେ ପଦେ ନିରୁତ୍ସାହିତ କରି ସେମାନଙ୍କର ପ୍ରତିଭାକୁ ଜାଳି ପୋଡ଼ି ଦେଉଛି, ଅସମ୍ମାନିତ କରୁଛି ସେମାନଙ୍କ ବ୍ୟକ୍ତିତ୍ୱକୁ । ତମେ ଦେଖ, ଆମର ପଡ଼ୋଶି ପ୍ରଦେଶଗୁଡ଼ିକୁ । ସେମାନଙ୍କର ଲେଖା କେବଳ

ତାଙ୍କର ପ୍ରଦେଶରେ ଲୋକପ୍ରିୟ ହୋଇ ରହୁନାହିଁ, ଦେଶ ଓ ବାହ୍ୟଦେଶରେ ବିଭିନ୍ନ ଭାଷାରେ ଅନୁଦିତ ହେଉଛି । କିନ୍ତୁ ଆମର ଓଡ଼ିଆ ଲେଖା ? ସେ ଓଡ଼ିଶା ବାହାରକୁ ଯିବ କଣ, ଓଡ଼ିଶା ଭିତରେହିଁ ତାର ନିର୍ବାଣ ହେଉଛି । ଓଡ଼ିଆଙ୍କ ଭିତରେ ପଠନ ସ୍ପୃହା ନାହିଁ କହିଲେ ଚଳେ—କିଏ ଜାଣେ ଆଉ କେତେ ଦିନ ସେଥିପାଇଁ ଅଲଗା ?

ଟ୍ରେନ୍ ଅଟକିଗଲା ଭୁବନେଶ୍ୱର ଷ୍ଟେସନରେ ।

'ଆଚ୍ଛା ଚାଲ ଯିବା ।'…ଯାତ୍ରୀ ତାଙ୍କର ବସିବା ସ୍ଥାନରୁ ହଠାତ୍ ଉଠି କହିଲେ ।

'ଅର୍ଥା…?'…ଅମିୟ କିଛି ବୁଝି ନପାରି ତାଙ୍କୁ ଚାହିଁଲା ।

'ମୋ'ର କମ୍ପାର୍ଟମେଣ୍ଟକୁ ।'…ସେ ହସି ହସି କହିଲେ ।

'କିନ୍ତୁ ମୁଁ ଯେ… ।'…ଅମିୟ ତାର ତୃତୀୟ ଶ୍ରେଣୀ ଟିକେଟଟି ଦେଖାଇ କହିଲା ।

'ଓ, ସେଥିପାଇଁ କିଛି ଚିନ୍ତା କରନା । ଚାଲ ମୁଁ ବଦଳାଇ ଦେବି ।'…

ବୃଦ୍ଧ ଯାତ୍ରୀ ସ୍ନେହସିକ୍ତ ଗଳାରେ ଅମିୟର ହାତଟିକୁ ଧରି ଟାଣିଲେ । ତା'ପରେ ସେ କୁଲି ଡାକି ଅମିୟର ବେଡ଼ିଙ୍ଗ୍ ଏବଂ ସୁଟ୍‌କେସ୍ ଆଣିବାକୁ କହିଲେ ।

ତିନୋଟି କମ୍ପାର୍ଟମେଣ୍ଟ ପରେ ଗୋଟିଏ ପ୍ରଥମ ଶ୍ରେଣୀ କମ୍ପାର୍ଟମେଣ୍ଟରେ ଅମିୟ ଏବଂ ସେ ଚଢ଼ିଲେ । କୁଲି ବେଡିଙ୍ଗ୍ ଏବଂ ସୁଟ୍‌କେସ୍‌କୁ ଯଥା ସ୍ଥାନରେ ରଖି ତାର ପାଉଣା ନେଇ ଚାଲିଗଲା ।

ଅମିୟ ଆଶ୍ଚର୍ଯ୍ୟ ଚକିତ ହୋଇ ତାଙ୍କର ବ୍ୟବହାରକୁ ଲକ୍ଷ୍ୟକରୁଥିଲା । ପରେ ସେ ଜାଣି ପାରିଲା ଯେ ସେ ଜଣେ ପ୍ରଥମ ଶ୍ରେଣୀ ଯାତ୍ରୀ । କଟକ ଷ୍ଟେସନରେ କୌଣସି କାମରେ ଓହ୍ଲାଇ ଥିଲେ । କିନ୍ତୁ ଟ୍ରେନ୍ ଛାଡ଼ିଦେବାରୁ ସେ ତରତରରେ ଏକ ତୃତୀୟ ଶ୍ରେଣୀ କମ୍ପାର୍ଟମେଣ୍ଟରେ ଚଢ଼ିଗଲେ ।

ଟ୍ରେନ୍ ପୁଣି ତାର ଗନ୍ତବ୍ୟ ପଥରେ ଅଗ୍ରସର ହେଲା ।

କମ୍ପାର୍ଟମେଣ୍ଟଟି ତାଙ୍କ ପାଇଁ ରିଜର୍ଭ କରାଯାଇଥିଲା । ସେଥିରେ ଥିଲେ ଜଣେ ପ୍ରୌଢ଼ା ଏବଂ ଆଉ ଜଣେ ଷୋହଳ ସତର ବର୍ଷର ଯୁବତୀ । ତରୁଣୀଟି ତାଙ୍କ ସ୍ତ୍ରୀ ଏବଂ ଯୁବତୀଟି ତାଙ୍କର ଏକ ମାତ୍ର ସନ୍ତାନ ।

'କେଉଁଠି ଥିଲେ ବାପା ?'···ଯୁବତୀଟି ପଚାରିଲା ବୃଦ୍ଧଙ୍କୁ ଲକ୍ଷ୍ୟକରି ଅଗ୍ରହରେ ।

'ହୁଇଲର ବୁକ୍ ଷ୍ଟଲରୁ ବହି ଆଣୁଥିଲି । ଟ୍ରେନ ଛାଡ଼ ହେଲା । ଆଉ ଉପାୟ କଣ ମା ?'

'ଆମେ ଭାବିଲୁ ତମେ କଟକ ଷ୍ଟେସନରେ ରହିଗଲ ।' ତାଙ୍କ ସ୍ତ୍ରୀ କହିଲେ ସାମାନ୍ୟ ହସି । ବୃଦ୍ଧ ବି ହସିଲେ ସ୍ତ୍ରୀଙ୍କ ଟିପ୍ପଣୀରେ । ତା'ପରେ ସେ ଅମିୟର ପରିଚୟ ଦେଲେ ।

ଅମିୟ ପ୍ରଣାମ କଲା ଶୈଳଦେବୀଙ୍କୁ ଏବଂ ଉମା ନମସ୍କାର କଲା ଅମିୟକୁ ।

ତା' ପାଇଁ ଜାଗା ଠିକ୍ କରାଗଲା । ଅନାୟାସରେ ଗୁରିଜଣ ଯାତ୍ରୀ ସେଇ କମ୍ପାର୍ଟମେଣ୍ଟରେ ଯାଇ ପାରିବେ । ତେଣୁ କିଛି ଅସୁବିଧା ହେଲା ନାହିଁ ।

ରାତି ବେଶି ହୋଇଯାଇଥିବାରୁ ସମସ୍ତେ ଶୋଇବା ପାଇଁ ଠିକ୍ କଲେ । ତେଣୁ ବିଶେଷ କିଛି ଆଳାପ ନକରି ଯେ ଯାହାର ଅସନରେ ନିଦ୍ରା ଗଲେ ।

ସକାଳ ହେଲା । ସମସ୍ତେ ଉଠି ନିତ୍ୟ କର୍ମ ସାରିଲେ । ଦିନଟି ଆନନ୍ଦରେ କଟିଗଲା ଅଳାପ ଆଲୋଚନା ଭିତରେ ···

ପୁଣି ସକାଳ—

ଦିନ ଆଠଟାବେଳେ ଟ୍ରେନ ଅଟକିଲା ମେଡ୍ରାସ ସେଣ୍ଟ୍ରାଲ୍ ଷ୍ଟେସନରେ ।

ସମସ୍ତେ ଓହ୍ଲାଇ ଗଲେ ଟ୍ରେନରୁ । ଆଗରୁ ସେମାନଙ୍କ ପାଇଁ ଗୋଟିଏ ସୁନ୍ଦର ରୋଲ୍ସ ରୟସ କାର୍ ଆସି ପ୍ଲାଟ୍ଫର୍ମ ବାହାରେ ଅପେକ୍ଷା କରିଥିଲା । ସମସ୍ତେ ଯାଇ ସେଇ କାର୍‌ରେ ବସିଲେ ।

କାର୍ ଚାଲିଲା ତାର ଗନ୍ତବ୍ୟ ପଥରେ ।

ମୈଲାପୁର ସ୍ଥିତ ଗୋଟିଏ ସୁନ୍ଦର ତିନି ମହଲା କୋଠା ସାମନାରେ କାର୍ ଟି ଅଟକିଗଲା । ସମସ୍ତେ କାର ରୁ ଓହ୍ଲାଇ କୋଠା ଭିତରକୁ ଗଲେ ।

ସୁନ୍ଦର ବଙ୍ଗଳା । ଅମିୟକୁ ସବୁ ସ୍ୱପ୍ନ ଭଳି ଜଣା ପଡୁଥିଲା । ଜଣେ ଓଡ଼ିଆ ଯେ ସୁଦୂର ମାଡ୍ରାସ ସହରରେ ରହି ଏପରି ସୁନାମ ଅର୍ଜନ କରି ପାରେ ଏହା ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା । କୋଠା ସାମନାରେ ଅତି ସୁନ୍ଦର ଭାବେ ଲେଖା ହୋଇଛି 'ଆଦର୍ଶ ମହଲ ।' ଆଉ ଅନ୍ୟ ପାଖେ ଗୋଟିଏ ସାଇନ୍ ବୋର୍ଡରେ ଇଂରେଜୀରେ ଲେଖା ହୋଇଥାଏ 'ଗୁରୁ ଚନ୍ଦ୍ର ଦାସ । ବି.ଏ.ବି.ଏଲ ।' ସେ ଭଦ୍ରଲୋକଙ୍କ ନାଆଁ ଟି ଜାଣିବା ପାଇଁ ଖୁବ ବ୍ୟଗ୍ର ହୋଇ ପଡୁଥିଲା । ବର୍ତ୍ତମାନ ନାଁଟି ପଢ଼ି ବେଶ ଖୁସି ହେଲା ସେ । ଜାଣିବାକୁ ରହିଲା ତାଙ୍କର ବ୍ୟବସାୟ ସମ୍ବନ୍ଧରେ କେବଳ ।

ସମୟ ଆସେ, ପୁଣି ଚାଲି ଯାଏ, ସେ କାହାକୁ ଅପେକ୍ଷା କରେ ନାହିଁ, ଆଉ ସମୟ ପାଇଁ ଯିଏ ଅପେକ୍ଷା କରେ ସେ ସେମିତି ସବୁ ଦିନ ଅପେକ୍ଷା କରିଥାଏ ।

ଏମିତି ଦୁଇ ମାସ କଟିଗଲା ଦେଖୁ ଦେଖୁ—

ମନୋରମା ଭାବୁଥିଲା ତାର ଭବିଷ୍ୟତ ନେଇ । କେତେ କେତେ ରଙ୍ଗୀନ କଳ୍ପନା ସେ କରିଥିଲା । ଏ ସବୁ ସତ୍ତ୍ୱେ ଅମିୟ ସଙ୍ଗେ ତାର ଯେ ପୁଣି ମିଳନ ହେବ ଏ ଆତ୍ମବିଶ୍ୱାସ ତା ମନରେ ଅଛି ।

ପୁଣି ବେଳେ ବେଳେ ମନ ଆନ୍ଦୋଳିତ ହୁଏ, ସାନ୍ତ୍ୱନା ଦେବାକୁ କେହି ନାହିଁ । ସମସ୍ତେ ସମସ୍ତଙ୍କର ସ୍ୱାର୍ଥ ନେଇ ବ୍ୟସ୍ତ, ମନକୁ ଦୃଢ଼ କରି ପରିସ୍ଥିତି ସହିତ ଲଢ଼ିବାକୁ ପ୍ରସ୍ତୁତ ହୁଏ ।

ଅମିୟ ଭାବୁଥିଲା ମନୋରମା କଥା । ମେଡ୍ରାସ ଆସିବାର ମାସେ ହୋଇଗଲାଣି । ଆଜିପାଏଁ ସେ ମନୋରମାକୁ ଏକଥା ଜଣାଇ ନାହିଁ । କଣ କରୁଥିବ ସେ, ଆଉ କଣ ଭାବୁଥିବ ? ଭାବିଲା ଖଣ୍ଡିଏ ଚିଠି ଦେବ । କିନ୍ତୁ କଣ ଲେଖିବ ସେ ? ତାର ଚିଠି ଯଦି ମନୋରମା ନପାଇ ଆଉ କିଏ ପାଏ ! ତେବେ···?

ତାର ଭାବନା ବାଧାପ୍ରାପ୍ତ ହୁଏ । ପ୍ରତି ମାସ ପହିଲାରେ ସେ ପାଇ ଯାଏ ପାଞ୍ଚଶହ ଟଙ୍କା । ଯାର ଭିତରେ ସେ ପ୍ରକାଶ କଲାଣି ଗୋଟିଏ ସାହିତ୍ୟ ପତ୍ରିକା । ଦିନକୁ ଦିନ ସେଇ ପତ୍ରିକାର କାଟ୍ତି ବଢ଼ି ଚାଲିଛି ଆଉ ତା ସଙ୍ଗେ ସଙ୍ଗେ ତାର ସୁନାମ ବି ବଢ଼ିଲାଣି । ତଥାପି ଅମିୟ ସୁଖୀ ନୁହେଁ ।

ମନୋରମା ଯଦି ଆଜି ତା ପାଖରେ ଥାଆନ୍ତା ସେ ବୋଧେ ସଂସାରରେ ସମସ୍ତଙ୍କଠୁଁ ଅଧିକ ସୁଖୀ ହୋଇଥାନ୍ତା ।

ଯାହାହେଉ ସେ ଚିଠି ଦେବ ମନୋରମାକୁ । ସବୁ କଥା ଜଣାଇବ ଆଉ ତା ସଙ୍ଗେ ସଙ୍ଗେ ସେ ଲେଖିଦେବ ତାକୁ ତା ପାଖକୁ ଚାଲି ଆସିବାକୁ । କିନ୍ତୁ······

'ଅମିୟ ଭାଇ ! କଣ ଭାବୁଛ ମ ? ଇଆଡ଼େ ଚା' ଥଣ୍ଡା ହୋଇ ଗଲାଣି ପରା !'

ଅମିୟ ଚମକି ଉଠି ଚାହିଁଲା ତା ଆଗରେ ଚା' କପ୍‌ଟା ଧରି ଉମା ଠିଆ ହୋଇଛି ।

'ଓ, କିଛି ନୁହେଁ ଉମା, କିଛି ନୁହେଁ । ତୁମେ କେତେବେଳୁ ଆସିଲଣି ? ଅମିୟ ଇତସ୍ତତଃ ହୋଇ କହିଲା ନିଜର ଭାବନାକୁ ସଂଯ କରି ।

'ମୁଁ ତ ବର୍ତ୍ତମାନ ଆସୁଛି । କିନ୍ତୁ କଣ ଯେ ତମେ ଭାବି ବସିଥିଲ ମୁଁ ଆସି ବଗାଡ଼ି ଦେଲି ।' କହି ସେ ବସିଗଲା ଅମିୟ ପାଖରେ ଆଉ ଗୋଟିଏ ଚୌକିରେ ।

ତା ହାତରୁ ଚା କପ୍‌ଟା ନେଇ ଅମିୟ ଅଳ୍ପ ହସି କହିଲା, 'ନା, ସେମିତି ବିଶେଷ କିଛି ଭାବୁ ନଥିଲି । ଏଇ ଆମ ଘର କଥା ମନେ ପଡ଼ିଲା । ତେଣୁ ମନଟା କାହିଁ ବ୍ୟସ୍ତ ହୋଇ ଉଠୁଛି ବୋଲି ବେଳେ ।'

'ହଁ, ମା ପଚାରୁଥିଲା ତମର ଏଠି ସବୁ ସୁବିଧା ହେଉଛି କି ଅସୁବିଧା ହେଉଛି ବୁଝିବାକୁ ।

ଅମିୟ ଚାହିଁଥିଲା ଉମାକୁ କିନ୍ତୁ ଭାବୁଥିଲା ମନୋରମାର କଥା । ତୁଳନା କରୁଥିଲା ତା ସହିତ ଉମାକୁ । ମନୋରମା ଆଉ ଉମାରାଣୀ ! କେତେ ତଫାତ୍ ଦୁହିଁଙ୍କ ଭିତରେ !

'ସେମିତି କଣ ମତେ ଦେଖୁଛ ମ ? ମୁଁ ପରା ପଚାରୁଛି କଣ !...' ଉମା ଲାଜରେ ମୁହଁ ତଳକୁ କଲା ।

ଅମିୟ ସମ୍ବିତ୍ ଫେରି ପାଇଲା ଉମାର କଥା ଶୁଣି । ସେ ସାମାନ୍ୟ ହସି କହିଲା, 'ନା ଉମା, ମୋର ଏଠି କିଛି ଅସୁବିଧା ହେଉନି । ତୁମର ସହିତରେ ମୁଁ ଖୁବ୍ ଆନନ୍ଦରେ ଅଛି । ତୁମେ ମୋତେ କିଛି ଅସୁବିଧାରେ ରଖେଇ ଦେଉନ ଯେତେବେଳେ, ମୋର ଅସୁବିଧା କାହିଁକି ହେବ ?'

ତା କଥା ଶୁଣି ଉମା ଗର୍ବରେ ସାମାନ୍ୟ ଉତ୍ତେଜିତ ହୋଇ ଉଠିଲା । କିଛି କ୍ଷଣ ପରେ ପଚାରିଲା, 'ହଁ ଅମିୟ ଭାଇ, ତମର ସେଇ 'ଆନ୍ଦୋଳନ' ଉପନ୍ୟାସଟି ଶେଷ କଲଣି ?'

'ନା ଉମା, ଆଉ ଅଳ୍ପ ବାକି ଅଛି ।' ଅମିୟ କହିଲା । ତାପରେ ତା ଆଖି ଆଗରେ ଉମା ଛବି ନାଚି ଉଠିଲା । ଉପନ୍ୟାସ ଲେଖିବାକୁ ଯିଏ ଉତ୍ସାହ ଦେଉଥିଲା ସେ ତ ଏଠି ନାହିଁ । ମନୋରମା ଆଜି ତା ପାଖରେ ଥିଲେ ସେ 'ଆନ୍ଦୋଳନ' ଲେଖିବା ପରେ ଆହୁରି କେତେ ଲେଖି ସାରନ୍ତାଣି ! କିନ୍ତୁ ସେ ନାହିଁ । ସେ ଆଜି ତା ଠାରୁ ବହୁ ଦୂରରେ । ସେ ଉପନ୍ୟାସ ଲେଖିଲା ବେଳେ ମନୋରମା ତା ପାଖରେ ବସେ । ତାକୁ ପ୍ରେରଣା ଦିଏ ଆହୁରି ଲେଖିବାକୁ । ନୂଆ ନୂଆ ଭାବ ତାକୁ ଯୋଗାଏ । ଭୁଲ ଥିଲେ ସଂଶୋଧନ କରିଦିଏ । ଆଉ ସେଇ ପ୍ରେରଣା ଏବଂ ଉତ୍ସାହ ଯୋଗୁଁ ମାସ ଚାରି ମାସ ଭିତରେ ସେ ଲେଖି ସାରିଥିଲା ଛଅ ଖଣ୍ଡ ଉପନ୍ୟାସ ।

ନାରୀ ଠାରୁ ଯଦି ପୁରୁଷ ଉତ୍ସାହ ଏବଂ ସହଯୋଗ ପାଏ, ତେବେ ତାର ଶରୀର ଏବଂ ମନରେ ଏକ ନୂଆ ଶକ୍ତି ଏବଂ ଉଦ୍ଦୀପନା ଖେଳିଯାଏ ସାହସ କ୍ରମଶଃ ବଢ଼େ । ଆଉ ସେଇ ଶକ୍ତି ଏବଂ ସାହସକୁ ଧରି ସେ ଆଗେଇ ଯାଏ ପ୍ରଗତି ପଥରେ ।

ସେମିତି ମନୋରମା ତାକୁ ଅଧୈର୍ଯ୍ୟରୁ ଧୈର୍ଯ୍ୟ ଦେଉଥିଲା । ନିରୁତ୍ସାହରୁ ଉତ୍ସାହ ଯୋଗାଇ ପାରୁଥିଲା । କିନ୍ତୁ ଆଜି ସେ ଶକ୍ତିହୀନ, ନିଃସହାୟ । ଜୀବନର ଆଲୋକ ଲିଭି ଯାଇଛି ତାର । ଅନ୍ଧାର ଭିତରେ ସେ ଗତି କରି ଚାଲିଛି ହତାଶା ଭିତର ଦେଇ । ସେ ସୁଖୀ ହୋଇ ମଧ୍ୟ ଦୁଃଖୀ । ଧନ ଥାଇ ମଧ୍ୟ ଗରିବ । ଅକିଞ୍ଚନ ।

କିଛି ସମୟ ଅଳାପ କଲା ପରେ ଉମା ଫେରି ଆସିଲା । ତାପରେ ଅମିୟର ଭାବନା ଛୁଟି ଚାଲିଲା କାହିଁ କେତେ ଦୂରକୁ ।

ଦୁନିଆ ଆଖିରେ ସେ ଆଜି ପତିତା ! ଅସତୀ !! କଳଙ୍କିନୀ !!!

ତଥାପି ନିଜ ମନକୁ ନିଜେ ସାନ୍ତ୍ୱନା ଦିଏ ସେ । ସମସ୍ତଙ୍କ ଦୃଷ୍ଟିରେ ସେ ଯେତେ ହୀନ ହୋଇ ଥାଉନା କାହିଁକି, ଅମିୟ ଦୃଷ୍ଟିରେ ଆଗପରି ସେ ନିଷ୍କଳଙ୍କ ।

ସେ ବଞ୍ଚି ରହିବ । ନିଜ ପାଇଁ ନୁହେଁ । ତା ଗର୍ଭରେ ଥିବା ଶିଶୁଟି ପାଇଁ ସେ ବଞ୍ଚି ରହିବ । ଅମିୟର ରକ୍ତରେ ଗଢ଼ିଉଠିଥିବା ଏଇ ଶିଶୁଟି ପାଇଁ ସେ ସମସ୍ତ ବାଧା ବିଘ୍ନର ସମ୍ମୁଖୀନ ହୋଇ ଆଗେଇ ଯିବ । ଆଗେଇ ଯିବ ଜନ ସମାଜ ଠାରୁ ଦୂରକୁ, ବହୁ ଦୂରକୁ ।

'ଏଠି କଣ କରୁଛୁ ମା ?...'

'ଏଁ !' ଚମକି ଉଠିଲା ମନୋରମା । ସେ ମୁହଁ ଉଠାଇ ଦେଖିଲା ତା ସାମନାରେ ଜଣେ ବୃଦ୍ଧ ଠିଆ ହୋଇଛନ୍ତି । ସେ ଅପ୍ରସ୍ତୁତ ହୋଇ ଉଠିଲା । ହଠାତ୍ କିଛି ଉତ୍ତର ଦେଇ ପାରିଲା ନାହିଁ । ସେ ଜାଣେନା, ବର୍ତ୍ତମାନ ସେ କେଉଁଠି ଅଛି କଣ କରୁଛି ?

ବୃଦ୍ଧ ପୁଣି ସେହିପ୍ରଶ୍ନ ପଚାରିଲେ । ସେ ଅପଲକ ଦୃଷ୍ଟିରେ ମନୋରମାକୁ ଚାହିଁ ରହିଥିଲେ ।

ମନୋରମା ପୁଣି ବୃଦ୍ଧଙ୍କୁ ଦେଖିଲା । କଣ ଉତ୍ତର ଦେବ ସେ ?

'କିଛି ନାହିଁ ବାବା' । ଭାବି ଭାବି ଶେଷରେ ଏଇ ଉତ୍ତରଟି ଦେଲା ସେ ।

'ତୋର ଘର କେଉଁଠି ମା ?'...ସନ୍ଦେହ ମନରେ ସେ ପୁଣି ପ୍ରଶ୍ନ କଲେ । ମନୋରମା ପରି ଗୋଟିଏ ସୁନ୍ଦରୀ ଝିଅ ଆଉ ସେଥିରେ ପୁଣି ଓଡ଼ିଆ ଘରର ଝିଅକୁ ଦେଖି ସେ ବାସ୍ତବିକ ଖୁବ୍ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି ।

ମନୋରମା କିଛି ଉତ୍ତର ଦେଇ ପାରିଲା ନାହିଁ । ତାର ଆଖି ଦୁଇଟି ସଜଳ ହୋଇ ଉଠିଲା । ସେ ଚାହିଁ ପାରିଲା ନାହିଁ ତାଙ୍କୁ । ମୁହଁ ତଳକୁ କରି ସଙ୍ଗେ ସଙ୍ଗେ ଆଖି ପୋଛି ନେଲା ଆଉ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ତୁନି ରହିଲା ।

ସୁଦୂର ମାଡ୍ରାଜ ନଗରରେ ମନୋରମା ! ଚିରଦିନ ପାଇଁ ବାପା, ମା ଙ୍କଠାରୁ ଗୌରବରେ ବିଦାୟ ନେଇ ଲକ୍ଷ୍ୟହୀନ ଭାବେ ପାଦ କାଢ଼ିଲା ସେ । ଘରୁ ଅମିୟ ତା ଠାରୁ ବିଦାୟ ନେଇ ଯିବାର ତିନିମାସ ପରେ ସେ ଯେତେବେଳେ ଅନୁଭବ କଲା ଯେ ସେ ଅନ୍ତଃସତ୍ତ୍ୱା, ସେତେବେଳେ ସେ ଅଧା ପାଲଟିଗଲା । ବାପା ମା', ଜ୍ଞାତି କୁଟୁମ୍ବ, ବନ୍ଧୁବାନ୍ଧବଙ୍କ ମୁହଁରେ କଳଙ୍କର କାଳିମା ଲେପିବାକୁ ସେ କଣ ତେବେ ଜନ୍ମ ହୋଇଥିଲା ? ନାନା ଚିନ୍ତା ତାକୁ ବିଭ୍ରାନ୍ତ କଲା । ତାପରେ ଦିନେ ସେ ଠିକ୍ କଲା, ଜୀବନ ହରେଇ ଦବାକୁ । ଯେତେବେଳେ ସମସ୍ତେ ଜାଣିବେ, ଅବିବାହିତା ଝିଅ ଅନ୍ତସତ୍ତ୍ୱା ହୋଇଛି ସେତେବେଳେ ସେ କଣ ମୁହଁ ଟେକି ଚାଲି ପାରିବ ? ତା ସହିତ ତା ବାପା ମା ଙ୍କର ମୁହଁ ମଧ୍ୟ ତଳକୁ ହୋଇଯିବ ଲଜ୍ଜା ଆଉ ଅପମାନରେ । ତାଙ୍କର ମାନସମ୍ମାନ ଲୋପ ହୋଇଯିବ । ତାଙ୍କୁ ଦେଖି ଦୁନିଆ ହସିବ

ବଞ୍ଚି ରହିବା ପାଇଁ ସେ କୌଣସି କାରଣ ଖୋଜି ପାଇଲା ନାହିଁ । କିନ୍ତୁ ଆତ୍ମହତ୍ୟା କରିବା ପାଇଁ ପ୍ରସ୍ତୁତ ହେଲାବେଳେ ତାର ଅନ୍ତରାତ୍ମା କାନ୍ଦି ଉଠିଲା । ତାର ବିବେକ ବାଧା ଦେଲା ତାକୁ । ହଠାତ୍ ତାର ଖିଆଲ

ହେଲା ଯେ ତା ଗର୍ଭରେ ଆଉ ଗୋଟିଏ ଜୀବ ଅଛି । ତାର ଭାବନା ଭାଙ୍ଗି ଗଲା । ତାର ମନ ଆଉ ହୃଦୟ ମାତୃ ସ୍ନେହ ପାଇଁ ବ୍ୟାକୁଳ ହୋଇ ଉଠିଲା । ସେ ଆତ୍ମହତ୍ୟା ଚେଷ୍ଟାରୁ ନିବୃତ୍ତ ରହିଲା । ସ୍ଥିର କଲା, ସେ ସମସ୍ତଙ୍କୁ ଛାଡି ଚାଲିଯିବ ଅନେକ ଦୂର, ଯେଉଁଠି ଏଇ ଜନ ସମାଜର ଅତ୍ୟାଚାର ନଥିବ । ଯେଉଁଠି ରାଗ, ଦ୍ୱେଷ ଓ ଘୃଣାର କୌଣସି ଚିହ୍ନ ନଥିବ ।

ସେଦିନ ଘରୁ ପାଦ କାଢିଲା ଅଲକ୍ଷ୍ୟ ଭାବେ । ପ୍ରଥମେ ସେ ଷ୍ଟେସନରେ ପହଞ୍ଚି ଯେଉଁ ଟ୍ରେନ୍‌ଟି ପାଇଲା, ସେଥିରେ ଉଠି ପଡ଼ିଲା ସେ ।

ଦୁଇଦିନ ହେଲା ସେ କିଛି ଖାଇ ନାହିଁ । ପଇସା ବି ନାହିଁ । ଅଠର ବର୍ଷ କାଳ ଆରାମ ଏବଂ ପ୍ରାଚୁର୍ଯ୍ୟ ଭିତରେ ସେ ବଢ଼ି ଆସିଛି । ଦୁଃଖ କଷ୍ଟ କେବେ ଅନୁଭବ କରି ନାହିଁ । ଏଇ ଦୁଇ ଦିନ ଭୋକିଲା ରହି ସେ ଯେଉଁ କଷ୍ଟ ଅନୁଭବ କରୁଥିଲା ତାହା ତା ପକ୍ଷରେ ଅସହ୍ୟ ହୋଇଉଠିଲାଣି । କଣ କରିବ ? କୁଆଡ଼େ ଯିବ ? କାହାକୁ କଣ ପଚାରିବ, କିଛି ସେ ଠିକ୍ କରି ପାରୁ ନଥିଲା ।

ଜୀବନର ଏକ ସୁବର୍ଣ୍ଣ ବେଳାରେ ଅମିୟର ପାଦ ତଳେ ନିଜକୁ ଉତ୍ସର୍ଗ କରି ଦେଇ ଦୁହିଁଙ୍କର ହୃଦୟ ଏକାଠି ହୋଇଥିଲା । ଯୌବନର ଦୁଃସମୟରେ ସେ ଖେଳିଥିଲା ଅମିୟ ସହିତ ତା ରକ୍ତ ବିନିମୟରେ । ତାର ପରିଣାମ ଆଜି ସେ ଅନୁଭବ କରୁଛି ।

ସୌନ୍ଦର୍ଯ୍ୟ ଏବଂ ଯୌବନର ଅଭିଶାପ ।

'ବାୟାଣିଝିଅ ! କାନ୍ଦୁଛୁ କାହିଁକି ? ··ବୃଦ୍ଧ ମନୋରମାର ମୁଣ୍ଡ ଉପରେ ହାତ ରଖି କହିଲେ ସ୍ନେହରେ

ମନୋରମା ଚମକି ଉଠିଲା । ସେ କଣ ସ୍ୱପ୍ନ ଦେଖୁଛି ? ଜଣେ ବୃଦ୍ଧ- ସେ ପୁଣି ଓଡିଆ, ଏଇ ମାନ୍ଦ୍ରାଜ ସହରରେ ରହି କଣ କରୁଛନ୍ତି ? ସେ

କାହିଁକି ତାଙ୍କୁ ଏମିତି ସ୍ନେହ ମମତା ଭିତରେ ବାନ୍ଧୁଛନ୍ତି ପୁଣି ? ଆଉ ସେ ଟାଣିଲେ କପଟ ଓଡ଼ିଆ ବୋଲି ?

ଦୁନିଆଟା ତାକୁ ରହସ୍ୟମୟ ଜଣାଗଲା । ଏଇ ରହସ୍ୟ ଭିତରେ ହିଁ ତାକୁ ବଞ୍ଚିବାକୁ ହେବ !

'ଚାଲ ମା, ମୋ ସଙ୍ଗେ ଚାଲ ।'…ବୃଦ୍ଧ ପୁଣି କହିଲେ ଆଦର କରି ।

ମନୋରମାର କଠିଣ ମନ ତରଳି ଗଲା ତାଙ୍କର ସ୍ନେହ ଓ ଆଦରରେ ।

'କିନ୍ତୁ ଆପଣ…।' ସେ ଆଗକୁ କହି ପାରିଲା ନାହିଁ ।

ବୃଦ୍ଧ ହସିଲେ । ବୋଧେ ସେ ବୁଝି ପାରିଲେ ମନୋରମା କଣ କହିବାକୁ ଚାହୁଁଥିଲା ।

'ମୁଁ ଏଇ ପାଖରେ ଅଛି । ଭୟ କରନା । ମୋର ସୁନା ଝିଅଟି ପରି । ଉଠ୍ ଆଉ ଡେରି କରନା ।'…

ବୃଦ୍ଧଙ୍କର ବେଶ ଭୂଷାରୁ ଦେଖିଲେ ଜଣା ଯାଉଥିଲା ସେ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି । ଉଚ୍ଚ ଶିକ୍ଷିତ ମଧ୍ୟ ।

ହଠାତ୍ ମନୋରମାର ମନରେ ଗୋଟିଏ ଆନ୍ଦୋଳନ ସୃଷ୍ଟି ହେଲା । ସେ ଠିକ୍ କରି ପାରୁ ନଥିଲା ସେ ତାଙ୍କ ସଙ୍ଗେ ଯିବ କି ନାହିଁ । କିଛି ସମୟ ଏଇ ଦ୍ୱନ୍ଦ୍ୱରେ ପଡ଼ି ନୀରବରେ ବସି ରହିଲା ।

'ତୋର ସନ୍ଦେହ ହେଉଛି ମା ?'…ହଠାତ୍ ବୃଦ୍ଧଙ୍କର ଗଳା ଥରି ଉଠିଲା ।

'ନାହିଁ ବାବା ।'…ସଙ୍ଗେ ସଙ୍ଗେ ସେ ତାଙ୍କୁ ଚାହିଁ ଉତ୍ତର ଦେଲା ନିର୍ଭୀକ ଭାବେ ।

ତାପରେ ଦୁହେଁ କିଛି ସମୟ ଚୁପ୍ ରହିଲେ ।

'ଆଜ୍ଞା ଆପଣ ଯିବେନି ବର୍ତ୍ତିମାନ ?'…

ପ୍ରଶ୍ନ ଶୁଣି ବୃଦ୍ଧ ଚମକି ଉଠିଲେ । ମନୋରମା ମଧ୍ୟ ଚାହିଁଲା । ପ୍ରଶ୍ନଟି ପଚାରିଥିଲା ବୃଦ୍ଧଙ୍କ ଡ୍ରାଇଭର ।

'ଓ, ଓ୍ୱେ, କେଉଁରମଣ !'…ସେ ଏମିତି କହିଲେ ଯେପରିକି ତାଙ୍କର କିଛି ଖିଆଲ ନଥିଲା ।

'ଅଜ୍ଞା, ଆପଣ କହୁଥିଲେ ସାତଟା ବାଜିଲେ ଡାକି ଦେବାକୁ । ତେଣୁ ପଚାରିଲି ।'···ସେ ତାମିଲ ଭାଷାରେ କହିଲା ।

'ହଁ ଚାଲ ଯିବା । ମୋର ଖିଆଲ ନଥିଲା ।'··· ବୃଦ୍ଧ କହିଲେ ସେଇ ତାମିଲ ଭାଷାରେ । ତା'ପରେ ମନୋରମାକୁ ଲକ୍ଷ୍ୟ କରି କହିଲେ, 'ଚାଲ ମା, ବସି ରହିଲୁ କାହିଁକି ?'

ମନୋରମା ତାଙ୍କ ସଙ୍ଗେ ଯିବାକୁ ଶେଷରେ ଠିକ୍ କଲା । ଭବିଷ୍ୟତରେ ଯାହା ହେଉନା କାହିଁକି ସେ କିନ୍ତୁ ଯିବ ଏଇ ବୃଦ୍ଧ ତାକୁ ଯେଉଁଠାକୁ ନେବେ । ଭାବି ଭାବି ସେ ଉଠିଲା ।

ପାର୍କରୁ ଉଭୟେ ବାହାରକୁ ଆସିଲେ । ପାର୍କ ବାହାରେ ଠିଆ ହୋଇ ରହିଥିଲା ଗୋଟିଏ ସୁନ୍ଦର ମୋଟର୍ କାର୍ । ଡ୍ରାଇଭର ଯାଇ କାରର ପଛ ଦରଜା ଖୋଲି ଦେଲା । ପଛ ସିଟ୍‌ରେ ବସିଲେ ମନୋରମା ଏବଂ ବୃଦ୍ଧ । ଦରଜା ବନ୍ଦ କରି ଡ୍ରାଇଭର ଗାଡ଼ିରେ ଷ୍ଟାର୍ଟ ଦେଲା ।

କାର୍ ଚାଲୁଥିଲା ଦ୍ରୁତ ଗତିରେ ମାନ୍ଦ୍ରାଜର ବିରାଟ ରାସ୍ତା ମାଉଣ୍ଟ ରୋଡ୍ ଉପରେ ଜନ ଗହଳିକୁ ଭେଦ କରି । ସୌନ୍ଦର୍ଯ୍ୟମୟ ମାଉଣ୍ଟ ରୋଡ୍‌ର ଦୁଇ କଡ଼ର ବିରାଟ କୋଠାଗୁଡ଼ିକ ଆକାଶକୁ ମୁଣ୍ଡ ଟେକି ନିର୍ଭୟରେ ଠିଆ ହୋଇଥାଏ । ବିଜୁଳି ବତି ଜଳି ଉଠିଲାଣି । ରାସ୍ତା କଡ଼ର ଆଲୋକମାଳା ଧାଡ଼ିବାନ୍ଧି ହସି ଉଠୁଥାନ୍ତି ଯେମିତି ।

ରାସ୍ତା ଲମ୍ବି ଯାଇଛି ଆଗକୁ ଆଗକୁ । କାର୍ କେତେବେଳେ ଦ୍ରୁତ ଆଉ କେତେବେଳେ ମନ୍ଥର ଗତିରେ ଛୁଟି ଚାଲିଛି । କାର୍‌ର ଗତି ସହିତ ମନୋରମାର ଭାବନା ମଧ୍ୟ ସମୟ ସମୟରେ ଦ୍ରୁତ ଏବଂ ମନ୍ଥର ହୋଇ ଉଠୁଥିଲା । ସେ କିଛି କଳ୍ପନା କରି ପାରୁ ନଥିଲା । ତାର ଜୀବନ କେଉଁ ଏକ ଲକ୍ଷ୍ୟ ପଥରେ ଛୁଟି ଚାଲିଛି !

ତ୍ୟାଗରାଜନଗରର ଗୋଟିଏ ପ୍ରକାଣ୍ଡ ଦୋମହଲା ସାମନାରେ ହଠାତ୍ କାର୍‌ଟି ଅଟକି ଗଲା । କୋଠାକୁ ବେଢ଼ି ରହିଥିଲା ଗୋଟିଏ ବିରାଟ ପାଚେରୀ, ଆଉ ତା ଭିତରେ ଗୋଟିଏ ସୁନ୍ଦର ବଗିଚା ।

ଗେଟ୍‌ର ଗୋଟିଏ ପାଖରେ ଛୋଟ ଛୋଟ ଅକ୍ଷରରେ ଲେଖା ହୋଇଥିଲା ମାର୍ବଲ ପଥର ଉପରେ 'ହରିଶ କୁମାର ପଟ୍ଟନାୟକ, ଏମ୍. ଏ. ପି. ଏଚ୍.ଡ଼ି ପ୍ରଫେସର୍ ଅଫ୍ ଇଂଲିଶ, ମେଡ୍ରାସ ୟୁନିଭରସିଟି ।

ସାଇନ୍ ବୋର୍ଡ଼ଟି ପଢ଼ି ମନୋରମା ଜସ୍ତୁକ ଦୃଷ୍ଟିରେ ଗୃହସ୍ୱାମୀ ବୃଦ୍ଧଙ୍କୁ । ସରଳତାର ପ୍ରତୀକ ସ୍ୱରୂପ ଏକ ଅମାୟିକ ହସ ଫୁଟି ଉଠିଥିଲା ପ୍ରଫେସରଙ୍କ ମୁହଁରେ ।

କାର୍‌ରୁ ଓହ୍ଲାଇ ଦୁହେଁ କୋଠା ଭିତରକୁ ଗଲେ ।

ପ୍ରକାଣ୍ଡ କୋଠା । ଏଡ଼େ ବଡ଼ କୋଠା ଘରେ ରହନ୍ତି ପ୍ରଫେସରଙ୍କ ସହିତ ଗୃହର ପୂଜାରୀ ମିଶି ମାତ୍ର ତିନି ଜଣ । ପ୍ରଫେସର ହରିଶଙ୍କ ବଂଶରେ ସେ ଏକା । ଯାହାକୁ ବାହା ହୋଇଥିଲେ ସେ ମାତ୍ର ଦୁଇଟି ବର୍ଷ ଘର ସଂସାର କରି ଚିରଦିନ ପାଇଁ ପୃଥିବୀରୁ ବିଦାୟ ନେଇଛନ୍ତି । ପ୍ରଫେସର୍ ତା' ପରେ ଆଉ ବିବାହ କରି ନାହାନ୍ତି । ସ୍ତ୍ରୀଙ୍କର ମୃତ୍ୟୁ ପରେ ସଂସାର ପ୍ରତି ତାଙ୍କର ବୈରାଗ୍ୟ ଆସି ଯାଇଥିଲା । ମାସରେ ଯେଉଁ ତେରଶହ ଟଙ୍କା ଦରମା ପାଆନ୍ତି ସେଥିରୁ ଅଧା ରଖି ବାକି ଟଙ୍କା ସେ ଗରୀବ ଛାତ୍ରମାନଙ୍କୁ ବାଣ୍ଟି ଦିଅନ୍ତି । ସେଥିପାଇଁ ମାନ୍ଦ୍ରାଜ ସହରରେ ତାଙ୍କର ଲୋକପ୍ରିୟତା ଖୁବ୍ ବେଶୀ । ଏସବୁ ସତ୍ତ୍ୱେ ଆତ୍ମ ବଡ଼ିମା ତାଙ୍କ ପାଖ ଛୁଇଁ ନଥିଲା ।

ମନୋରମା ରହିବା ପାଇଁ ଗୋଟିଏ ସୁନ୍ଦର ବଖରା ଉପର ମହଲାରେ ଠିକ୍ କରି ଦିଆଗଲା ।

ତହିଁ ଆରଦିନ ସକାଳ । ମନୋରମା ନିତ୍ୟକର୍ମ ସାରିବାକୁ ପ୍ରସ୍ତୁତ ହେଲାବେଳେ ଗୃହର ଗୋଟିଏ ବଡ଼ ପ୍ୟାକେଟ୍ ଆଣି ଥୋଇ ଦେଲା ତା ସାମନାରେ । ତାକୁ ଖୋଲି ସେତେବେଳେ ଦେଖିଲା ତାର ବିସ୍ମୟର ସୀମା ରହିଲା ନାହିଁ । ତା' ଭିତରେ ଥିଲା ବିଭିନ୍ନ ପ୍ରକାର ଦାମୀଶାଢ଼ୀ, ବ୍ଲାଉଜ୍ ଇତ୍ୟାଦି । କିଛି ସମୟ ପାଇଁ ସେ ଗୁଡାକ ଦେଖିବା ପରେ ନିତ୍ୟକର୍ମ ସାରିବାକୁ ଉଠିଲା । ଆଶା ନିରାଶା ଭିତରେ ମନ ତାର ଦୋହଲୁ ଥିଲା ।

ହରୀଶବାବୁ ଡ୍ରଇଂରୁମ୍‌ରେ ବସି ସମ୍ବାଦ ପତ୍ର ପଢ଼ୁଥିଲେ । ମନୋରମା ନୀରବରେ ଯାଇ ଠିଆ ହେଲା । ତାକୁ ଦେଖି ହରୀଶବାବୁ ବସିବାକୁ କହିଲେ ।

'ଏଠି କିଛି ଅସୁବିଧା ହେଉଛି ମା ?'···କଥା ଆରମ୍ଭ କଲେ ପ୍ରଫେସର୍ ।

ନା ବାବା ।' ମନୋରମା ମୁହଁ ତଳକୁ କରି କହିଲା ଧୀର ଗଳାରେ ।

'ତୋ ନାଁ ତ କହିଲୁ ନି ଏ ଯାଏ ?'

'ମନୋରମା ।'

'ବେଶ୍ ସୁନ୍ଦର ନାଁ ଟି ।'

'ମୋର କିଛି କହିବାକୁ ଅଛି ଆପଣଙ୍କୁ··· ।'ବୃଦ୍ଧ ଚାହିଁଲେ ତାକୁ ।

'କଣ ମା' ?'···

'ମୋତେ ତ ଆପଣ କ୍ଷମା କରିବେ ତ ?'···ତାର ଆଖି ଛଳ ଛଳ ହୋଇଆସୁଥିଲା ।

ସୂକ୍ଷ୍ମ ହସଟିଏ ହସିଲେ ପ୍ରଫେସର୍ । କିନ୍ତୁ ହଠାତ୍ ମୁହଁ ଉପରକୁ ଉଠାଇ ଯେତେବେଳେ ତାକୁ ଦେଖିଲେ ଆଶ୍ଚର୍ଯ୍ୟରେ ଅବାକ ହୋଇଗଲେ

ନୀରବରେ ମନୋରମା କାନ୍ଦୁଥିଲା ସେତେବେଳେ ।

'ତୁ କାନ୍ଦୁଛୁ ମନୁ ?'···ପଚାରିଲେ ସେ କିଛିକ୍ଷଣ ପରେ ସେମିତି ଆଶ୍ଚର୍ଯ୍ୟରେ ।

ମନୋରମା ପ୍ରକୃତିସ୍ଥ ହୋଇ ଆଖି ପୋଛି ନେଲା ।

'ବାୟାଣୀଟା ! କାନ୍ଦିଲେ କଣ ହେବ କହ ତ ? ଯାହା ହେବାର ଥିଲା ହୋଇ ଯାଇଛି । ତାକୁ ଭାବି କିଛି ଲାଭ ନାହିଁ ମା' । ମନକୁ କଠୋର କରିବାକୁ ହେବ । ଅତୀତକୁ ଭୁଲି ଆଗକୁ ଚାହିଁବାକୁ ହେବ ।' ମୃଦୁ ସ୍ୱରରେ ପ୍ରଫେସର କହି ସାନ୍ତ୍ୱନା ଦେଲେ ତାକୁ ।

'କିନ୍ତୁ ଆପଣ ଯେ ମୋ କଥା ଶୁଣି ନାହାନ୍ତି ।'···ମନକୁ ଶାନ୍ତ କରି କହିଲା ସେ ।

'ମୁଁ ଆଉ କିଛି ଶୁଣିବାକୁ ଚାହେଁନା । ତୋ ମୁହଁରେ ଆନନ୍ଦର ହସ, ତୋର ସୁଖ ଆଉ ନୂଆ ସଂସାର··· ।

'ଆଉ କହନ୍ତୁ ନାହିଁ ବାବା, ନୂଆ ସଂସାର ଗଢ଼ିବା କଳ୍ପନା ମୋର ଆଉ ନାହିଁ ।'···ପ୍ରଫେସରଙ୍କ କଥାରେ ବାଧା ଦେଇ ମନୋରମା ଏକ ପ୍ରକାର ଚିତ୍କାର କରି ଉଠିଲା ହଠାତ୍ ।

'ମନୋରମା !'···ପ୍ରଫେସର ଆଶ୍ଚର୍ଯ୍ୟ ହୋଇ ତାକୁ ଚାହିଁଲେ । 'କିନ୍ତୁ କାହିଁକି ତୋର···'

'ସେଇ କଥାତ ଆପଣଙ୍କୁ କହିବାକୁ ଯାଉଥିଲି ।'···

ପ୍ରଫେସର ଉତ୍କଣ୍ଠାରେ ତାକୁ ଚାହିଁ ରହିଲେ ।

'ମୁଁ···ମୁଁ ଗର୍ଭବତୀ ବାବା—ମୁଁ··· । ଆଉ କହି ନପାରି ମନୋରମା ଦୁଇ ହାତରେ ମୁହଁକୁ ଚାପି କାନ୍ଦି ଉଠିଲା ।

'ଗର୍ଭବତୀ !' ପ୍ରଫେସରଙ୍କ ଗଳା ହଠାତ୍ ହାଲୁକା ହୋଇ ଆସିଲା ତାର କଥା ଶୁଣି ।

କକ୍ଷଟିରେ କିଛି ସମୟ ନିସ୍ତବ୍ଧତା ଖେଳିଗଲା । ହଠାତ୍ ସେ ଚିନ୍ତିତ ହୋଇ ଉଠିଲେ ।

'ବାବା··· ।'

ପ୍ରଫେସର ସରଳ ଦୃଷ୍ଟିରେ ଚାହିଁଲେ ମନୋରମାକୁ । ତାଙ୍କ ମୁହଁରେ କୌଣସି ପରିବର୍ତ୍ତନ ଦେଖାଗଲା ନାହିଁ । ସେମିତି ପୂର୍ବ ଜ୍ୟୋତି ଖେଳୁଥିଲା । କଣ ଭାବି ସାମାନ୍ୟ ହସିଲେ ଆଉ ତାପରେ ସେମିତି ମନୋରମାକୁ ଚାହିଁ କହିଲେ, 'ବର୍ତ୍ତମାନ ବୁଝିଲି ମନ୍ତୁ, ଏଇ ବ୍ୟଭିଚାରୀ ଦୁନିଆରେ ସବୁ ସମ୍ଭବ ମା ।'

'କିନ୍ତୁ ବାବା, ଏ କୌଣସି ପ୍ରକାର ପାପ କିମ୍ବା ବ୍ୟଭିଚାର ନୁହେଁ । ଆପଣ ମୋତେ ସେ ଦୃଷ୍ଟିରେ ଦେଖନ୍ତୁ ନାହିଁ । ଆପଣଙ୍କୁ ପ୍ରାର୍ଥନା କରୁଛି । ···ଏଥିପାଇଁ ମୁଁ ଦାୟୀ ।'

'ନାହିଁ !' ଚିତ୍କାର କରି ଉଠିଲେ ପ୍ରଫେସର୍ । ଏଥିପାଇଁ ତୁ ଦାୟୀ ନୋହୁଁ । ଏଥିପାଇଁ ଦାୟୀ ତୋର ବାପ ମା ।...ଏଥିପାଇଁ ଦାୟୀ ତୋର ଶିକ୍ଷା, ସଭ୍ୟତା ।'

'ବାବା !' ହତବାକ୍ ହୋଇଗଲା ମନୋରମା ।

ହଁ ମା, ଏଇ ଦୁନିଆର ଆଖି ଫୁଟି ଯାଇଛି । ଏହି ସଂସାରରେ ବିଶ୍ୱାସର ବିଲୋପ ହୋଇଛି । ପାପ ପୁଣ୍ୟ ବିଚାର ନାହିଁ । ସ୍ନେହ ମମତାର ବନ୍ଧନ ତୁଟି ଯାଇଛି । ଆଉ ତା' ବଦଳରେ ଖେଳି ଯାଉଛି ସାରା ବିଶ୍ୱରେ ପାପ, ବ୍ୟଭିଚାର ଆଉ ବିଶ୍ୱାସ ଘାତକତା ।'...କହି ହଠାତ୍ ଚୁପ୍ ହୋଇଗଲେ ସେ । ମନୋରମାକୁ ଚାହିଁଲେ । ଯେଉଁ ମୁହଁରେ ଏଇ ଭଣ୍ଡ ସମାଜ କଳଙ୍କର କାଳିମା ବୋଳି ଦେଇଛି ତାକୁ ଦେଖିଲେ । ତା'ପରେ ପୁଣି କହିଲେ, 'ତୁ ଆଉ କିଛି ଭାବନା ମନ୍ । ଏଠି ରହିଲେ ତୁ ଭୁଲିଯିବୁ ସେଇ ବ୍ୟଭିଚାରୀ ଦୁନିଆକୁ ।...ତୋର ପାପକୁ ମୁଁ ପାପ ବୋଲି ଭାବି ପାରୁନି ମା । ମୋର ଆତ୍ମା କହୁଛି, ତୁ ନିଷ୍କଳଙ୍କ । ତୋତେ ପୁଣି ସୁଖରେ ଦେଖିବାକୁ ଚାହେଁ ମୁଁ । ତୋ ଗର୍ଭର ସନ୍ତାନ ତୋ ଜୀବନରେ ପୁଣି ସୁଖ ଶାନ୍ତି ଆଣି ଦେବ ମା ।'

ମନୋରମାର ମନ ଆନ୍ଦୋଳିତ ହୋଇ ଉଠିଲା । ତା' ମନର ପର୍ଦ୍ଦାରେ ଖେଳିଗଲା ଅତୀତର କେତେଟା ଘଟଣା । ଜୀବନରେ ସେଇ ସୁନେଲି ମୁହୂର୍ତ୍ତକୁ ସେ ପ୍ରତୀକ୍ଷା କରିଥିଲା ଆଗ୍ରହରେ । ସେଇ ସମୟଟିରେ ସେ କାହାର ସ୍ପର୍ଶପାଇଁ ପାଗଳ ହୋଇ ଉଠିଥିଲା । ମରୁଆଲୁ ହୋଇ ଅମିୟର କୋଳରେ ଆଶ୍ରୟ ନେଇଥିଲା ସେ । ଦୁହେଁ ଭୁଲି ଯାଇଥିଲେ ଅତୀତ ଏବଂ ଭବିଷ୍ୟତକୁ । ବର୍ତ୍ତମାନର ଉତ୍ତେଜନାକୁ ଦୁହେଁ ପ୍ରାଣଭରି ଉପଭୋଗ କରିଥିଲେ । ବର୍ତ୍ତମାନ ସେ ବୁଝୁଛି, କ୍ଷଣିକ ସୁଖପାଇଁ ତାର ଜୀବନର ସମସ୍ତ ସୁଖକୁ ଜଳାଞ୍ଜଳି ଦେବାକୁ ପଡ଼ୁଛି । ଏଇ ପାପ ପୁଣ୍ୟ ପାଇଁ ସେ ହିଁ କେବଳ ଦାୟୀ । ଏଥି ପାଇଁ ଆଉ କିଏ କାହାଙ୍କୁ ଦାୟୀ ହେବ ?

'ମନୁ... !' ଡାକିଲେ ପ୍ରଫେସର୍ ହଠାତ୍ ।

'ବାବା...' ମନୋରମା ଆଖି ପୋଛିଲା । ଅତୀତର ସୁଖ ଏବଂ ବର୍ତ୍ତମାନର ଦୁଃଖକୁ ଧୋଇ ଦେବାକୁ ସେ ଚେଷ୍ଟା କରୁଥିଲା ତା' ଆଖିର ଲୁହରେ ।

'ତୋର ଅତୀତ ଜୀବନର କାହାଣୀ ଶୁଣାଇ ପାରିବୁ ? କହିଲେ ସେ ।' 'ମୁଁ ଚେଷ୍ଟା କରିବି ତୋର ସୁଖର ଦିନ ଗୁଡ଼ିକ ପୁଣି ଫେରାଇ ଆଣିବାକୁ ।

ମନୋରମା ଦେଖିଲା ପ୍ରଫେସରଙ୍କ ସେଇ ଜ୍ୟୋତିର୍ମୟ ମୁହଁକୁ । ମନକୁ ସଂଯତ କରି ସେ କହି ଗଲା ତାର ଅତୀତର ଇତିହାସ ନିଃସଙ୍କୋଚରେ ଆଉ ନିର୍ଭୟରେ ।

ପ୍ରଫେସର ପରମ ଆଗ୍ରହରେ ଉପଭୋଗ କଲେ ମନୋରମା ଜୀବନର ଅନୁଭୂତି ଦଗ୍ଧ ଘଟଣା ଗୁଡ଼ିକୁ ।

ସମୟ—ସ୍ରୋତରେ ଅନେକ ଦିନ ବହି ଗଲାଣି ।

ବିତି ଯାଇଥିବା ଘଟଣା ଗୁଡିକୁ ଭୁଲି ଯିବାକୁ ଚେଷ୍ଟା କରୁଥିଲା ଅମିୟ । କିନ୍ତୁ ଭୁଲି ପାରୁ ନଥିଲା କିଛି । ମନୋରମା ସଙ୍ଗେ ସେ ଯେଉଁ କେତୋଟି ଦିନ କଟାଇଛି ସେଇ ଦିନ ଗୁଡ଼ିକ ତା ମନ ଭିତରେ ଏକ ବିଚିତ୍ର ଆନ୍ଦୋଳନ ସୃଷ୍ଟି କରୁଥିଲା । ଅନେକ ସମୟରେ ସେ ଅନ୍ୟମନସ୍କ ହୋଇଉଠେ । ନିଜର ସ୍ଥିତିକୁ ଭୁଲିଯାଏ । ଉମା ଦେଖେ, ବୁଝି ପାରେନା କିଛି । ଅମିୟର ଭାବନା ଗୁଡ଼ିକ ଜାଣିବାକୁ ଆଗ୍ରହ ପ୍ରକାଶ କରେ । କିନ୍ତୁ କିଛି ଜାଣି ପାରେନା । କାରଣ, ହୁଏ । ଚେଷ୍ଟା କରେ ଅମିୟର ମୁହଁରେ ସତେଜତା ଆଣିବାକୁ । କିନ୍ତୁ ନିଷ୍ଫଳ ହୁଏ ଉଦ୍ୟମ ।

ସମୟ ଗଡିଚାଲେ ।

ପରସ୍ପର ନିଜ ନିଜର ଭାବନା ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି କରନ୍ତି—

ସମୟର ପରିବର୍ତ୍ତନ ସଙ୍ଗେ ସଙ୍ଗେ ମନ ଓ ପରିସ୍ଥିତିର ମଧ୍ୟ ପରିବର୍ତ୍ତନ ହୁଏ ।

ପ୍ରଫେସର ହରିଶଙ୍କର ଜଣେ ବାଲ୍ୟବନ୍ଧୁଙ୍କ ପୁଅ ଶିବପ୍ରସାଦ ଏଇ ବର୍ଷ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟ କଲେଜରେ ଏମ୍. ଏ ପଢ଼ିବାପାଇଁ ଆସି ପ୍ରଫେସରଙ୍କ କୋଠାରେ ରହୁଛି କିଛି ଦିନ ହେଲା ତାଙ୍କର ବାଧ ବାଧକତାରେ । ଶିବପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟରୁ 'କୃତିତ୍ୱର ସହ ଇଂରେଜୀରେ ବି,ଏ, (ଅନର୍ସ) ପାସ୍ କରିଛି । ସେଥିପାଇଁ ପ୍ରଫେସର ହରିଶଙ୍କର ସେ ଅତି ପ୍ରିୟ ଛାତ୍ର ହୋଇ ଉଠିଛି ।

ଅଳ୍ପ ସମୟ ହେଲେ ମଧ୍ୟ—ଏହା ମଧ୍ୟରେ ଶିବପ୍ରସାଦ ଏବଂ ମନୋରମା ଭିତରେ ଅଜାଣିତ ଭାବରେ ବଢ଼ି ଉଠିଛି ଘନିଷ୍ଠତା । ପ୍ରଫେସର ହରିଶ ବି ଆନନ୍ଦିତ ହେଲେ ଏଥିରେ । ସେ ଦୁହିଁଙ୍କୁ ଦେଖିଲେ ପ୍ରଫେସରଙ୍କ ମନରେ ଅନେକ ଗୁଡ଼ିଏ ଭାବନା ଉଙ୍କିମାରେ । ସେମାନଙ୍କର ଆନନ୍ଦ, ହସ ଖୁସି ଦେଖିଲେ ତାଙ୍କର ଅତୀତ ପୁଣି ଫେରି ଆସେ ବର୍ତ୍ତମାନକୁ । ସେ ଆଶ୍ୱସ୍ତ ହୁଅନ୍ତି । ମନେ ମନେ ଅନେକ କଳ୍ପନା ଜଳ୍ପନା କରନ୍ତି ।

ଶିବପ୍ରସାଦ ମନୋରମାର ଅତୀତ ନେଇ ଯେତେବେଳେ ଜାଣିଲା ପ୍ରଫେସରଙ୍କ ଠାରୁ, ତାର ମନ ବିଦ୍ରୋହ କରି ଉଠିଲା । ମନୋରମା ଭଳି ଶାନ୍ତ ସରଳ ଯୁବତୀକୁ ଯିଏ କଳଙ୍କିତ କରିଛି ସେ ମଣିଷ ନୁହେଁ କଦାପି, ସେ ପଶୁଠାରୁ ବି ଆହୁରି ହୀନ ।

'ହଁ ମନୁ, ମୁଁ ଏ କଥା ହଜାର ଥର କହିବି ।'···ଦିନେ ଏମିତି ଆଳାପ କରୁ କରୁ ଯେତେବେଳେ ଅମିୟର କଥା ଉଠିଲା, ଶିବପ୍ରସାଦ ହଠାତ୍ କହିଲା, 'ସେ ମଣିଷ ନୁହେଁ, ପଶୁ ।'

'ସେମିତି କହନି ଭାଇ, ମୋର ଏ ପରିସ୍ଥିତି ପାଇଁ ସେ ଦାୟୀ ନୁହନ୍ତି ।'···କହୁ କହୁ କାନ୍ଦି ଉଠିଲା ମନୋରମା ।

ଚୁପ୍ ହୋଇ ଗଲା ଶିବପ୍ରସାଦ । ସେ ଆଶ୍ଚର୍ଯ୍ୟରେ ଚାହିଁଲା ମନୋରମାକୁ । ସେ ତାକୁ ବୁଝିବାକୁ ଚେଷ୍ଟା କରୁ ଥିଲା କିନ୍ତୁ ବୁଝି ପାରୁନଥିଲା । ଏତେ ଝଡ଼ ଝଞ୍ଜାର ସମ୍ମୁଖୀନ ହୋଇ ସୁଦ୍ଧା ସେ ଅମିୟକୁ ସେମିତି ଆଗପରି ଆଜି ପୂଜା କରୁଛି ତା ହୃଦୟ ବେଦୀରେ । ତେବେ କଣ ଅମିୟ ନିର୍ଦ୍ଦୋଷ ? ସେ ତେବେ ସ୍ୱାର୍ଥପର ନୁହେଁ ? ମନୋରମା ପ୍ରତି ତାର ଯଦି ଆନ୍ତରିକ ସ୍ନେହ

ଓ ପ୍ରେମ ଥିଲା ତେବେ ସେ ଭୀରୁ, କାପୁରୁଷ ଏବଂ ଦୁର୍ବଳଙ୍କ ପରି ତାକୁ ଛାଡ଼ି ଚାଲିଗଲା କାହିଁକି ?—ଗୋଟାଏ ପରେ ଗୋଟାଏ ହୋଇ ପ୍ରଶ୍ନ ଗୁଡ଼ାକ ଭାସି ଉଠୁଥିଲା ଆଗରେ, କିନ୍ତୁ ଗୋଟାଏ ହେଲେ ଉତ୍ତର ସେ ପାଇ ପାରୁନଥିଲା ।

ଗୁରୁବାବୁ ସେତେବେଳେ ଲାଇବ୍ରେରୀରେ ବସି କଣ ଖାତା ପତ୍ର ଦେଖୁଥିଲେ ।

ଅମିୟ ଆସି ନୀରବରେ ଠିଆ ହେଲା ତାଙ୍କ ପାଖରେ ।

'ବସ ଅମିୟ ।'···ଖାତା ଉପରୁ ଦୃଷ୍ଟି ଉଠାଇ ଅମିୟକୁ ଚାହିଁ କହିଲେ ।

ସେ ବସିବା ପରେ ଗୁରୁବାବୁ ପୁଣି କହିଲେ 'ତମର ବୋଧେ ପ୍ରଫେସର ହରିଶଙ୍କର ସଙ୍ଗେ ପରିଚୟ ହୋଇନି ଆଜି ଯାଏଁ ?'

ଅମିୟ ଜିଜ୍ଞାସୁ ଦୃଷ୍ଟିରେ ଚାହିଁଲା ତାଙ୍କୁ ।

ଗୁରୁବାବୁ ପ୍ରଫେସରଙ୍କ ସଂକ୍ଷିପ୍ତ ପରିଚୟ ଦେଇ କହିଲେ, 'ସେ ମୋର ଜଣେ ଅନ୍ତରଙ୍ଗ ବନ୍ଧୁ । କିଛିଦିନ ତଳେ ତାଙ୍କଠୁଁ ମୁଁ ପଚାଶି ହଜାର ଟଙ୍କା କରଜ କରିଥିଲି । ତମେ କାଲି ସକାଳେ ଯାଇ ସେଇ ଟଙ୍କା ଦେଇ ଆସିବ । ଅନେକ ଦିନ ହେଲା କାର୍ଯ୍ୟ ବ୍ୟସ୍ତ ରହି ତାଙ୍କ ସଙ୍ଗେ ମୋର ଦେଖା ହୋଇପାରିନି । ସେଥିପାଇଁ ମୋ ତରଫରୁ ତାଙ୍କୁ କ୍ଷମା ମାଗିବ । କାଲି ଭୋର ପାଞ୍ଚଟା ବେଳେ ମୁଁ କଲିକତା ଯାଉଛି । କଲିକତାରୁ ଫେରି ତାଙ୍କ ସହିତ ଦେଖା କରିବି ବୋଲି ମଧ୍ୟ କହିଦେବ ।'···କହି ସାରିବା ପରେ ଅମିୟକୁ ଗୋଟିଏ ଚେକ୍ ଦେଲେ ।

ଅମିୟ ଚେକ୍‌ଟା ଦେଖି ପକେଟରେ ରଖିଲା ।

'ଏଇ ନିଅ ତାଙ୍କର ଠିକଣା ।'··

ଠିକଣାଟି ନେଇ କିଛି ସମୟ ପରେ ସେ ଫେରି ଆସିଲା ତା ରୁମ୍‌କୁ ।

ସକାଳ ଆଠଟା ।

ଅମିୟ କାର୍ ଡ୍ରାଇଭ୍ କରି ଗଲେ ତ୍ୟାଗରାଜ ନଗର ଉଦ୍ଦେଶ୍ୟରେ । କିଛି ସମୟ ପରେ ପ୍ରଫେସରଙ୍କ କୋଠା ସାମନାରେ ପହଞ୍ଚିଗଲେ ।

ଦରୁଆନ ହାତରେ ଖବର ଦେଇ ଡ୍ରଇଂରୁମ୍‌ର ଗୋଟିଏ ସୋଫା ଉପରେ ବସିଗଲେ ସେ ।

ବେଶୀ ସମୟ ତାଙ୍କୁ ବସିବାକୁ ପଡ଼ିଲା ନାହିଁ । ଦୁଇ ମିନିଟ ଭିତରେ ପ୍ରଫେସର ହରିଶ ଆସିଲେ । ଅମିୟ ତାଙ୍କୁ ଦେଖି ଭଦ୍ରତା ସହକାରେ ନମ୍ରତାର ସହ ନମସ୍କାର କଲେ ଠିଆ ହୋଇ । ପ୍ରଫେସର ହରିଶ ପ୍ରତି ନମସ୍କାର ଜଣାଇ ବସିବାକୁ କହି ପରିଚୟ ମାଗିଲେ ।

'ମୁଁ ରାୟବାହାଦୁର ଗୁରୁ ଚନ୍ଦ୍ର ଦାସଙ୍କ ସେକ୍ରେଟାରୀ । ମୋ ନାଁ ଅମିୟ ଚନ୍ଦ୍ର ।

ମନୋରମା ଆଜିଯାଏଁ ଅମିୟର ପରିଚୟ କିମ୍ବା ତା ର ନାଁଆଟି କହିନ ପ୍ରଫେସରଙ୍କୁ, କାରଣ ସେ ଚାହିଁ ନଥିଲା, ଅମିୟର ସୁଖ୍ୟାତିରେ କଳଙ୍କ ଲଗାଇବାକୁ । ତେଣୁ ମନୋରମାର ଅତିପ୍ରିୟ ଏଇ ଅମିୟକୁ ପାଇ ମଧ୍ୟ ସେ ତାକୁ ଚିହ୍ନି ପାରିଲେ ନାହିଁ ।

'ରାୟ ବାହାଦୁରଙ୍କ ସେକ୍ରେଟାରୀ ଆପଣ ! କିନ୍ତୁ ମୁଁ ତ କେବେ ଦେଖି ନଥିଲି ଆପଣଙ୍କୁ ! ଯାହାହେଉ ଆପଣଙ୍କ ପରିଚୟ ପାଇ ଆନନ୍ଦିତ ହେଲି ।'...ଆନନ୍ଦରେ ସେ କହିଲେ ଶେଷ କେତୋଟି ଶବ୍ଦ ଇଂରେଜୀରେ ।

'ଅଳ୍ପ କେତେଦିନ ହେଲା ମୁଁ ଏଠାକୁ ଆସିଛି ସାର୍ ।'...ଧୀର ସ୍ୱରରେ କହିଲେ ଅମିୟ ।

'ବେଶ୍ ବେଶ୍ ଭଲ ହେଲା । ଅଚ୍ଛା ତେବେ ରାୟବାହାଦୁରଙ୍କ ଖବର କଣ ? ଅନେକ ଦିନ ହେଲା ତାଙ୍କୁ ଦେଖି ପାରିନାହିଁ କାର୍ଯ୍ୟବ୍ୟସ୍ତ ରହି । I am really very sorry Mr. Amiya'

'ସେ ବି ଦୁଃଖ ପ୍ରକାଶ କରିଛନ୍ତି ଆପଣଙ୍କ ସଙ୍ଗେ ଦେଖା କରି ନପାରି । ସେଥିପାଇଁ କ୍ଷମା ପ୍ରାର୍ଥନା ବି କରିଛନ୍ତି ସାର୍ ।'

ପ୍ରଫେସର କିଛି ସମୟ ନୀରବ ରହିଲେ ।

ଅମିୟ ତାଙ୍କର ନୀରବତାକୁ ଦେଖି ପକେଟରୁ ଚେକ୍‌ଟା ବାହାର କରି କହିଲା, 'ସେ ଏଇ ଚେକ୍‌ଟା ଆପଣଙ୍କ ନିକଟକୁ ପଠାଇଛନ୍ତି ଆଜ୍ଞା ।'

'ଚେକ୍ ! କିନ୍ତୁ କାହିଁକି ?'...ହରିଶ ବାବୁ ବିସ୍ମୟରେ ପଚାରିଲେ ।

ଅମିୟ ତାଙ୍କୁ ଚେତାଇ ଦେଲା ଗୃହବାବୁ ଯାହା କହିଥିଲେ । ପ୍ରଫେସର ହସିଲେ ନିଜର ଭୁଲକୁ ଉପଲବ୍‌ଧି କରି । ତାପରେ ଧନ୍ୟବାଦ ଦେଇ ଚେକ୍‌ଟା ନେଲେ ଅମିୟ ଠାରୁ ।

ପୂଜାରୀ ଗୋଟିଏ ଟ୍ରେ ରେ ଜଳଖିଆ ଆଣି ଅମିୟର ସାମନା ଟେବୁଲ ଉପରେ ରଖିଲା ।

ଏଇ ସମୟରେ ସେଇ ବଖରା ଭିତରକୁ ପଶି ଆସୁଥିଲା ମନୋରମା । ଅମିୟ ତାକୁ ଦେଖି ପାରିନି । କିନ୍ତୁ ମନୋରମାର ଦୃଷ୍ଟି ହଠାତ୍ ଯେତେବେଳେ ତା ଉପରେ ପଡ଼ିଲା ସେ ପ୍ରଥମେ ନିଜର ଆଖିକୁ ଆଦୌ ବିଶ୍ୱାସ କରି ପାରିଲା ନାହିଁ । ସେ ଫେରି ଆସିଲା ଦ୍ୱାର ନିକଟକୁ । କବାଟ କୋଣରେ ଲୁଚି ସେ ପୁଣି ଭଲ ଭାବେ ଦେଖିଲା । ଅମିୟ ପ୍ରଫେସରଙ୍କ ନିକଟରେ ବସି ଆଳାପ କରୁଛନ୍ତି । ଏଥିରେ କିଛି ସନ୍ଦେହ ନାହିଁ । ତା ମନରେ ଏକ ଆନ୍ଦୋଳନ ସୃଷ୍ଟି ହେଲା । ସେ କିଛି ଠିକ୍ କରି ପାରିଲା ନାହିଁ ଏ ମୁହୂର୍ତ୍ତରେ କଣ କରିବାକୁ ହେବ ? ଅମିୟ ସଙ୍ଗେ ଦେଖା କରିବ ? ନା, ବର୍ତ୍ତମାନ ପରିସ୍ଥିତିରେ ଦେଖା କରିବା ଉଚିତ ହେବ ନି । ପ୍ରଫେସର ହୁଏତ ଅନ୍ୟ କିଛି ଭାବିବେ । କିନ୍ତୁ...କିନ୍ତୁ ତାର ଯଦି ଆଉ ଦେଖା ନହୁଏ ? ତେବେ...? ସେତେବେଳେ ଭାବିଲେ ଆଉ କଣ ହେବ ? ନା, ସେ ବର୍ତ୍ତମାନ ଯାଇ ସବୁ କହିବ ଅମିୟକୁ—

ପାଦ ଆଗକୁ ବଢ଼ାଇଲା । କିନ୍ତୁ ପର ମୁହୂର୍ତ୍ତରେ ଅଟକିଗଲା ସେ । ହଠାତ୍ ତାକୁ ଗୋଟିଏ ସୂତ୍ର ମିଳିଲା । ସେ ଠିକ୍ କଲା ଶିବ ପ୍ରସାଦକୁ ସବୁ କହିବ । ଆଉ ତାକୁ ଡାକି ଆଣି ଅମିୟକୁ ଚିହ୍ନାଇ କହିବ—ଏଇ ତାର ଦେବତା ଅମିୟ ଯାହା ପାଇଁ ସେ ଆଜିଯାଏଁ ପ୍ରତୀକ୍ଷା କରିଛି—

ଗୋଟିଏ ନିଶ୍ୱାସରେ ସେ ଦୌଡ଼ିଗଲା ଶିବ ପ୍ରସାଦ ପାଖକୁ ।

କଲେଜ ସମୟ ହୋଇ ଯିବାରୁ ଶିବ ପ୍ରସାଦ ଯେତେବେଳେ ତର ବର ହୋଇ ପ୍ରସ୍ତୁତ ହେଉଥିଲା ।

'ଭାଇ !'···ଆନନ୍ଦରେ ଅଧୀର ହୋଇ ମନୋରମା ଚିତ୍କାର କରି ଉଠିଲା ଶିବ ପ୍ରସାଦ ର କୋଠରୀରେ ପଶୁ ପଶୁ ।

ଶିବ ପ୍ରସାଦ ଚମକି ପଡ଼ି ପଛକୁ ଚାହିଁଲା । ମନୋରମାର ଚେହେରା ସେତେବେଳେ କିପରି ଭିନ୍ନ ଦେଖା ଯାଉଥିଲା । ସେ ବିସ୍ମୟରେ ପଚାରିଲା, 'କଣ ହେଲା ମନୁ ?'

'ସେ ଆସିଛନ୍ତି ଭାଇ !'···ଆନନ୍ଦରେ ବିହ୍ୱଳ ହୋଇ କହିଲା ମନୋରମା ।

'କିଏ ?'···ଆଗ୍ରହ ଓ ଆଶ୍ଚର୍ଯ୍ୟରେ ପଚାରିଲା ସେ ।

'ସେ···ଅମିୟ ବାବୁ ଆସିଛନ୍ତି ଭାଇ । ଡ୍ରଇଂ ରୁମ୍‌ରେ ବସି ବାବାଙ୍କ ସଙ୍ଗେ କଥା ହେଉଛନ୍ତି ।' ଆମ୍ର ବଉଭରୀ ମନୋରମାର କଣ୍ଠରେ ସେତେବେଳେ ଫୁଟି ଉଠୁଥିଲା ଆନନ୍ଦର ଲହରୀ ।

'ତୁ ତାଙ୍କୁ ଭଲ ଭାବେ ଦେଖିଛୁ ?'···ସନ୍ଦେହରେ ପଚାରିଲା ଶିବ ପ୍ରସାଦ ମନୋରମାର ଅସ୍ଥିରତା ଲକ୍ଷ୍ୟ କରି ।

'ମୁଁ ଭଲ ଭାବେ ଦେଖିଛି ଭାଇ, ସେ ଡ୍ରଇଂ ରୁମ୍‌ରେ ବସିଛନ୍ତି । ଦ୍ୱାର ନିକଟରେ ତାଙ୍କୁ ଦେଖି ମୁଁ ଫେରି ଆସିଲି ତମକୁ ଡାକିବା ପାଇଁ । ତମେ ଦେଖିବ ଚାଲ···!'

ଆଉ କିଛି ନ କହି ଶିବପ୍ରସାଦ ତା' ସାଙ୍ଗେ ଆସିଲା ତଳ ମହଲାକୁ ।

ଡ୍ରଇଂ ରୁମ୍‌ର ଦ୍ୱାର ନିକଟରେ ପହଞ୍ଚିବା ମାତ୍ରେ ମନୋରମା ଅନେଇ ଦେଲା ଅମିୟ ବସିଥିବା ଚେୟାର ଉପରକୁ । କିନ୍ତୁ ସେଠାରେ ଅମିୟ ନଥିଲା । କେବଳ ପ୍ରଫେସର ବସି ପନିକାଟି ପଢ଼ୁଥିଲେ ।

ମନୋରମାର ପାଦ ସେଇ ଦ୍ୱାର ନିକଟରେ ଅଟକି ଗଲା । ଶିବପ୍ରସାଦ ମଧ୍ୟ ଅଟକି ଯାଇ ଦେଖିଲା ଡ୍ରଇଂ ରୁମ୍‌ରେ ପ୍ରଫେସରଙ୍କ ଛଡ଼ା ଆଉ କିଏ ନାହାନ୍ତି । ସେ ମନେ ମନେ କଣ ଭାବି ଅନେଇଲା ମନୋରମାକୁ । ମନୋରମାର ମୁହଁଟି ବାସି ଫୁଲ ପରି ମଉଳି ଯାଇଛି । ଦି ଅଖିର ଧାରେ ଧାରେ ଅଶ୍ରୁକଣା ଲାଗିରହିଛି

'ସେ କାହାନ୍ତି ଭାଇ ?'···ମନୋରମାର ଗଳା ଥରି ଉଠିଲା କହୁ କହୁ । ଶିବ ପ୍ରସାଦର ଓଠରେ ଛୋଟ ହସଟିଏ ଉଠି ମିଳେଇଗଲା ମନୋରମାର ପ୍ରଶ୍ନ ଗଳାମିରେ ।

'ମୋତେ ବିଶ୍ୱାସ କର ଭାଇ ! ସେ ଆସିଥିଲେ ଏଠାକୁ··· ।'

ବୁଢ଼ୀଙ୍କ ଉପର ମହଲାକୁ ଆସିଲେ ।

'ତୁ ବ୍ୟସ୍ତ ହ'ନା । ସେ ଯଦି ଆସିଥିଲେ ତେବେ ସାର୍ ନିଶ୍ଚୟ ଜାଣିଥିବେ ତାଙ୍କର ଠିକଣା । ମୁଁ ପଚାରି ସବୁ ବୁଝିବି । ତୁ ଯାଇ ଆରାମ କର । ତୋର ଆରାମ କରିବା ନିତାନ୍ତ ଦରକାର ।'···ଶିବପ୍ରସାଦ ସାନ୍ତ୍ୱନା ଦେଇ ଫେରି ଆସିଲା ।

ମନୋରମା ଚକିତ ମନରେ କେବଳ ଚାହିଁ ରହିଥିଲା ଶିବପ୍ରସାଦର ଯିବା ରାସ୍ତାକୁ ।

ସମୟ ସହିତ ତାଳ ଦେଇ ମନୋରମାର ଚିନ୍ତା ତା ଜୀବନକୁ ଭାରାକ୍ରାନ୍ତ କରି ତୋଳୁଥିଲା ।

ଅମିୟକୁ ଅତି ନିକଟରେ ପାଇ ମଧ୍ୟ ପର ମୁହୂର୍ତ୍ତରେ ହରେଇ ବସିଲା ସେ ତାକୁ । ତେବେ କଣ ଅମିୟ ସଙ୍ଗେ ଆଉ ଦେଖା ହେବନି ତାର ?

'ମନୁ···।'

ମନୋରମା ପଛକୁ ଚାହିଁଲା । ଶିବପ୍ରସାଦ ପଶି ଆସିଲା ରୁମ୍ ଭିତରକୁ ।

'ମୁଁ ଅମିୟ ବାବୁଙ୍କ ଠିକଣାଟା ପାଇଛି ମନୁ ।'

'ସତରେ ଭାଇ !'···କିଛିକ୍ଷଣ ପୂର୍ବେ ତା ମୁହଁରେ ଯେଉଁ ବିଷର୍ଣ୍ଣତା ଫୁଟି ଉଠିଥିଲା ତା ପରିବର୍ତ୍ତେ ଆନନ୍ଦର ଗୋଟିଏ ଛୋଟ ଲହରୀ ଖେଳିଗଲା ।

'ହଁ ମନୁ, ସାର୍ ତାଙ୍କର ଠିକଣାଟା ଦେଲେ ମୋତେ । ସେ ବି ଜାଣି ନାହାନ୍ତି, ତୋର ଆଉ ଅମିୟ ବାବୁଙ୍କ ସମ୍ବନ୍ଧ ସଂପର୍କରେ···କହିଲା ଶିବ ପ୍ରସାଦ ।

'ନା ଭାଇ, ମୁଁ ତାଙ୍କୁ ସବୁ କହିଥିଲେ ବି ତାଙ୍କ ନାଁଟା ଏପାକେ କହିନି ।'···

'ଆଜି ମୁଁ ଯାଉଛି ତାଙ୍କ ସଙ୍ଗେ ଦେଖା କରିବାକୁ ।'

ଶିବପ୍ରସାଦ ଉଦ୍‌ବେଗରେ କହି ଚାଲିଥିଲେ, କିନ୍ତୁ ହଠାତ୍ ଯେତେବେଳେ ସେ ଦେଖିଲେ ମନୋରମା ଆଖିରେ ଲୁହ, ସେ ଆଶ୍ଚର୍ଯ୍ୟ ହୋଇ ନୀରବ ରହିଲେ । କିଛି ସମୟ ପରେ ଧୀର ଗଳାରେ କହିଲେ, 'ତୁ କାନ୍ଦୁଛୁ ମନୁ ?'

ମନୋରମା ଆଖି ପୋଛି ନେଇ ହସି ହସି କହିଲେ, 'ନା ଭାଇ, ଖାଲି ସେମିତି ଆଖିରେ ଲୁହ ଆସିଗଲା ।'

ଶିବପ୍ରସାଦ ବୁଝି ପାରିଲେ ସବୁ । ଦୀର୍ଘଦିନ ବିଚ୍ଛେଦର ଅବସାନ ହେବାକୁ ଆଉ ହୁଏତ ବେଶୀ ଡେରି ନାହିଁ । ମିଳନର ମୁହୂର୍ତ୍ତ ପାଖେଇ ଆସୁଛି । ଅମିୟର ସାନ୍ନିଧ୍ୟ ଆଶାରେ ମନ ପ୍ରାଣରେ ଏକ ନବୀନ ପୁଲକ । ଆନନ୍ଦରେ ଆବେଗରେ ଆଖି ଅଶ୍ରୁ ସଜଳ ହେବା ସ୍ୱାଭାବିକ । ମନେ ମନେ ହସିଲେ ଟିକେ ଶିବ ପ୍ରସାଦ ।

'ଅମିୟ ବାବୁଙ୍କୁ ପାଇବୁ, ତାପରେ ଭୁଲି ଯିବୁ ତୋର ଏ ଭାଇକୁ...!'

'ଭାଇ !'...ଶିବ ପ୍ରସାଦ କାର୍ଯ୍ୟ ଶେଷ କରିବା ପୂର୍ବରୁ ମନୋରମା ଚିତ୍କାର କରି ଉଠିଲେ, 'ସେମିତି କୁହନି ଭାଇ ! ଏ ଜୀବନର ଶେଷ ନିଶ୍ୱାସ ଥିବା ଯାଏଁ ତୁମକୁ ଭୁଲି ପାରିବି ନି ଭାଇ ! ତୁମକୁ କେବେହେଲେ ଭୁଲି ହେବନି । ତମର ସାନ୍ତ୍ୱନା, ତମର ଆଶ୍ୱାସନା, ତମର ସ୍ନେହ ମମତା ପାଇ ମୁଁ ଯେ କେତେ ଋଣୀ ହେଲିଣି, ସେ ସବୁ କଣ ଭୁଲି ହୁଏ ଭାଇ ?'

ଶିବପ୍ରସାଦ ନିର୍ବାକ୍, ନିସ୍ପନ୍ଦ ହୋଇ ଚାହିଁଲେ ମନୋରମାକୁ । ତା ମୁହଁରେ ସେ ଖୋଜି ପାଇଲେ ଏକ ଅପୂର୍ବ ଜ୍ୟୋତି । ତାର ଦୀପ୍ତିମୟ ପବିତ୍ର ମୁହଁରେ ନାଚୁଥିଲା ହିନ୍ଦୁ ନାରୀର ପବିତ୍ରତା, ସତ୍ୟ-ଶିବ-ସୁନ୍ଦରର ଆଭାସ ।

ମନୋରମା ଭକ୍ତି ଏବଂ ସ୍ନେହମିଶ୍ରିତ ଦୃଷ୍ଟିରେ ଦେଖିଲେ ଶିବ ପ୍ରସାଦକୁ ।

ଶିବ ପ୍ରସାଦ ମୁହଁ ତଳକୁ କରି ନୀରବ ରହିଥିଲେ ।

ଆଉ ସେଇ ଦୁହିଁଙ୍କ ନୀରବତାରେ ବାତାବରଣ ମଧ୍ୟ ଶାନ୍ତ ହୋଇ ଯାଇଥିଲା ।

ସେଇ ସନ୍ଧ୍ୟାରେହିଁ ଶିବପ୍ରସାଦ ଦେଖା କଲା ଅମିୟ ସହିତ ।

'କହନ୍ତୁ, ମୁଁ ଅପଣଙ୍କର କି ସେବା କରି ପାରେ ?'...ନମ୍ର ଗଳାରେ ପଚାରିଲା ଅମିୟ ଶିବପ୍ରସାଦକୁ ଗୋଟିଏ ଚୌକି ଦେଖାଇ ଦେଇ ।

ଶିବ ପ୍ରସାଦ ପ୍ରଥମେ ଅମିୟ ଓ ତାର ଶାନ୍ତ ସରଳ ମୁହଁ ଏବଂ ତାର ନମ୍ର ସ୍ୱଭାବ ଏବଂ ଭ୍ରମ ହୀନ ଭଦ୍ରୋଚିତ ବ୍ୟବହାରରେ ବିସ୍ମିତ ହୋଇ ଗଲା । ତାର ନିର୍ମଳ ବେଶଭୂଷାରେ ଫୁଟି ଉଠିଥିଲା ଏକ ଅପୂର୍ବ ଆକର୍ଷଣ । ତା ମନରେ ଏକ ଅଜଣା ସ୍ନେହ, ଶ୍ରଦ୍ଧା ଏବଂ ଭକ୍ତି ଭାବ ଜାଗ୍ରତ ହେଲା ଅମିୟକୁ ଦେଖି । ସେ ବିଶ୍ୱାସ କରି ପାରିଲା ନାହିଁ, ଏପରି ଯୁବକ କେବେ ବିଶ୍ୱାସଘାତକତା କରି ପାରେ ମନୋରମା ପରି ଯୁବତୀ ପ୍ରତି । ସମୟ ଏବଂ ପରିସ୍ଥିତିର ଚାପରେ ପଡି ହୁଏତ ସେ ମନୋରମା ଠାରୁ ଦୂରରେ ରହିବାକୁ ବାଧ୍ୟ ହୋଇଛି ।

'କଣ ଭାବୁଛନ୍ତି ?'...ଅମିୟ ମୃଦୁ ହସି ପଚାରିଲା ।

ସେ ଅପ୍ରତିଭ ହୋଇ ଗଲା ତାର ପ୍ରଶ୍ନ ଶୁଣି । ସେ ନିଜକୁ ସଂଯତ କରି କହିଲା, 'ନା, ସେ କିଛି ନୁହେଁ ... । ହଁ, ମୁଁ ଆସିଥିଲି ଆପଣଙ୍କ ସଙ୍ଗେ ଦୁଇ ଚାରି ପଦ ଆଳାପ କରିବାକୁ । ଅପଣଙ୍କର ଯଦି ସେପରି କିଛି ଅସୁବିଧା ନହୁଏ...'

'ନା, କହନ୍ତୁ ।' ଅମିୟ ତା' କଥାରେ ବାଧା ଦେଇ କହିଲା 'କିନ୍ତୁ ଆପଣଙ୍କର ପରିଚୟଟା ଯେ ଏତେବେଳ ଯାଏଁ ଜାଣି ପାରିଲିନାହିଁ ।'

କ୍ଷମା ମାଗି ଶିବପ୍ରସାଦ ନିଜର ପରିଚୟ ଦେଲା ।

'ଖୁସି ହେଲି ଆପଣଙ୍କର ପରିଚୟ ପାଇ । ମୋର ପରିଚୟ...'

'ପ୍ରଫେସରଙ୍କ ଠାରୁ ମୁଁ ଶୁଣିଛି ।'

ଏହି ସମୟରେ ସୁଜାତା ଜଳଖିଆ ଆଣି ଦୁହିଁଙ୍କ ସାମନାରେ ଥୋଇ ଦେଲା ।

'ଅନୁଗ୍ରହ କରି ଆଗେ ଟିକେ ଚା ପାନ କରନ୍ତୁ । ତାପରେ ଆପଣଙ୍କ ଉଦ୍ଦେଶ୍ୟ ଜଣାଇବେ ।' ଅମିୟ ଅନୁରୋଧ କଲା ।

କିଛି ଜଳଖିଆ ସାରି କିଛି ସମୟ ନୀରବ ରହିବା ପରେ ଅମିୟ କହିଲା, 'ହଁ, ଏଥର କହନ୍ତୁ ଆପଣ କଣ କହିବାକୁ ଚାହାନ୍ତି ।

ଶିବପ୍ରସାଦ ମନେ ମନେ ପ୍ରସ୍ତୁତ ହୋଇସାରି ଆରମ୍ଭ କଲା— 'ଆପଣ କିଛି ଦିନ କଟକର ମନୋରମା ହୋଟେଲରେ ଥିଲେ, ନୁହେଁ ? କହିଲା ସେ ।

'ହଁ, ଥିଲି । କିନ୍ତୁ...'

'ଆପଣଙ୍କ ସହିତ ସେଇଠାରେହିଁ ମନୋରମାର ପରିଚୟ ହୁଏ, ଆଉ...'

'ଶିବ ପ୍ରସାଦ ବାବୁ !' ଚିତ୍କାର କରି ଉଠିଲା ଅମିୟ ।

'କିନ୍ତୁ ଆପଣ ଏପରି ହଠାତ୍ ଉତ୍ତେଜିତ ହୋଇ ଉଠୁଛନ୍ତି କାହିଁକି ?' ...ଶିବ ପ୍ରସାଦ ହସି ହସି ପଚାରିଲା ନିର୍ଭୟରେ ।

'ଆପଣ...ଆପଣ କିପରି ଜାଣିଲେ ଏ ସବୁ କଥା ? ଆପଣ ତେବେ କଣ ମନୋରମାକୁ ଜାଣନ୍ତି ? କହନ୍ତୁ ଶିବବାବୁ, ସେ କେଉଁଠି ଅଛି, କେମିତି ଅଛି ?'...ଉଦ୍‌ବିଗ୍ନ ହୋଇ ଉଠିଲା ଅମିୟ ।

'ସେ ଏଇ ସହରରେ ଅଛି ।'...ଶିବପ୍ରସାଦ କହିଲା ଶାନ୍ତ ଗଳାରେ ।

'ଏଇ ସହରରେ ? ମାନେ ଏଇ ମେଡ୍ରାସରେ ସେ ଅଛି ? କିନ୍ତୁ କେଉଁଠି ? ଅଣ୍ଟର୍ଯ୍ୟ ଏବଂ ସଂଶୟମିଶା ଦୃଷ୍ଟିରେ ଅମିୟ ଚାହିଁଲା ଶିବ ପ୍ରସାଦକୁ ।

'ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ଅମିୟ ବାବୁ । ସେ ବର୍ତ୍ତମାନ ନିରାପଦ ଏବଂ ଆରାମରେ ଅଛି ।...ହଁ, ଆଜି ସକାଳେ ପ୍ରଫେସରଙ୍କ ସଙ୍ଗେ ଦେଖା କରିବାକୁ ଆପଣ ଯାଇଥିଲେ ନା ?'...

'ହଁ ଯାଇଥିଲି ।'...ଅମିୟ ସାଙ୍ଗେ ସଙ୍ଗେ ଉତ୍ତର ଦେଲା ପରବର୍ତ୍ତୀ କଥା ଜାଣିବା ପାଇଁ ।

'କିନ୍ତୁ ମନୋରମା ସାଙ୍ଗେ ଦେଖା ହୋଇ ପାରିଲା ନାହିଁ ଆପଣଙ୍କର । ଶିବପ୍ରସାଦ ମୃଦୁ ହସିଲା ।

'ଆପଣ କଣ କହୁଛନ୍ତି ମୁଁ କିଛି ବୁଝି ପାରୁନି ।'…ଅମିୟର ବିସ୍ମୟ ବଢ଼ି ଚାଲିଥିଲା ।

'ମାନେ ଆପଣ ପ୍ରଫେସରଙ୍କ ସଙ୍ଗେ ଦେଖା କଲେ ଅଥଚ ମନୋରମା ସଙ୍ଗେ ଦେଖା ନକରି ଚାଲି ଆସିଲେ ।'…ଶିବ ପ୍ରସାଦ ପୂର୍ବପରି ହସି ହସି କହିଲା ।

'ତେବେ ମନୋରମା କଣ ସେଠି ଅଛି ?' ମନର ଉତ୍କଣ୍ଠାକୁ ଗୋପନ ରଖିବାକୁ ଚେଷ୍ଟା କଲା ଅମିୟ ।

'ହଁ ।'

'କିନ୍ତୁ ଆପଣ କିପରି ଜାଣିଲେ ?'…

'ମୋର ପରିଚୟ ଦେଲାବେଳେ ଆପଣଙ୍କୁ କହିଥିଲି ଯେ ମୁଁ ପ୍ରଫେସରଙ୍କ ବଙ୍ଗଳାରେ ରହେ । ଏତେ ଶୀଘ୍ର ଭୁଲିଗଲେ ?'…

'ଓ, କ୍ଷମା କରନ୍ତୁ । ବାସ୍ତବିକ ମୁଁ ଭୁଲି ଯାଇଥିଲି ।'…

'ଆଜି ସକାଳେ ଆପଣଙ୍କୁ ମନୋରମା ଦେଖିଛି, ଆପଣ କିନ୍ତୁ ତାକୁ ଦେଖି ପାରିଲେ ନାହିଁ । ଆପଣଙ୍କୁ ଦେଖାଇ ଦେବା ପାଇଁ ମତେ ଡାକିବାକୁ ଆସି ଯେତେବେଳେ ଫେରିଯାଏ, ଦେଖେ ଆପଣ ସେଠାରେ ନାହାନ୍ତି । ମୁଁ ପ୍ରଥମେ ମନୋରମାର କଥାକୁ ବିଶ୍ୱାସ କରୁ ନଥିଲି । ଭାବିଲି ଅତ୍ୟଧିକ ଉତ୍ତେଜନା ହେତୁ ମନୋରମାର ପାଗଳାମି ଆରମ୍ଭ ହୋଇଛି । କିନ୍ତୁ ପରେ ପ୍ରଫେସରଙ୍କୁ ପଚାରି ଆପଣଙ୍କ ବିଷୟରେ ଜାଣିଲି ।' କହିଲା ଶିବ ସାଦ ।

କିଛି ସମୟ ନୀରବରେ କଟିଗଲା ।

ସେଇ ନୀରବତାକୁ ଭାଙ୍ଗି ଶିବପ୍ରସାଦ ପୁଣି କହିଲା, 'ସେ ଖାଲି ଆପଣଙ୍କ ଆଶାରେ ବଞ୍ଚି ରହିଛି ଅମିୟ ବାବୁ, ସେ ଏବେ ବି ଆପଣଙ୍କୁ ବିଶ୍ୱାସ କରୁଛି ।'

ଅମିୟ ଶୁଣୁଥିଲା । ସେ ଯେଉଁ ବିଶ୍ୱାସଘାତକତା କରିଛି, ମନୋରମାର ପବିତ୍ର ପ୍ରେମକୁ ପାଦରେ ଯେମିତି ଦଳିଦେଇ ଚାଲି ଆସିଛି, ହୁଏତ ଆଉ କିଏ ହୋଇଥିଲେ ସେ କେବେହେଲେ କ୍ଷମା ଦେଇ ନଥାନ୍ତା । ମନୋରମାର ରକ୍ତ ସଙ୍ଗ-ଖେଳି ତାକୁ ଅପବିତ୍ର, କଳଙ୍କିନୀ, ପତିତା କରି ଦେଇଛି—

ତଥାପି ମନୋରମା ତାକୁ ପୂଜା କରୁଛି···ହୃଦୟରେ ତା ପାଇଁ ଆସନ ସାଇତି ରଖିଛି ।

ବିଶ୍ୱାସ ଲୋପ ହୋଇ ଆସୁଥିଲା ଅମିୟର, କିନ୍ତୁ ମନୋରମାର ଖବର ପାଇ ଅତୀତର ଅନୁରାଗ, ପ୍ରେମର ସ୍ମୃତି ତା ମନରେ ପୁଣି ନାଚି ଉଠିଲା । ତା ଆଖି ଓଦା ହୋଇ ଆସିଲା ଲୁହରେ । ଶିବ ପ୍ରସାଦଙ୍କ ଦୃଷ୍ଟି ଏଡ଼େଇବା ପାଇଁ ମୁହଁ ବୁଲେଇ ଆଣିଲା ସେ ।

'ଅମିୟ ବାବୁ !' ଡାକିଲେ ଶିବପ୍ରସାଦ ।

ରୁମାଲରେ ହଠାତ୍ ଆଖି ପତା ପୋଛି ନେଇ ଚାହିଁଲା ଅମିୟ । ଦୁଃଖରେ ଭାଙ୍ଗି ପଡ଼ି ବ୍ୟାକୁଳ ହୋଇ ପଚାରିଲା—'ମନୋରମା ମୋତେ କ୍ଷମା କରିଛି ?'

ଅବାକ୍ ହୋଇଗଲେ ଶିବ ପ୍ରସାଦ । ସେ ପ୍ରଥମେ କିଛି ବୁଝି ପାରିଲେ ନାହିଁ ଅମିୟ କଣ ପଚାରୁଛି ।

'କୁହନ୍ତୁ ଶିବ ପ୍ରସାଦ ବାବୁ, ମନୋରମା କଣ ସତେ ମୋତେ କ୍ଷମା କରିଛି ?' ପ୍ରଶ୍ନକୁ ଦୋହରାଇଲା ଅମିୟ ।

'ଆପଣ ଯାଇ ଯଦି ଦେଖନ୍ତେ, ତେବେ ହୁଏତ ମୋର କଥାର ସତ୍ୟତା ଉପଲବ୍ଧି କରି ପାରନ୍ତେ'—ଉତ୍ତର ଦେଲେ ଶିବ ପ୍ରସାଦ ।

ଅମିୟ ନିରୁତ୍ତର ରହି ଚାହିଁଲା ଶିବ ପ୍ରସାଦଙ୍କୁ । କିଛି ସମୟ ପରେ ଶାନ୍ତ ସ୍ୱରରେ କହିଲା—'ମୁଁ ଯିବି ଶିବ ପ୍ରସାଦ ବାବୁ ।'

'ତେବେ ଯିବେ ତାହାହେଲେ ?' ଆଗ୍ରହରେ ପଚାରିଲେ ଶିବପ୍ରସାଦ ।

'କାଲି ସକାଳେ ଯିବି ।' ଅମିୟ ମୁହଁ ତଳକୁ କଲା ।

ଦେଖନ୍ତୁ ଭୁଲି ଯିବେ ନାହିଁ । ମୁଁ ମନୋରମାକୁ କହି ରଖିଥିବି ।··· ଆଚ୍ଛା, ତେବେ ମୁଁ ଯାଉଛି । ନମସ୍କାର ।' କହିଦେଇ ଶିବ ପ୍ରସାଦ ଚାଲିଗଲେ ।

ଅମିୟ ସେତେବେଳେ କଳ୍ପନା ସାଗରରେ ଇମିତି ବୁଡ଼ିଯାଇଥିଲା ଯେ ନମସ୍କାରର ଉତ୍ତର ଦେବାକୁ ବି ସିଏ ଭୁଲି ଯାଇଥିଲା ।

ପରଦିନ ସକାଳ ଆଠଟା । ଅମୟର କାର୍ ପ୍ରଫେସରଙ୍କ ଘର ଉଦ୍ଦେଶ୍ୟରେ ଛୁଟି ଚାଲିଛି ଦୀର୍ଘ ପିଚୁ ରାସ୍ତା ଉପରେ । କାର୍‌ର ଗତି ସହିତ ତାକୁ ନେଇ ତାର ଭାବନା' ମଧ୍ୟ ଗତି କରୁଥିଲା ।

ଅମିୟ ଭାବୁଛି । କାର୍ ପୁରା ସ୍ପିଡ୍‌ରେ ଦୌଡୁଛି । ପ୍ରଶ୍ନ ପରେ ପ୍ରଶ୍ନ ତାର ଆନ୍ଦୋଳିତ ମନରେ ଜମାଟ ବାନ୍ଧୁଛି । ମନୋରମାକୁ କେନ୍ଦ୍ର କରି ତାର ସ୍ୱପ୍ନିଲ ଭବିଷ୍ୟତକୁ ପୁଣି ଥରେ ରୂପ ଦେଉଛି ମନେ ମନେ ।

କାର୍‌ର ଗତି ମନ୍ଥର ହେଲା । ମୈଲାପୁର ଜଙ୍କସନ୍—ଖୁବ୍ ଭିଡ ଲୋକଙ୍କର । ସେଇ ଭିଡ଼ରୁ ରକ୍ଷା ପାଇବା ପାଇଁ କାର୍‌ର ଗତି ବଦଳାଇଲା ଡ୍ରାଇଭର । କିନ୍ତୁ ଗତି ଜୋର ଥିବା ହେତୁ ସାମନାରେ ଥିବା ମସ୍ତବଡ଼ ଅଶ୍ୱତ୍ଥ ଗଛ ନିକଟରୁ ହଟି ପାରିଲା ନାହିଁ । କାର୍‌ଟି ଧକ୍‌କା ଖାଇଲା ଗଛ ସହିତ । ଓଲଟି ପଡ଼ିଲା ସଙ୍ଗେ ସଙ୍ଗେ—କାର୍‌ର ଅସ୍ତିତ୍ୱ ରହିଲା ନାହିଁ । ନିଆଁରେ ଜଳି ଉଠିଲା ହୁ...ହୁ...ହୋଇ ।

ସାଙ୍ଗେ ସାଙ୍ଗେ ଲୋକ ଜମିଗଲେ ଦୁର୍ଘଟଣା ସ୍ଥଳରେ । ସେହି ଶୋଚନୀୟ ପରିସ୍ଥିତିକୁ ଦେଖି ଲୋକଙ୍କ ମନ ଦୁଃଖରେ ଦୋହଲି ଉଠିଲା । କେତେଜଣ ସାହସୀ ଯୁବକ ଡ୍ରାଇଭର ଏବଂ ଅମିୟକୁ ସେଇ ଦାରୁଣ ଓ ଭୟାବହ ପରିସ୍ଥିତିରୁ ରକ୍ଷା କରି ବାହାରକୁ ନେଇଆସିଲେ ।

ପୁଲିସ ଆସିଲା । ପ୍ରାଥମିକ ପରୀକ୍ଷାପରେ ଦୁହିଁଙ୍କୁ ମେଡ଼ିକାଲ ହସ୍‌ପିଟାଲକୁ ପଠାଇ ଦିଆଗଲା । ଡାକ୍ତର-ରିପୋର୍ଟକୁ ଅପେକ୍ଷା କରିବାକୁ ହେବ । ଦୁହିଁଙ୍କ ଶରୀରରେ ପୋଡ଼ା ଦାଗ ଭର୍ତ୍ତି ହୋଇଯାଇଛି । ବେହୋସ ହୋଇପଡ଼ିଛନ୍ତି ଦୁହେଁ । ସମସ୍ତଙ୍କ ମନରେ ସନ୍ଦେହ—ବଞ୍ଚିବେତ ଏ ଦୁହେଁ ? ଡାକ୍ତର କଣ ରିପୋର୍ଟ ଦେବେ କେଜାଣି ?

ମାନ୍ଦ୍ରାଜ ସହର ସାରା ସାଙ୍ଗେ ସାଙ୍ଗେ ଖେଳିଗଲା ଏଇ ଶୋଚନୀୟ କରୁଣ ସମ୍ବାଦ । କିଏ କହୁଛି, କାର୍‌ରେ ଥିବା ଲୋକଙ୍କ ଆଉ ପତ୍ତା ନାହିଁ । ଆଉ କିଏ କହୁଛି, ଅବସ୍ଥା ଭଲ ଅଛି ଦୁହିଁଙ୍କର । ଆଉ କିଏ ବଖାଣୁଛି, ଶ୍ମଶାନରେ ଦୁହିଁଙ୍କର ଚିତା ହୁ...ହୁ ହୋଇ ଜଳିଲାଣି ।

ପ୍ରେସ ରିପୋର୍ଟରମାନେ ସଂବାଦ ସଂଗ୍ରହ କରିବାରେ ବ୍ୟସ୍ତ । ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ସମ୍ବାଦ ସଂଗ୍ରହ କରିବାରେ ବ୍ୟସ୍ତ ଥିଲେ ପୁଲିସ ଆଉ ସ୍ଥାନୀୟ ସମ୍ବାଦଦାତାମାନେ ।

× × ×

ସେଇ ଦିନ ସକାଳ ନ'ଟା ।

ଶିବପ୍ରସାଦ ଓ ମନୋରମା ଅପେକ୍ଷା କରିଥିଲେ ଅମିତ୍ରର ପଥ ଚାହିଁ । ତା ପହଞ୍ଚିବା ସମୟରୁ ଅଧଘଣ୍ଟା ଅତୀତ ହୋଇଗଲାଣି ।

'ସେ କାହାନ୍ତି ଭାଇ ?' ଶିବପ୍ରସାଦଙ୍କୁ ମନୋରମା ଉଦ୍‌ଗ୍ରୀବ ହୋଇ ପଚାରିଲା ।

'ସେ ନିଶ୍ଚୟ ଆସିବେ ମନୁ ! ମୁଁ ତାଙ୍କୁ ଆସିବାକୁ ବାଧ କରିବା ଦୂରେ ଥାଉ, ସେ ନିଜେ ତୋ ସମ୍ବାଦ ପାଇ ଅଧୀର ହୋଇ ଉଠିଲେ ତୋତେ ଦେଖିବା ପାଇଁ । ଏଣୁ ନ ଆସିବାର କୌଣସି ଆଶଙ୍କା ନାହିଁ । ନିଜର ବ୍ୟଗ୍ରତାକୁ ଦବାଇ ରଖି କହିଲା ଶିବପ୍ରସାଦ ।

'ଏତେ କଣ ସକାଳ ହୋଇଛି ? ଦଶଟା ବାଜିବାକୁ ବସିଲାଣି ଯେ !' ମନୋରମା ଉଠି ଆସି ଝରକା ପାଖରେ ଚାହିଁ ଦେଇଗଲା ।

'ଓହୋ, ତୁ ଏମିତି ଅଥୟ ହେଲେ କେମିତି ହେବ ? ଆଉ ଟିକିଏ ଅପେକ୍ଷା କର ।' ମନୋରମା ଶିବପ୍ରସାଦ ପରିହାସରେ ଲଜ୍ଜାରେ ମୁହଁ ତଳକୁ କଲା ।

'ଆଚ୍ଛା, ତେବେ ମୁଁ ଫୋନ୍ କରି ବୁଝି ଆସୁଛି ।' ଶିବପ୍ରସାଦ କହି ଦେଇ ଫୋନ୍ ନିକଟକୁ ଆସିଲା । ନମ୍ବରଟି ଖୋଜି କାହାର କଲା ଟେଲିଫୋନ୍ କାଟାଲଗ୍‌ରୁ ।

'ହାଲୋ··· ?' ରିସିଭର ଉଠାଇ ଡାକିଲା ଶିବପ୍ରସାଦ ।

'.........'

'ହଁ, ମୁଁ ପ୍ରଫେସର ହରିଶଙ୍କ ମହଲକୁ କହୁଛି ।'

‘ଆପଣ କିଏ ? ତାହାକୁ ଖୋଜୁଛନ୍ତି ?’ ଅନ୍ୟ ଆଡୁ ନାରୀ କଣ୍ଠର ଆବାଜ ଶୁଣିବାକୁ ପାଇଲେ ଶିବପ୍ରସାଦ ।

‘ମୁଁ ଶିବପ୍ରସାଦ କହୁଛି ।

‘ଓଃ, ଆପଣ ?’·····ହଠାତ୍ ନାରୀ କଣ୍ଠର ଆବାଜ କ୍ଷୀଣ ହୋଇଗଲା ।

‘କାହିଁକି ? କଣ ହେଲା ? ଅମିୟ ବାବୁ ଅଛନ୍ତି ?’—ପଚାରିଲେ ଶିବପ୍ରସାଦ ।

‘ସେ ସକାଳ ଆଠଟାରୁ ଆପଣଙ୍କ ବଙ୍ଗଳାକୁ ଯାଇଛନ୍ତି ଯେ !’

‘ସକାଳ ଆଠଟାରୁ ଆସିଛନ୍ତି !’···ଶିବପ୍ରସାଦ ଆଶ୍ଚର୍ଯ୍ୟରେ କହିଲେ—‘କିନ୍ତୁ ଏପର୍ଯ୍ୟନ୍ତ ଏଠାକୁ ଆସି ନାହାନ୍ତି ତ !

‘ଯାଇ ନାହାନ୍ତି ?’

‘ନା ।’

‘ତେବେ ଗଲେ କୁଆଡ଼େ ?’

‘ମୁଁ କେମିତି ଜାଣିବି ?’ ଶିବପ୍ରସାଦ କହିଲେ ନିମ୍ନ ଗଳାରେ, ‘ଆଚ୍ଛା ଆପଣ କିଏ··· ?’

‘ମୁଁ—ମୁଁ ତାଙ୍କର ଭଉଣୀ ରମା ।’ ଅପ୍ରତିଭ ହୋଇ ରମା ଉତ୍ତର ଦେଲା ।

‘ଓଃ, ଆପଣ !’

‘କାହିଁକି କଣ ହେଲା ?’ ରମା ହସିଲା ମୁହଁରେ ଲୁଗା ଦେଇ ।

‘ନା, କିଛି ନାହିଁ···କିଛି ନାହିଁ । ହଁ, ରମା ଦେବୀ, ଭାଇ ଆସିଲେ ଫୋନ୍ ଧରିବାକୁ କହିଦେବେ ! ଏତିକି ମୋର ଅନୁରୋଧ ।’

ଅନୁରୋଧର କିଛି ଆବଶ୍ୟକତା ନାହିଁ । ସେ ଆସିଲେ ମୁଁ କହିଦେବି । କିନ୍ତୁ···ଶୁଣନ୍ତୁ, ସେ ତ ଆପଣଙ୍କ ମହଲକୁ ଯାଇଛନ୍ତି !!’

‘ଆଚ୍ଛା କଥା ତ ଏ ? ତେବେ ମୁଁ କଣ ଆପଣଙ୍କ ସଙ୍ଗେ ଥଟ୍ଟା ଖେଳୁଛି !’

ଶିବ ପ୍ରସାଦ ଟିକିଏ ଚଡ଼ା ଗଳାରେ କହିଲେ ନିଜକୁ ଅସମ୍ମାନିତ ମନେ କରି ।

—'ଆପଣ ରାଗିଲେ ନା କଣ ? ମୋତେ କ୍ଷମା କରନ୍ତୁ । ଭାଇ ମୋତେ ଯାହା କହିଥିଲେ ମୁଁ ତାହା କରୁଛି । ହଉ, ଭାଇ ଫେରିଲେ ଆପଣଙ୍କ ନିକଟକୁ ଫୋନ୍ କରିଦେବାକୁ କହିଦେବି ।' କହିଦେଇ ଫୋନ୍ ଥୋଇଦେଲା ଉମା ।

ଶିବପ୍ରସାଦ ମନେ ମନେ ଆନନ୍ଦିତ ହେଲା ଉମାର ନମ୍ର ସ୍ୱଭାବକୁ ଲକ୍ଷ୍ୟ କରି । ରିସିଭରକୁ ଥୋଇଦେଇ ସେ ଫେରି ଆସିଲା ମନୋରମା ପାଖକୁ ।

ମନୋରମା ଉଦ୍‌ବିଘ୍ନ ହୋଇ ତା ପାଇଁ ଅପେକ୍ଷା କରିଥିଲା ।

'ବୁଝିଲ ମନୁ, ସେ ମହାଶୟ ସକାଳ ସାତଟାରୁ ଏଠାକୁ ଆସିବା ପାଇଁ ଘରୁ ବାହାରିଛନ୍ତି ଆଉ ଏତେବେଳ ଯାଏଁ ତାଙ୍କର ଦର୍ଶନ ନାହିଁ ।' ଶିବପ୍ରସାଦ ମନୋରମା ନିକଟରେ ବସି ଯାଇ କହିଲା ।

'ତେବେ ସେ କୁଆଡେ ଗଲେ ?...ତୁମେ ଏତେବେଳଯାଏଁ କାହା ସଙ୍ଗେ ଆଳାପ କରୁଥିଲ ଭଲା ?'

'କୁମାରୀ ଉମାଙ୍କ ସହିତ । ସେ ମହାଶୟା ତୁମ ମହାଶୟଙ୍କ ଭଉଣୀ ।'...ଶିବପ୍ରସାଦ ଉତ୍ତର ଦେଲା । ମନୋରମା ହସିଲା ତା' କଥା ଶୁଣି ।

'ଆରେ ହସିଲ କାହିଁକି ମନୁ ? ମୋର କଣ ଭୁଲ ହେଲା କେଉଁଠି ? ମୁଁ ଭଲ ଭାବରେ ଜାଣିନି ସେ କୁମାରୀ କି ଶ୍ରୀମତୀ । ହଁ, ମୁଁ ଖାଲି ଅନୁମାନ କରି କହିଲ ।'

—'ତୁମ କଥା ଶୁଣି ଯେ କୌଣସି ଲୋକ ବି ହସିବ । ତାଙ୍କର ଭଉଣୀ କୁଆଡୁ ଆସିବ ଭଲା ?' ମନୋରମା ହସକୁ ଚାପି କହିଲା । ସେ ଜାଣେ, ଅମିୟର କେହି ଭଉଣୀ ନାହାନ୍ତି । ଅମିୟଠାରୁ ତମର ପାରିବାରିକ କଥା ଅନେକଥର ଶୁଣିଥିଲା ମନୋରମା । 'ଆରେ ବାଃ, ମୁଁ କିପରି ଜାଣିବି ତାଙ୍କର ଭଉଣୀ କୁଆଡୁ ଆସିଲା । ଶ୍ରୀମତୀ ସେମିତି ପରିଚୟ ତ ଦେଲେ ।'...ଶିବପ୍ରସାଦ ବିବ୍ରତ ହୋଇ କହିଲା ।

ମନୋରମା ଆଉ ଯୁକ୍ତି ନକରି ଭାବିବାକୁ ଲାଗିଲା । ଏ ରମା... ? କିଏ ସେ ? ବଖରାଟି କିଛି ସମୟ ନିସ୍ତବ୍ଧ ରହିଲା । କିଛି କ୍ଷଣ ପରେ ଚାକର ଆସି ଜଣାଇଲା, ଫୋନ୍‌ରେ କିଏ ଶିବପ୍ରସାଦଙ୍କୁ ଖୋଜୁଛି ।

ବୋଧହୁଏ ଶ୍ରୀମତୀ ନନ୍ଦା ଆସିଗଲେ । କହି ଦେଇ ଶିବପ୍ରସାଦ ଫୋନ୍ ଧରିବାକୁ ଗଲା । ମନୋରମାର ଅଧରରେ ସୂକ୍ଷ୍ମ ହସଟିଏ ଖେଳିଗଲା ତା କଥାରେ । ମନର ବ୍ୟଗ୍ରତାକୁ ସେ ଯଥାସମ୍ଭବ ଚାପିବାକୁ ଚେଷ୍ଟା କରୁଥିଲା ।

ଶିବପ୍ରସାଦ ଫେରି ଆସିଲା ଦୁଇମିନିଟ୍ ପରେ । ମୁହଁଟି ତାର ମଉଳି ଯାଇଥିଲା । ହତାଶାର ରେଖା ଫୁଟି ଉଠିଥିଲା ମୁହଁର ମାଂସପେଶିରେ । ଦୁଇ ମିନିଟ୍‌ରେ ସେ ଯେପରି ଅନେକ ବଦଳି ଯାଇଛି । ତାର ପରିବର୍ତ୍ତନ ଦେଖି ମନୋରମା ମଧ୍ୟ ହତବାକ୍ ହୋଇଗଲା ।

'କଣ ହେଲା ଭାଇ ? ସେ ଆସିଲେ ?' ଶଙ୍କିତ ଗଳାରେ ପଚାରିଲା ମନୋରମା ।

ଶିବପ୍ରସାଦ ମୁହଁରୁ ତା ପ୍ରଶ୍ନର କୌଣସି ଉତ୍ତର ମିଳିଲା ନାହିଁ ।

'କହୁନ କାହିଁକି ଭାଇ ? ଫୋନ୍ କରିଥିଲେ ? ସେ କଣ ଏତେବେଳ ଯାଏଁ ଫେରି ନାହାନ୍ତି ?' ମନୋରମାର ଉତ୍କଣ୍ଠା ବଢି ଚାଲିଥିଲା ।

'ନା ମନୁ, ସେ ଫେରି ନାହାନ୍ତି । ...ଯିବା ଚାଲ ହସ୍‌ପିଟାଲକୁ ।'

ଗଳାକୁ ଠିକ୍ କରି ନେଇ ଖୁବ୍ ଧୀରେ କହିଲା ।

ବିସ୍ମୟରେ ସ୍ତବ୍ଧ ହୋଇଗଲା ମନୋରମା । ଗଳା ତାର କମ୍ପି ଉଠିଲା ଅଜଣା ବିପଦର ସୂଚନା ପାଇ । ଆଖିରେ ଲୁହ ଜମି ଆସିଲା ମନୋରମାର ।

'ହସପିଟାଲକୁ କାହିଁକି ଯିବା ଭାଇ ?'

'ରମାଠୁଁ ଫୋନ୍ ଆସିଛି ।...ଅରେ ତୁ ସେମିତି ବିବ୍ରତ କାହିଁକି ହେଉଛୁ ? କଣ ଏମିତି ଗୋଟାଏ ବଡ଼ କଥା ହେଇଯାଇଛି ଯେ ତୁ କାନ୍ଦୁଛୁ ? ପାଗଳୀଟା...ଚାଲ ଯିବା ଦେଖି ଆସିବା ।' ଶିବପ୍ରସାଦର କଣ୍ଠ ମଧ୍ୟ କମ୍ପି ଉଠୁଥିଲା କହିଲାବେଳେ । ସେ ଯଥାସମ୍ଭବ ଚେଷ୍ଟା କରୁଥିଲା

ମନର ଭାବକୁ ଲୁଗାଇ ରଖିବାକୁ । ସାନ୍ତ୍ୱନା ଦେଇ ମନୋରମାକୁ ଖାଲି ଉପର ଠାଉରିଆ ଭାବରେ ।

ଦୁହେଁ ହସ୍‌ପିଟାଲକୁ ଯିବାପାଇଁ ପ୍ରସ୍ତୁତ ହେଲେ ।

ମନୋରମା ଏବଂ ଶିବପ୍ରସାଦ ହସ୍‌ପିଟାଲରେ ପହଞ୍ଚିଲେ ଦଶ ମିନିଟ ମଧ୍ୟରେ । ଉମା, ବୃନ୍ଦୁବାବୁ ଓ ଶୈଳବାଳାଦେବୀଙ୍କ ମୁହଁରେ ବିଷାଦର ଛାୟା ଘୋଟି ଯାଇଛି । ଶିବପ୍ରସାଦ ଉମାକୁ ଦେଖିବା ମାତ୍ରେ ପାଟିକରି ଉଠିଲା —'ଉମାଦେବୀ !!'

ଉମାର ମୁହଁଟି ଦୁଃଖ ଓ ହତାଶାରେ ମଉଳି ଯାଇଥିଲା । ସେ ତାଙ୍କ ଡାକ ଶୁଣି ଧୀରେ ଧୀରେ ତା ନିକଟକୁ ଆସିଲା ।

'ଅମିୟବାବୁ କାହାନ୍ତି, ଉମାଦେବୀ ?' ଶିବପ୍ରସାଦ ବ୍ୟସ୍ତ ହୋଇ ପଚାରିଲା । ଉମାର ଆଖି ଛଳ ଛଳ ହୋଇ ଆସିଲା । ତାର ଗଳା ଅଟକି ଉଠିଲା । ସେ କିଛି ଉତ୍ତର ଦେଇପାରିଲା ନାହିଁ । ସେ ଦୁଃଖରେ ଭାଙ୍ଗି ଯାଇ ଚାହିଁଲା ମନୋରମାକୁ ।

ମନୋରମା କିଛି ବୁଝିପାରୁ ନଥିଲା । ତାର ସନ୍ଦେହ ଓ ଆଶଙ୍କା ତୀବ୍ର ଗତିରେ ବଢ଼ୁଥିଲା । ଉମାର ଛଳ ଛଳ ଆଖି ଦେଖି ସେ ଅଥୟ ହୋଇ ଉଠିଲା ।

'କହନ୍ତୁ ଉମା ଦେବୀ, ଅମିୟବାବୁ କାହାନ୍ତି ? କଅଣ ହୋଇଛି ତାଙ୍କର ?' ମନୋରମା ଉଦ୍‌ବିଗ୍ନ ହୋଇଉଠିଲା ।

ଉମା ନିରୁତ୍ତର ! ସେ ମୁହଁ ତଳକୁ କରି ଠିଆ ହୋଇ ରହିଲା ।

ଏହି ସମୟରେ ଅପରେସନ୍ ଥିଏଟରରୁ ବାହାରିଲେ ଡାକ୍ତର । ଡାକ୍ତରଙ୍କୁ ଦେଖି ଉମା ଦୌଡ଼ିଗଲା ତାଙ୍କ ପାଖକୁ । ଶିବପ୍ରସାଦ ଏବଂ ମନୋରମା ମଧ୍ୟ ତା ପଛରେ ଗଲେ ।

'କଣ ହେଲା ଡାକ୍ତରବାବୁ ?' ଉଦ୍‌ବେଗରେ ପଚାରିଲା ଉମା ।

ଅସ୍ଥିର ହୁଅନ୍ତୁ ନାହିଁ । ଅପରେସନ୍ ଠିକ୍ ହେଉଛି । ବ୍ୟସ୍ତ ହେବାର କୌଣସି କାରଣ ନାହିଁ ।' ଡାକ୍ତରବାବୁ ରୁମାଲରେ କପାଳର ଝାଳ ପୋଛି ସାନ୍ତ୍ୱନା ଦେଲେ ।

ଉତ୍କଣ୍ଠିତ ହୋଇ ତାଙ୍କ ଉତ୍ତରକୁ ଚାହିଁ ରହିଥିଲେ ଉମା, ମନୋରମା ଓ ଶିବପ୍ରସାଦ । ମନୋରମା ଡାକ୍ତରଙ୍କ ଉତ୍ତର ଶୁଣି ଅବାକ୍ ହୋଇଗଲା । ସେ ତାଙ୍କର କୌଣସି କଥା ବୁଝିପାରିଲା ନାହିଁ । ଅସ୍ଥିର ହୋଇ ସେ ସମସ୍ତଙ୍କୁ ଥରେ ଚାହିଁଲା । 'ଅପରେଶନ' ଶବ୍ଦଟି ତାର ଧାରଣାକୁ ଗୋଳମାଳ କରିଦେଲା । କି ଅପରେଶନ୍ ?...କାହାର ଅପରେଶନ୍ ?...କାହିଁକି ଅପରେଶନ ? ତେବେ...ତେବେ କଣ ଅମିୟବାବୁ ଆହତ ହୋଇଛନ୍ତି କୌଣସି ଦୁର୍ଘଟଣାରେ ? ଏଇ ପ୍ରଶ୍ନଟି ମନରେ ଉଠିଲା ବେଳେ ସେ ଚମକି ପଡ଼ିଲା । ଆଉ କିଛି କଥା ଭାବି ଭୟରେ ସେ ନିସ୍ତେଜ ହୋଇ ଆସୁଥିଲା । ମୁହଁରୁ କଥା ସ୍ଫୁରିଲା ନାହିଁ ।

ଡାକ୍ତରବାବୁ ରାୟବାହାଦୁରଙ୍କ ନିକଟକୁ ଗଲେ ।

ଅପରେଶନ ଥିଏଟର ନିକଟରେ ନିସ୍ତବ୍ଧତା ଖେଳିଗଲା । ସମସ୍ତଙ୍କ ଉତ୍କଣ୍ଠା ବଢ଼ିଚାଲିଥିଲା—ଅମିୟକୁ ଦେଖିବାକୁ ।

ଦୁଇ ତିନି ମିନିଟ୍ ବିତିଗଲା । ଅପରେଶନ୍ ଥିଏଟର ଦ୍ୱାର ଖୋଲିଗଲା । ଦୁଇଜଣ ଗୋଟିଏ ଷ୍ଟ୍ରେଚର ନେଇ ବାହାରକୁ ଆସିଲେ । ଷ୍ଟ୍ରେଚର ଉପରେ ଅଚେତ ହୋଇ ପଡ଼ିଥିଲା ଅମିୟ । ଇସ୍, କି ଭୟଙ୍କର ସେ ଚେହେରା ! ସମସ୍ତ ଶରୀର ବ୍ୟାଣ୍ଡେଜରେ ବନ୍ଧା ଯାଇଛି । ନାକଟା କେବଳ ବାହାରକୁ ଦେଖାଯାଉଥାଏ । ତା ପଛରେ ଥିଲେ ତିନିଜଣ ନର୍ସ ଏବଂ ଦୁଇଜଣ ଡାକ୍ତର ।

ମନୋରମାର ତୀକ୍ଷ୍ଣ ଦୃଷ୍ଟି ଯେତେବେଳେ ଷ୍ଟ୍ରେଚର ଉପରେ ପଡ଼ିଲା, ଭୟରେ ସେ ଚିତ୍କାର କରିଉଠିଲା । ତାର ସର୍ବାଙ୍ଗ ଥରି ଉଠିଲା । ସେ ବେହୋସ ହୋଇ ଚଟାଣ ଉପରେ ଢଳି ପଡ଼ିଲା ।

ମନୋରମାର ଚିତ୍କାର ଶୁଣି ଶିବପ୍ରସାଦ ଷ୍ଟ୍ରେଚର ଉପରୁ ଦୃଷ୍ଟି ବୁଲାଇ ଆଣି ମନୋରମାକୁ ଦେଖିଲେ । ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ସେ

ସଙ୍ଗେ ସଙ୍ଗେ ତାକୁ ଟେକି ଉଠାଇ ଧରିଲେ । ଉମା ମଧ୍ୟ ସାହାଯ୍ୟ କଲା ଶିବପ୍ରସାଦଙ୍କୁ । ଦୁଇ ତିନି ଜଣ ନର୍ସ ଦୌଡ଼ି ଆସିଲେ ତାର ଚିତ୍କାର ଶୁଣି । ଡାକ୍ତର ମଧ୍ୟ ଆସିଲେ । ମନୋରମାର ମୁହଁରେ ଥଣ୍ଡା ପାଣି ଛିଞ୍ଚାଗଲା । କିନ୍ତୁ ତାର ହୋସ୍ ଆସିଲା ନାହିଁ । ଡାକ୍ତରଙ୍କ ସମସ୍ତ ପ୍ରାଥମିକ ଚେଷ୍ଟା ବିଫଳ ହେଲା । ଶେଷରେ ସମସ୍ତେ ମିଶି ତାକୁ ଗୋଟିଏ ଖଟିଆ ଉପରେ ନେଇ ଶୁଆଇ ଦେଲେ ।

'ହୋସ କାହିଁକି ଆସୁନାହିଁ ଡାକ୍ତର ବାବୁ ?' ଶିବପ୍ରସାଦ ବ୍ୟସ୍ତ ହୋଇ ପଚାରିଲେ । ସେ ଭଲ ଭାବରେ ଜାଣିଥିଲେ, ମନୋରମା ଅମିୟର ଆହତ ଅବସ୍ଥା ଦେଖିଲେ ତା ମନରେ ନିଶ୍ଚୟ ଆଘାତ ଲାଗିବ । କିନ୍ତୁ ସେ କଣ ତା କଳ୍ପନା କରି ଥାଆନ୍ତା ? ମନୋରମାକୁ ଅଟକାଇ ରଖିଥିଲେ ମଧ୍ୟ ସେ କଣ ରାଜି ହୋଇ ଥାଆନ୍ତା ? ଏ ସବୁ ଜାଣି ମଧ୍ୟ ସେ ଆଗରୁ କିଛି ପ୍ରତିକାର କରିପାରିଲେ ନାହିଁ ।

'ବ୍ୟସ୍ତ ହୁଅନ୍ତୁ ନାହିଁ । ଶୀଘ୍ର ହୋସ ଆସିଯିବ ।' ଟାମିଲ ଡାକ୍ତର ଆଶ୍ୱାସନା ଦେଲେ ଇଂରେଜୀରେ । ତାପରେ ସେ ଅନ୍ୟମାନଙ୍କୁ ବାହାରକୁ ଚାଲିଯିବାକୁ କହିଲେ । ଦୁଇଜଣ ନର୍ସ ସେହି କେବିନ୍‌ରେ ରହିଲେ ତାଙ୍କୁ ସାହାଯ୍ୟ କରିବାକୁ ।

ଶିବପ୍ରସାଦ ଏବଂ ଉମା ଉଦ୍‌ବିଗ୍ନ ହୋଇ ବାହାରେ ଅପେକ୍ଷା କରି ରହିଥିଲେ । କିଛି ସମୟ ପରେ ଡାକ୍ତରବାବୁ ବାହାରକୁ ଆସିଲେ । ସେ ବିଚଳିତ ଥିବା ପରି ଜଣା ପଡ଼ୁଥିଲେ । ଶିବପ୍ରସାଦ ଉଦ୍‌ବେଗରେ ମନୋରମା ବିଷୟରେ ପଚାରିଲେ ତାଙ୍କୁ ଦେଖିବା ମାତ୍ରେ । ଡାକ୍ତରବାବୁ ତାଙ୍କୁ ସାନ୍ତ୍ୱନା ଦେଲେ କେତେଟି ମଧୁର କଥାରେ । ତାକୁ ସେ କିଛି ଦୂର ଆଗକୁ ଧରିନେଲେ ମନୋରମାର ଅତୀତ ବିଷୟରେ ପଚାରିବାକୁ । ସେ କିଏ ?···ତାର ସେ କଣ ହେବ ?···କାହାର ସ୍ତ୍ରୀ ସେ ? କେଉଁଠି ରହେ ?···ଅମିୟକୁ ଦେଖି ବିଚଳିତ ହୋଇଉଠିଲା କାହିଁକି ? ଅମିୟ ଏବଂ ତାର ସମ୍ବନ୍ଧ କଣ ?

ସେ ସମସ୍ତ ପ୍ରଶ୍ନର ଉତ୍ତର ସଠିକ ଭାବରେ ଦେଲା । କୌଣସି କଥା ଗୁପ୍ତ ରଖିଲା ନାହିଁ । ସେ ଜାଣେ ଏପରି ସମୟରେ ଡାକ୍ତରଙ୍କ ନିକଟରେ କୌଣସି କଥା ଗୁପ୍ତ ରଖିବା ମାନେ ଜାଣିଶୁଣି ବିପଦକୁ ବରଣ କରିବା । ତେଣୁ ସେ ଯେତିକି ଏବଂ ଯାହା ଜାଣିଥିଲା, ସେ ସବୁ ଖୋଲିକରି କହିଦେଲା ଡାକ୍ତରଙ୍କୁ ।

ଡାକ୍ତର ସବୁ ଶୁଣିଲେ ଏବଂ କିଛି ସମୟ କଣ ଭାବିବାକୁ ଲାଗିଲେ ।

'ଆପଣ ତ ଜାଣନ୍ତି, ସେ ଗର୍ଭବତୀ ?' ଡାକ୍ତର ପଚାରିଲେ ହଠାତ୍ ।

'ଆଜ୍ଞା ।' ମୁହଁ ତଳକୁ କରି ସେ ସମ୍ମତି ଜଣାଇଲା ।

'ଦେଖନ୍ତୁ, ବର୍ତ୍ତମାନ ପ୍ରସବର ସମୟ ଉପସ୍ଥିତ ହେଲାଣି । କିନ୍ତୁ ମୋର ସନ୍ଦେହ ହେଉଛି ଶିଶୁଟି ଜୀବିତ କି ମୃତ ।' ଡାକ୍ତର ଦୁଃଖିତ ହୋଇ କହିଲେ ।

'ଡାକ୍ତର ବାବୁ !!' ବିସ୍ମୟରେ ସେ ହତବାକ୍ ହୋଇଗଲା ।

'ହଁ...ଆପଣଙ୍କୁ ଏହା ଦୁଃଖର ସହିତ ମୋତେ କହିବାକୁ ପଡୁଛି । ଆପଣ ବଡ଼ ଭୁଲ କଲେ ତାଙ୍କୁ ଏଠାକୁ ଆଣି । ଏମିତି ଅବସ୍ଥାରେ ତାଙ୍କୁ ଏଠାକୁ ଆଣି ଅମିୟବାବୁଙ୍କୁ ଦେଖାଇବା ଉଚିତ ନ ଥିଲା । ହଉ, ଛାଡ଼ନ୍ତୁ, ବର୍ତ୍ତମାନ ଆଉ ଭାବିଲେ କଣ ହେବ ? ଦେଖାଯାଉ କଣ ହେଉଛି ।' ...ଡାକ୍ତର କହିଦେଇ ରୋଗୀକୁ ଦେଖିବାକୁ ଆସିଲେ ।

ଶିବପ୍ରସାଦ ଡମା ନିକଟକୁ ଆସିଲା । ଡମା ଆତୁର ହୋଇ ତାକୁ ଖାଲି ଚାହିଁ ରହିଥିଲା । ଦୁହେଁ ନୀରବ... । କିଛି ସମୟ ପରେ ନର୍ସ ଆସି ଜଣାଇଦେଲା, ମନୋରମା ଏକ ମୃତ ସନ୍ତାନ ଜନ୍ମ କରିଛି । ଏପର୍ଯ୍ୟନ୍ତ ତାର ହୋସ ଆସିନାହିଁ ।

ଏହା ଶୁଣିବାକ୍ଷଣି ଶିବପ୍ରସାଦ ମୁଣ୍ଡରେ ଯେମିତି ଏ ଚଡ଼କ ପଡ଼ିଗଲା । ଯେପରି ଦୁଃଖରେ ଅଭିଭୂତ ହୋଇ ସେ ଦୁଇ ହାତରେ ମୁହଁ ଘୋଡ଼ାଇ ଦେଲା । ଏହା ପରେ ଯେ କଣ ହେବ, ସେ ଭାବିପାରିଲା ନାହିଁ । ମନୋରମା ଯେତେବେଳେ ଜାଣିବ ଯେ ସେ ଏକ ମୃତ ଶିଶୁ ଜନ୍ମ କରିଛି, ସେତେବେଳେ କଣ ହେବ ତାର ପ୍ରତିକ୍ରିୟା ? ସେ ଅଥୟ ହୋଇପିବ...

ପାଗଳ ହୋଇଯିବ !! ଉମା ତାକୁ ସାନ୍ତ୍ୱନା ଦେଇ ଯଦ୍ୟପି ସେ ନିଜେ ଦୁଃଖରେ ଭାଙ୍ଗି ପଡ଼ିଥିଲା । ଏଇ କୋମଳ ସାନ୍ତ୍ୱନାରେ ମନ ତା'ର ମାନିଲା ନାହିଁ ।

ଡାକ୍ତର ତା ନିକଟକୁ ଆସିଲେ ।

ସେ କରୁଣ ଦୃଷ୍ଟିରେ ଥରେ ଡାକ୍ତରଙ୍କ ମୁହଁକୁ ଦେଖିଲା । ସେ ବଡ଼ ବିକଳ ହୋଇ କହିଲା—'ଡାକ୍ତରବାବୁ, ମୋର ଗୋଟିଏ ଅନୁରୋଧ । ଆପଣ ଏକଥା ମନୋରମାକୁ ଜଣାନ୍ତୁ ନାହିଁ । ସେ ଜାଣୁ ଯେ ତା'ର ପୁଅଟି ବଞ୍ଚିଛି ।'

'କିନ୍ତୁ ଏହା କିପରି ହୋଇପାରିବ ? ବର୍ତ୍ତମାନ ନ ହେଲେ ବି ପରେ ତ ସେ ଜାଣିବେ ।' ଡାକ୍ତର ବ୍ୟସ୍ତ ହୋଇ ସାଙ୍ଗେ ସାଙ୍ଗେ କହିଲେ ।

'ଏହା ପରର କଥା, ପରେ ଦେଖାଯିବ । ବର୍ତ୍ତମାନ ପାଇଁ ଏ କଥା ମନୋରମା ନିକଟରେ ଗୁପ୍ତ ରହୁ । ଅମିୟବାବୁଙ୍କର ବର୍ତ୍ତମାନ ଅବସ୍ଥା ଦେଖି ତା ମନରେ ଦାରୁଣ ଆଘାତ ହୋଇଛି । ଏହା ସାଙ୍ଗେ ସେ ଯଦି ଜାଣେ, ସେ ଗୋଟିଏ ମୃତ ସନ୍ତାନ ଜନ୍ମ କରିଛି, ତେବେ ସେ ପାଗଳ ହୋଇଯିବ ଡାକ୍ତରବାବୁ ! ଗୋଟିଏ ନିଃଶ୍ୱାସରେ ତାର ଉଦ୍‌ବେଗ ପ୍ରକାଶ କରିଦେଲା ସେ ।

'ଅଚ୍ଛା, ଆପଣଙ୍କ କଥାହିଁ ହେଉ ।' କହି ଡାକ୍ତର ସେଠାରୁ ଯିବାକୁ ଉଦ୍ୟତ ହେଲେ ।

'ଶୁଣନ୍ତୁ, ଡାକ୍ତରବାବୁ, ଅମିୟବାବୁଙ୍କର କେତେବେଳେ ହୋସ୍ ଆସିବ ? ସେ ବର୍ତ୍ତମାନ କିପରି ଅଛନ୍ତି ?'...ବ୍ୟସ୍ତ ହୋଇ ପଚାରିଲା ଶିବପ୍ରସାଦ ।

'ତାଙ୍କର ହୋସ୍ ଆସିବାକୁ ଅଧିକ ଚବିଶ ଘଣ୍ଟା ଲାଗିବ । ସେ ଭଲ ଅଛନ୍ତି—ଆଉ ଭୟର କୌଣସି ଲକ୍ଷଣ ନାହିଁ ।' ଡାକ୍ତର ଅଟକାଇ ଉତ୍ତର ଦେଲେ ।

'ତା ଛୁଆର କଣ ହେଲା ?' ଉମା ପଚାରିଲା ।

'ସେ ମରିଯାଇଛି ।'

'ମରିଯାଇଛି !!' ଶିବପ୍ରସାଦ ଏବଂ ଉମା ଦୁହେଁ ଏକା ସଙ୍ଗେ ଚିତ୍କାର କରି ଉଠିଲେ।

'ହଁ, ଭଗବାନ୍ କିନ୍ତୁ ନିର୍ଦ୍ଦୟ ହୋଇ ନାହାନ୍ତି । ଅମିୟବାବୁ ବଞ୍ଚିଗଲେ ଏପରି ଏକ ସିରିଅସ୍ ଏକ୍ସିଡେଣ୍ଟରୁ । ଏହା ଆମମାନଙ୍କର ସୌଭାଗ୍ୟ ।'··· ଡାକ୍ତର ଏତକ କହିଦେଇ ସେଠାରୁ ଅନ୍ୟକାମରେ ଚାଲିଗଲେ ।

ରହିଲେ କେବଳ ଉମା ଏବଂ ଶିବପ୍ରସାଦ ।

ମନୋରମାଙ୍କୁ ଦେଖିବାକୁ ଶିବପ୍ରସାଦ ଯେତେ ବ୍ୟଗ୍ର ହୋଇ ପଡ଼ିଥିଲା, ତା ଠାରୁ ଦୁଇଗୁଣ ବ୍ୟଗ୍ରତା ଦେଖାଯାଉଥିଲା ଉମା ଠାରେ··· ।

ତିନି ମିନିଟ ପରେ···

ନର୍ସ ଆସି ଜଣାଇଲା ଯେ ମନୋରମାର ହୋସ ଆସିଛି । ସେମାନେ ତାକୁ ଦେଖିବାକୁ ଯାଇପାରନ୍ତି ।···ଦୁହେଁ ତାକୁ ଦେଖିବାକୁ ଗଲେ ।

ମନୋରମାର ଚେତନା ଫେରିଆସିଲା । ସେ ଆଖି ଖୋଲି ଚାହିଁଲା । ଶରୀର ଅବଶ ହୋଇଯାଇଥିଲା । ସେ ନିଜ ଶରୀରରେ ଏକ ବିରାଟ ପରିବର୍ତ୍ତନ ଉପଲବ୍ଧି କରୁଥିଲା । ଶିବପ୍ରସାଦକୁ ଦେଖି କଣ କହିବାକୁ ଚେଷ୍ଟା କଲା । କିନ୍ତୁ କିଛି କହିପାରିଲା ନାହିଁ । ଆକୁଳ ହୋଇ ଖାଲି ଚାହିଁରହିଲା, ଶିବପ୍ରସାଦ ତା ପାଖକୁ ଗଲା । ତା'ର ମଥା ଉପରେ ହାତ ରଖି ସ୍ନେହ ସ୍ନିଗ୍ଧ ଗଳାରେ ପଚାରିଲା—'ବର୍ତ୍ତମାନ କେମିତି ଲାଗୁଛି ମନୁ ?'

'ଭ୍—ଇ···।'···ମନୋରମା ଅଧିକ କିଛି କହି ପାରିଲା ନାହିଁ । ସେ ତାର ପାପୁଲିକୁ ଧରି ପୁଣି କଣ କହିବାକୁ ଚେଷ୍ଟା କଲା ।

'କଣ ମନୁ ?' ସେ ନମ୍ର ଗଳାରେ ପଚାରିଲା ପୁଣି ।

'ଭାଇ, ସେ କାହାନ୍ତି ?' କଷ୍ଟକୁ ଦବାଇ ଶକ୍ତି ସଞ୍ଚାର କରି ମନୋରମା ଧୀରେ ପଚାରିଲା ।'

'ଏଇ ପାଖ ରୁମରେ ଅଛନ୍ତି ମନୁ । ସେ ଭଲ ଅଛନ୍ତି । ତୁ ବ୍ୟସ୍ତ ହ'ନା ।' ସେ କହିଲା ସ୍ନେହରେ ।

'ସେ ଭଲ ଅଛନ୍ତି ଭାଇ !!···ମୁଁ ଯିବି ତାଙ୍କ ପାଖକୁ ? ଚାଲ ଭାଇ, ମୋତେ··· ନେଇ ଚାଲ ।'···ମନୋରମା ଅନୁନୟ କଲା ଉତ୍କଣ୍ଠିତ

ଗଲରେ । ତାର ହୃଦୟ ଏବଂ ମନରେ ସେତେବେଳେ ନାଚୁଥିଲା କେବଳ ଅମୟର ଛବି ।

‘କିନ୍ତୁ ମନ୍ତୁ, ଡାକ୍ତର ମନା କରିଛନ୍ତି ତାଙ୍କ ପାଖକୁ ଯିବାକୁ । ପରେ ଯାଇ ଦେଖିବୁ । ତୁ ମଧ୍ୟ ବର୍ତ୍ତମାନ ଦୁର୍ବଳ ହୋଇ ପଡ଼ିଛୁ ।’ ସେ ମନୋରମାର ଉତ୍କଣ୍ଠାକୁ ଦବାଇବା ପାଇଁ ବ୍ୟର୍ଥ ଚେଷ୍ଟା କଲା ।

‘ନାହିଁ ଭାଇ, ମୁଁ ଭଲ ଅଛି । ମୋତେ ନେଇ ଚାଲ...ମୁଁ ତାଙ୍କୁ ଦେଖିବି ।’...ମନୋରମା ଉଠିବାକୁ ଚେଷ୍ଟା କଲା । କିନ୍ତୁ ଉଠି ପାରିଲା ନାହିଁ ହଠାତ୍ । ପୂର୍ବ ଅପେକ୍ଷା ତାର ଶରୀର ତାକୁ ହାଲୁକା ଜଣାଗଲା । ପରମୁହୂର୍ତ୍ତରେ କଣ ଭାବି ‘ଭା...ଇ’ ବୋଲି ଚିତ୍କାର କରି ଉଠିଲା ସେ ।

‘କଣ ହେଲା ମନ୍ତୁ ?’ ବ୍ୟସ୍ତ ହୋଇ ପଚାରିଲା ଶିବପ୍ରସାଦ ଯଦିଓ ସେ ଭଲରୂପେ ଅନୁମାନ କରିପାରିଥିଲା ମନୋରମାର ଚିତ୍କାର କରିବାର କାରଣ ।

‘ମୋର...ମୋର... ଛୁଆ କାହିଁ ଭାଇ ?’ ମନୋରମା ଦୃଢ଼ ଗଳାରେ ପଚାରିଲା ତାକୁ ଦେଖି । ସେ ଉଦ୍‌ବେଗ୍ନ ହୋଇ ଉଠିଲା ତାର ସନ୍ତାନକୁ ଦେଖିବାକୁ । ଆଖିରୁ କେଇଟୋପା ଲୁହ ବୋହିଗଲା । ଶିବପ୍ରସାଦ ନିର୍ବାକ ଏବଂ ସ୍ତବ୍ଧ ହୋଇଗଲା କିଛି ସମୟ ଧରି । ସେ କଣ କହି ମନୋରମାକୁ ସାନ୍ତ୍ୱନା ଦେବ, କିଛି ଠିକ୍ କରି ପାରିଲା ନାହିଁ । ଶିବପ୍ରସାଦ ଏବଂ ମନୋରମା ପରସ୍ପରକୁ ଚାହିଁଲେ । ମନୋରମା ଅସ୍ଥିର ହୋଇ ସନ୍ଦେହ ମନରେ ଚାହିଁଲା ଥରେ ଶିବପ୍ରସାଦ ଏବଂ ଥରେ ଉମାକୁ । ଶିବପ୍ରସାଦ ମୁହଁ ତଳକୁ କରିଦେଲା । ଉମାର ଆଖି ଓଦା ହୋଇଆସିଲା । ସେ ମୁହଁ ବୁଲାଇ ଆଣିଲା ତାର ଛଳ ଛଳ ହୋଇ ଆସୁଥିବା ଆଖିକୁ ଘୋଡ଼ାଇବା ପାଇଁ । ‘ଉମା, ତୁମେ ମଧ୍ୟ କହୁନ ? କହ ଭଉଣୀ, ସେ କାହିଁ, ତାକୁ କେଉଁଠି ରଖିଛ ? ତାକୁ ମୋ ପାଖକୁ ନେଇ ଆସ । ମା’ ହୋଇ କଣ ତାକୁ ଦେଖିବାକୁ ମୋର ଅଧିକାର ନାହିଁ ।’ କହିଲାବେଳେ ମନୋରମାର ସ୍ୱରରେ ଫୁଟି ଉଠୁଥିଲା ମାତୃତ୍ୱର ମମତା ।

'ମନୁ ଅପା··· !' ଉମା କହି ତୁନି ରହିଲା । ତା ଗଳା ପାଖରେ କଥା ଅଟକିଗଲା । ମନୋରମା ବୁଝିଲା ଉମା କଣ କହିବାକୁ ଯାଉଥିଲା । 'ଭି···ନି' ଶୈବପ୍ରସାଦ ହାତକୁ ଧରି ପିଲାଙ୍କ ପରି ସେ କାନ୍ଦି ଉଠିଲା । 'ମୁଁ ହତଭାଗିନୀ ତାକୁ ଜନ୍ମ କରି ମଧ୍ୟ ଦେଖି ପାରିଲିନାହିଁ ଭାଇ !' ଶୈବପ୍ରସାଦ ଡାକ୍ତରଙ୍କୁ କଥାଟି ଗୁପ୍ତ ରଖିବାପାଇଁ ଅନୁରୋଧ କରିଥିଲେ । କିନ୍ତୁ ସେ ନିଜେ ତାହା ରଖି ପାରିଲେ ନାହିଁ ମନ ଭିତରେ । ଦୁର୍ବଳ ମନ ତାର ସବୁ ପ୍ରକାଶ କରିଦେଲା ତା ଅନିଚ୍ଛା ସତ୍ତ୍ୱେ । 'ଆଉ ମନ କଷ୍ଟ କରନା ମନୁ । ଯାହା ହେବାକଥିଲା ହୋଇଗଲା । ଆଉ ଦୁଃଖ କଲେ କଣ ହେବ କହତ ? ତୋର ଶରୀର ବର୍ତ୍ତମାନ ଅସୁସ୍ଥ ଅଛି । ମନ କଷ୍ଟ କଲେ ଆହୁରି ଖରାପ ହେବ ।' କୋହକୁ ଚାପିରଖି ଶୈବପ୍ରସାଦ ସାନ୍ତ୍ୱନା ଦେଲେ ମନୋରମାକୁ ।

'ହଁ ମନୁଅପା, ତୁମେ ଆଉ କିଛି ଭାବ ନାହିଁ । ତୁମେ ଏପରି ମନ କଷ୍ଟ କରି ଅସୁସ୍ଥ ହୋଇପଡ଼ୁଛ ବୋଲି ଜାଣିଲେ ଅମିୟଭାଇଙ୍କର ଆହୁରି ଖରାପ ହେବ । ତୁମେ ଆଉ ଦୁଃଖ କରନା ଅପା ।'···ଉମା ମଧ୍ୟ ତାକୁ ବୋଧ କରିବାକୁ ଚେଷ୍ଟାକଲା ।

କିନ୍ତୁ ମନୋରମା କୌଣସି ସାନ୍ତ୍ୱନାରେ ଶାନ୍ତ ହୋଇ ପାରିଲାନାହିଁ । ସେ ଆଶା କରିଥିଲା ଅନେକ କିଛି—ସେ ମା ହେବ—ଏଥିନେଇ ସେ ଗର୍ବ କରିଥିଲା । ସେ ଅମିୟର ରକ୍ତରେ ଗଢିଉଠିଥିବା ସନ୍ତାନର ମା ହୋଇବ, ଏଥିରେ ସେ ଆନନ୍ଦ ଉପଭୋଗ କରିଥିଲା । କେବଳ ଏଇ ସନ୍ତାନର ଆକାଂକ୍ଷା ଯୋଗୁଁ ଦୁନିଆଁ ଆଖିରେ ଆଜି ସେ ପତିତା । ସମାଜ ଦୃଷ୍ଟିରେ ସେ କଳଙ୍କିନୀ । ସବୁ ପ୍ରକାର ନିର୍ଯ୍ୟାତନାକୁ ହସି ହସି ସେ ସହ୍ୟ କରି ଆସିଥିଲା ସନ୍ତାନର ମୁହଁ ଦେଖିବା ଲୋଭରେ । ଶେଷରେ ମୃତ ଶିଶୁର ମୁହଁକୁ ମଧ୍ୟ ଦେଖି ପାରିଲା ନାହିଁ ! ଏଇଥିପାଇଁ ସେ ଏତେ ଦୁଃଖ କଷ୍ଟକୁ ଠେଲି ଆସିଥିଲା ? ତାର ଅହଂକାର ଭାଙ୍ଗିଛି । ତାର ଗର୍ବ ମାଟିରେ ମିଶି ଯାଇଛି । ଏଥିରେ କେଉଁ ଅବିବାହିତ ମା'ର ମନ ଶାନ୍ତ ହେବ ? କିପରି ସେ କୋହକୁ ଚପାଇ ରଖିବ ?

ଆଜି ସେ ପୁଣି ପୂର୍ବର ମନୋରମା ହୋଇଛି । ସେ ମା' ହୋଇ ବି କୁମାରୀ !…କିନ୍ତୁ ଦୁନିଆଁ ଏହା କିପରି ମାନିବ ? ଅତଏବ ଯିଏ ପାପ କରିଛି, ସେ ସବୁଦିନ ପାଇଁ ପାପୀ । ଅତଏବ ଯେ ଦୋଷ କରିଛି, ସେ ସବୁଦିନ ପାଇଁ ଦୋଷୀ । ସେ ପାପର ପ୍ରାୟଶ୍ଚିତ୍ତ ନାହିଁ……ସେ ଦୋଷର କ୍ଷମା ନାହିଁ ।

ଆଜି ବି ସେ ପତିତା !

ଜନନୀ ଭାବନାରେ ବୁଡ଼ିରହିଥିଲେ । ନୀରବତା ରଡ଼ି ପାଉଥିଲା ବଖରାଟାରେ ।

ଡାକ୍ତର ଯେପରି କହିଥିଲେ ସେହି ଅନୁଯାୟୀ ଅପରେଶନ୍ ହେବାର ଠିକ୍ ଚବିଶ ଘଣ୍ଟା ପରେ ଅମିୟ ଚେତନା ଫେରି ପାଇବା ପରି ଦେଖାଗଲା ।

ଡାକ୍ତର ଆସିଲେ । ଥରେ ଅମିୟକୁ ପରୀକ୍ଷା କଲେ । ତାପରେ ସେ ଅମିୟ ସହିତ ସାମାନ୍ୟ ଆଳାପ କରିବାକୁ ଅନୁମତି ଦେଲେ । କିନ୍ତୁ ଆଳାପରେ ଯେପରି ତା ମନରେ କୌଣସି ଆଘାତ ନ ପହଞ୍ଚେ, ସେଥିପାଇଁ ସତର୍କ ରହିବାକୁ କହିଗଲେ ।

ଅମିୟ ଆଖି ଖୋଲିଲା ।

ସମସ୍ତେ ଉଦ୍‌ବିଗ୍ନ ହୋଇ ତାକୁ ଚାହିଁ ରହିଥିଲେ । ଡାକ୍ତର ତା ପାଟି ଉପରୁ ବ୍ୟାଣ୍ଡେଜଟି ଅଳ୍ପ ଘୁଞ୍ଚାଇ ଆଣିଲେ ଯେପରି ସେ କିଛି କହିବାକୁ ସୁବିଧା ପାଇବ ।

ଅମିୟ ଥରେ ଦେଖିନେଲା ଚାରିଆଡ଼କୁ । କଣ କହିବାକୁ ଚେଷ୍ଟା କଲା ସେ, କିନ୍ତୁ କିଛି କହି ପାରିଲା ନାହିଁ । ଦେହସାରା ପୀଡ଼ା ଅନୁଭବ କରୁଥିଲା । 'ଉଃ' କହି ଚୁପ ରହି ଦେଖିଲା ତାର ସ୍ନେହମୟୀ ମା'ଙ୍କୁ । ପରମୁହୂର୍ତ୍ତରେ ତା ପାଟିରୁ ହଠାତ୍ ବାହାରିଗଲା ମା ।

ଅମିୟର ମା' ଖୁସିରେ ଅଧୀର ହୋଇଗଲେ । ପୁଅ ପାଖକୁ ଯାଇ ସ୍ନେହରେ ତାର ମଥା ଆଉଁସି ଦେଲେ । ତାଙ୍କ ଆଖିରୁ ଆନନ୍ଦର ଦୁଇବୁନ୍ଦା

ଲୁହ ଗଡ଼ି ତଳେ ପଡ଼ିଗଲା । ଉମା, ଶିବପ୍ରସାଦ, ରାୟବାହାଦୁର, ତାଙ୍କର ସ୍ତ୍ରୀ ଏବଂ କ୍ୟାପ୍‌ଟେନ୍ ମହେଶ ଅମିୟ ପାଖରେ ବସିଥିଲେ । ଅମିୟ ସମସ୍ତଙ୍କୁ ଦେଖିଲା । ସେ ଆଜ କାହାର ଅନୁପସ୍ଥିତିକୁ ଲକ୍ଷ୍ୟ କରି ତାର ମା'ଙ୍କୁ ଚାହିଁଲା । ପରେ ଶିବପ୍ରସାଦକୁ ଦେଖିଲା । 'ମନୋରମା କାହିଁ ମା ?'... ପଚାରିଲା ସେ ।

ମନୋରମା ! ଶିବପ୍ରସାଦ ଏବଂ ଉମାକୁ ଛାଡ଼ି ସମସ୍ତେ ପରସ୍ପରକୁ ଚାହିଁଲେ ନୂଆ ନାଁଟି ଶୁଣି । ଅମିୟର ମା' ଆଶ୍ଚର୍ଯ୍ୟ ହୋଇ ପୁଅକୁ ଦେଖିଲେ । ସେ କିଛି ବୁଝି ପାରିଲେ ନାହିଁ ଅମିୟ କଣ କହୁଛି । 'ଶିବପ୍ରସାଦ ବାବୁ !'...ଅମିୟ ଡାକିଲା ।

ସେ ତାର ଅତି ନିକଟରେ ଆସି ଠିଆହେଲା । ସେ କଣ କହି ଅମିୟକୁ ଶାନ୍ତ କରିବ, ସେଇକଥା ଭାବି ଠିକ୍ କରୁଥିଲା ।

'ମନୁ ଆସିନାହିଁ ?'...ଅମିୟ ପଚାରିଲା ଧୀରେ ।

'ସେ ଆସିବ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ' । ଶିବପ୍ରସାଦ କହିଲା ମୁହଁ ତଳକୁ କରି ।

'କେତେବେଳେ ଆଉ ଆସିବ ?...ତାକୁ ଆଣନ୍ତୁ ଶିବପ୍ରସାଦବାବୁ । ଥରେ ମୁଁ ତାକୁ ଦେଖିନିଏ...ଉଃ...ସେ କଣ ଆସିବନି ?...ମୋ ଉପରେ ରାଗିଛି ?...ଅଃ...ଅଭିମାନ କରିଛି ନା ?...ହଁ, ମୁଁ ଭୁଲ କରିଛି...ମୋତେ କଣ ସେ କ୍ଷମା କରିବନି...ଉମା !...ଦେଖିଲୁ ମୁଁ ତୋତେ କହୁଥିଲି ସେ ଦିନ...ମନୁ ରାଗିଛି...ଅଭିମାନ କରିଛି ...ପାଗଳଟା...ମୁଁ ବିଶ୍ୱାସଘାତକତା କରିନି...ତାର ମଙ୍ଗଳ ପାଇଁ...ତୁମର ସମାଜ...ମୋତେ ତା'ଠୁ ଦୂରକୁ ଠେଲି ଦେଉଛି...ମନୁ, ଆସ...ମୋତେ ଦେଖ...ମୋତେ ଭୁଲ ବୁଝନି...ଆଃ ମା...ମୋତେ...ମୋତେ ଅନ୍ଧାର ଦେଖା ଯାଉଛି...ମୁଁ-...ମରି ଯାଉଛି...ଉଃ...ଉଃ...ପାଣି !' ଅମିୟ ପାଗଳଙ୍କ ପରି ପ୍ରଳାପ କରି ବେହୋସ ହୋଇଗଲା ପୁଣି ।

ସମସ୍ତେ ବ୍ୟସ୍ତ ହୋଇ ଉଠିଲେ । ଡାକ୍ତର ପରୀକ୍ଷା କରି ହତାଶ ହୋଇ ମୁହଁ ତଳକୁ କରିଦେଲେ । ସମସ୍ତଙ୍କର ଉତ୍କଣ୍ଠା ବଢ଼ୁଥିଲା । ସମସ୍ତ

ଡାକ୍ତରଙ୍କ ମୁହଁକୁ ଦେଖିଲେ ଉଦ୍‌ବିଗ୍ନହୋଇ । ଡାକ୍ତର ଇଞ୍ଜେକସନ୍ ପରେ ଇଞ୍ଜେକ୍‌ସନ୍ ଦେଲେ । ରକ୍ତ ମଧ୍ୟ ଦିଆଗଲା । କିନ୍ତୁ ସମସ୍ତ ଚେଷ୍ଟା ନିଷ୍ଫଳ ହେଲା । ଅମିୟର ହୋସ ଆସିଲା ନାହିଁ । ସେ ପୂର୍ବପରି ବେହୋସ ହୋଇ ପଡ଼ିରହିଥିଲା । ସମସ୍ତଙ୍କ ଆଖିରେ ଲୁହ ଟଳ ଟଳ ହେଲା ଏକ ଅଜଣା ଆଶଙ୍କାରେ ।

କିଛି ସମୟ ପରେ ଡାକ୍ତରଙ୍କ ମୁହଁରେ ଆଶା ସଞ୍ଚାର ହେବାର ସଙ୍କେତ ଫୁଟି ଉଠିଲା । ସେ ସମସ୍ତଙ୍କୁ ଆଶ୍ୱାସନା ଦେଲେ ଭୟର ଆଉ କୌଣସି କାରଣ ନାହିଁ । ତେବେ ବି କାହାରି ମନରୁ ଆଶଙ୍କା ଦୂରୀଭୂତ ହୋଇ ନଥିଲା ।

ହତଭାଗିନୀ ମନୋରମା ସେଠାରେ ନଥିଲା । ସେ ଅମିୟ ପାଖକୁ ଆସିବାକୁ ଅନୁମତି ପାଇ ନଥିଲା । ଖୁବ୍ ଦୁର୍ବଳ ହୋଇ ପଡ଼ିଥିଲା ସେ । ଅମିୟ ସଙ୍ଗରେ ଦେଖାକରି ଆନନ୍ଦରେ ଦୁଇପଦ କିଛି କହିବ ବୋଲି ଉଦ୍‌ବେଗରେ ସେ ଚାହିଁ ରହିଥିଲା ସମୟକୁ । ମନଦୁଃଖରେ ସେ କାନ୍ଦି ଭାଙ୍ଗି ପଡ଼ୁଥିଲା ଶଯ୍ୟା ଉପରେ ।

ସେତେବେଳେ ରାତି ଗୋଟାଏ ହେବ ।

ସମସ୍ତେ ନିଘୋଡ଼ ନିଦରେ ଶୋଇଛନ୍ତି । ମେଡ଼ିକାଲ ହସ୍‌ପିଟାଲ ଗୋଟିଏ କ୍ଷୁଦ୍ର ଶ୍ମଶାନ ପରି ଦେଖା ଯାଉଥିଲା । ଜଣେ ଦୁଇଜଣ ନର୍ସକୁ ଛାଡ଼ିଦେଲେ ଅନ୍ୟମାନେ ବାହ୍ୟଜଗତକୁ ଭୁଲି ନିଦ୍ରା ଜଗତରେ ଘୂରି ବୁଲୁଥିଲେ ।

ଅଚେତ ସମସ୍ତେ ।

କିନ୍ତୁ ସାତ ନମ୍ବର କେବିନ୍‌ରେ ଥିବା ରୋଗୀଟିର ଆଖିକୁ ଏତେବେଳ ଯାଏଁ ନିଦ ଆସିନାହିଁ । ହୁଏତ ନିଦ୍ରାଦେବୀ ତା ପ୍ରତି ପ୍ରସନ୍ନ ହୋଇ ନାହାନ୍ତି । ସେ ଚାହିଁ ରହିଛି । କିଛି ଗୋଟିଏ କରିବାକୁ ସେ

ଭାବୁଛି । ଧୀରେ ଧୀରେ ସେ ଶଯ୍ୟା ଉପରୁ ଉଠି ବସିଲା । ଦୁର୍ବଳତା ହେତୁ କଷ୍ଟ ହେଉଥିଲା ତାକୁ । କିନ୍ତୁ କଷ୍ଟକୁ ଭ୍ରୂକ୍ଷେପ ନକରି ଉଠି ଠିଆହେଲା ସେ । କେବିନ୍‌ର ଚାରିଦିଗକୁ ସେ ଦୌଡ଼ାଇ ଆଣିଲା ତାର ଉଦ୍‌ଭ୍ରାନ୍ତ ଦୃଷ୍ଟି । ସମସ୍ତେ ଶୋଇଛନ୍ତି । ସ୍ୱସ୍ତିର ନିଶ୍ୱାସ ମାରି ସେ ଦ୍ୱାର ଆଡ଼କୁ ପଦ ବଢ଼ାଇଲା । ଦୁର୍ବଳ ଶରୀର ହେତୁ ପ୍ରଥମେ ତା'ର ପାଦ ଆଗକୁ ବଢ଼ିଲା ନାହିଁ । ତେବେ ବି ସେ ହଟିଲା ନାହିଁ । ସମସ୍ତ ଶକ୍ତି ଠୁଳ କରି ସେ ଧସି ଚାଲିଲା ଆଗକୁ ।

ଦ୍ୱାର ନିକଟରେ ଠିଆ ହୋଇ ସେ ବାହାରକୁ ଦେଖିଲା । ବାହାରେ କେହି ନଥିଲେ । ତାର ମନ ଆନନ୍ଦରେ ନାଚି ଉଠିଲା । ଆସ୍ତେ ଆସ୍ତେ ସେ ଚାଲିଲା ଆଠ ନମ୍ବର କେବିନ୍ ଆଡ଼କୁ ।

୮ ନମ୍ବର କେବିନ ନିକଟରେ ପହଞ୍ଚି ସେ ଭିତରକୁ ଦେଖିଲା । ସମସ୍ତେ ଶୋଇଛନ୍ତି । ଜଣେ ରୋଗୀର ମୁଣ୍ଡ ହାତ, ଗୋଡ଼ରେ ବ୍ୟାଣ୍ଡେଜ ବନ୍ଧା ହୋଇଛି ।

ସାତ ନମ୍ବର ରୋଗୀ କେବିନ୍ ଭିତରକୁ ଗଲା । ଶୋଇଥିବା ରୋଗୀର ରୂପକୁ ଦେଖି ସେ ସହ୍ୟ କରି ପାରିଲା ନାହିଁ । ଛାତିରୁ କୋହ ଉଠି ଆସୁଥିଲା । ଅନାୟାସରେ ତାର ଦୁଇ ଆଖି ଲୁହରେ ପୂର୍ଣ୍ଣ ହୋଇ ଆସିଲା । ପାଟିରୁ କଣ କଥା ବାହାରି ଆସିଲାବେଳେ ସେ ବହୁତ କଷ୍ଟରେ ଚେଷ୍ଟାକରି ଅଟକାଇ ରଖିଲା । କାଳେ କିଏ ଶୁଣିବ !

ବାସ୍ତବିକ ଅମିୟର ସେ ରୂପ ଦେଖି ମନୋରମା କାନ୍ଦି ଉଠିଲା ଅସହ୍ୟ ଯନ୍ତ୍ରଣାରେ । ଅମିୟର ପାଦ ଉପରେ ମୁଣ୍ଡ ରଖି କେତେବେଳ ଯାଏଁ କାନ୍ଦିଲା ସେ । ତାରି ଯୋଗୁଁ ଅମିୟର ଆଜି ଏ ଅବସ୍ଥା !

ଲୁହରେ ଅମିୟର ପାଦ ଦୁଇଟି କେତେବେଳେ ଓଦା ହୋଇସାରିଛି ତାହା ମନୋରମା ଜାଣିପାରିନାହିଁ । ଆଜି ସେ ବାସ୍ତବରେ ସୁଖୀ । ତାର ପ୍ରିୟ ଅମିୟକୁ ସେ ଶେଷରେ ପାଇଛି । ସ୍ୱାମୀର ପାଦ ତଳେ ମୁଣ୍ଡ ରଖି ତାର ସମସ୍ତ ସ୍ନେହ, ପ୍ରେମ, ଭକ୍ତି ଅଜାଡ଼ି ଦେବାକୁ ସେ ଆଜି ପ୍ରସ୍ତୁତ ହୋଇ ଆସିଛି ଯେମିତି !

ଏଥିରେ ହିଁ ତ ଆନନ୍ଦ ମିଳେ—ସୁଖ ମିଳେ । ଏହାର ମିଳନରେ ମଣିଷ ତାର ଅତୀତ ଦୁଃଖକୁ ଭୁଲିଯାଏ । ପରସ୍ପରର ସ୍ନେହରେ ହିଁ ତ ଏଇ ନର ସମାଜର ସୃଷ୍ଟି । ଏଇ ଆନନ୍ଦରେ ମଣିଷ ଭୁଲିଯାଏ ତାର ଦୁଃଖ, କଷ୍ଟ, ଦାରିଦ୍ର୍ୟ ଓ ଅନାଟନ !

ସ୍ତ୍ରୀର ଏହି ସ୍ନେହ ଭକ୍ତି ପାଇଁ ପୁରୁଷ ପୃଥିବୀରେ ଶ୍ରେଷ୍ଠ ଏବଂ ବଳବାନ ହୋଇପାରିଛି । ଏଇୟା ହିଁ ତ ସଂସାର !! ଦୁହିଁଙ୍କ ମିଳନରେ ହିଁ ତ ସଂସାରର ଜନ୍ମ !!

ମନୋରମା ଅମିୟର ଛାତି ଉପରେ ମଥା ରଖି ସ୍ୱପ୍ନଲୋକରେ ବୁଲୁଥିଲା । ପରେ ତାର ପାଦ ଦୁଇଟିକୁ ଧରି ମୁଣ୍ଡରେ ଲଗାଇଲା । ସଂସାରର ସମସ୍ତ ସୁଖ ଓ ଆନନ୍ଦ ସେ ପାଇଛି । ତାର ବେଦନା ନାହିଁ—ଭାବନା ମଧ୍ୟ ନାହିଁ । ସେ ବାହ୍ୟ ଜଗତକୁ ଭୁଲି ତାର ମନର ଦେବତା, ହୃଦୟର ଆରାଧ୍ୟ ପ୍ରତିମା, ସ୍ୱାମୀ ନିକଟରେ ବାନ୍ଧିବାର ତୃପ୍ତି ଅନୁଭବ କରୁଥିଲା ।

ଦୁର୍ବଳତା ତାର ଶରୀରକୁ ଘାଣ୍ଟି ପକାଉଥିଲା । କିନ୍ତୁ ସେଥିପ୍ରତି ତାର ଦୃଷ୍ଟି ନଥିଲା । ଏଇ ପୀଡାରେ ତାର ଦୁଃଖ ହେଉ ନ ଥିଲା । ଏ ପୀଡାରେ ଅନୁଭୂତ ହୁଏ ଗୋଟିଏ ମାଦକତା ଗୋଟିଏ ସରଳ ଲାଲସା, ଗୋଟିଏ ହାର୍ଦ୍ଦିକ କମ୍ପନ, ଆଉ ଗୋଟିଏ ସୁଖକାରୀ ଅଭିଳାଷ । ସେଥିରେ ମନୋରମା ମଜ୍ଜି ଯାଇଥିଲା । ଆଉ ଅଧିକ କଣ ସେ ଚାହିଁବ ? କିଛି ସମୟ ବିତିଗଲା ।

ଟନ୍ ଟନ୍ କରି ସେତେବେଳେ ହସ୍ପିଟାଲ ଘଣ୍ଟାରେ ଦୁଇ ବାଜିଲା, ମନୋରମା ସଚେତ ହେଲା । ସେ ମୁହଁ ଉଠାଇ ଦେଖିଲା ଅମିୟକୁ ।

ଅମିୟ ଶୋଇଛି !!

ସେ ଧୀରେ ଡାକିଲା ତାକୁ । ତାର ଡାକରେ ଅମିୟ ଆଖି ଖୋଲିଲା ନାହିଁ ।

'ଉଠିବନି ତୁମେ ?...ଦେଖ, ମୁଁ ଆସିଛି । ...ତୁମର ମନୋରମା ଡାକୁଛି । ...ଆଖି ଖୋଲୁ ନାହିଁ କାହିଁକି ?...ଓ, ମୋ ଉପରେ ରାଗିଛ

ମୋତେ କ୍ଷମା କର...କଣ କରିବି କୁହ...ତୁମ ପାଖକୁ ଆସିବାପାଇଁ ମୋତେ ଅନୁମତି ଦେଲେ ନାହିଁ ସେମାନେ !...ସମସ୍ତେ ନିଷ୍ଠୁର...ମୋ ଦେବତାଙ୍କୁ ପୂଜିବାକୁ ବି ମୋତେ ମନା କରୁଛନ୍ତି !!...ଦେଖନା, ସମସ୍ତେ କିପରି ହୃଦୟହୀନ ! —ଆଉ, ତମେ ! ...ମୋ ସାଙ୍ଗେ କଣ କଥା ନ ହେବାକୁ ପ୍ରତିଜ୍ଞା କରିଛ ?...ମୁଁ କଣ ଦୋଷ କରିଛି ଯେ ?...ହଉ, ଏକ ଶତରେ କିଛି ଯଦି ଭୁଲ କରିଥାଏ, ତେବେ ମୋତେ କଣ କ୍ଷମା କରିବନି ?...ମୋ ଉପରେ ଅଭିମାନ କରିବ ତମେ ?...ଶୁଣୁଛ ନା ମୋ କଥା ?...ବେଶ, ତେବେ ମୁଁ ଯାଉଛି !...

ମନୋରମା ଅଭିମାନ କରି ଉଠି ଛିଡ଼ା ହେଲା । ଅଜାଣତରେ ତାର ହାତ ପାଇ ଅମିୟର ପସ୍ୱଳ ଉପରେ ପଡ଼ିଲା । ଚମକି ଉଠିଲା ସେ ।

ତାର ପସ୍ୱଳ ହାତ ଶୀତଳ ହୋଇଯାଇଛି ।

ସେ ଅମିୟର ହାତ, ପାଦ, ମୁଣ୍ଡ ସବୁ ଛୁଇଁ ଦେଖିଲା । ସବୁ ଶୀତଳ ପଡ଼ିଯାଇଛି । ଅଜଣା ଆଶଙ୍କାରେ ସେ ଶିହରି ଉଠିଲା । ତାର ଛାତି ଉପରେ କାନ ରଖି ହୃତ୍ପିଣ୍ଡର ସ୍ପନ୍ଦନ ବାରିବାକୁ ଚେଷ୍ଟା କଲା ।

କିନ୍ତୁ ହାୟ!......

ଚିତ୍କାର କରି ଉଠିଲା ମନୋରମା ।

ତାର ଚିତ୍କାର ଶୁଣି ସମସ୍ତେ ଉଠି ପଡ଼ିଲେ । ଜଳି ଉଠିଲା ଆଲୁଅ । ନର୍ସ ଦୌଡ଼ିଆସିଲେ । ମନୋରମା କାନ୍ଦୁଛି । ଅମିୟ ଛାତି ଉପରେ ମୁହଁ ରଖି ସେ ବୁକୁ ଅଗାଧ କାନ୍ଦୁଛି । ତାର କାରଣ କିଏ ହେଲେ ବୁଝିପାରିଲେ ନାହିଁ । ଅମିୟର ମା ବାପ, ଭଉଣୀ ଓ ଅନ୍ୟମାନେ ଅବାକ ହୋଇଗଲେ ମନୋରମାକୁ ଅମିୟ ନିକଟରେ ଦେଖି ।

ନର୍ସ ଆସି ମନୋରମାକୁ ଉଠାଇ ଆଣିବାକୁ ଚେଷ୍ଟା କଲା । କିନ୍ତୁ ସେ ଅମିୟକୁ ଛାଡ଼ିବାକୁ ନାରାଜ ।

ଶିବପ୍ରସାଦ ଆସି ବାଧା ଦେଲା । ତେବେ ବି ମନୋରମା ଶାନ୍ତ ହେଲା ନାହିଁ । ଡାକ୍ତର ଆସିଲେ । ଦେଖିଲେ ଅମିୟକୁ । ସେ ଆଶ୍ଚର୍ଯ୍ୟରେ ନିର୍ବାକ୍ ହୋଇଗଲେ ଅମିୟକୁ ଦେଖି । ମୁହଁ ତାଙ୍କର ମଳିନ ଦିଶିଲା । ହତାଶ

ହୋଇ ସେ ଗୁଦରଟି ଅମିୟଙ୍କର ମୁହଁରେ ଘୋଡ଼ାଇ ଦେଲେ । ଘଣ୍ଟାଟି ବୁଝିବାକୁ ଆଉ କାହାର କଷ୍ଟ ହେଲାନାହିଁ ।

ଅମିୟ ଶୋଇଗଲେ ମହାନିଦ୍ରାରେ । ଆଉ ସିଏ ଫେରିବେ ନାହିଁ ଏ ଜନ୍ମରେ । ଏ ପାର୍ଥିବ ଦୁନିଆରେ ତାର ଖେଳ ସରି ଯାଇଛି ।

ମନୋରମା··· !! ସେ ଏକାକିନୀ । କିନ୍ତୁ ଅମିୟ ତାଙ୍କୁ ଏକା କରି ଚାଲିଗଲେ । ମନୋରମା ସ୍ୱପ୍ନରେ ରଚିଥିଲା ଏକ ନୂଆ ସଂସାର । ସ୍ୱପ୍ନ ତାର ଭାଙ୍ଗିଯାଇଛି । ଯୌବନକୁ ନେଇ ଯେଉଁ ରଙ୍ଗୀନ୍ କଳ୍ପନା କରିଥିଲା, ସେ କଳ୍ପନା ଧୂଳିରେ ମିଶିଯାଇଛି । ତାର ଯୌବନ-ପ୍ରଦୀପ ଅଦିନଆ ଝଡ଼ରେ ଲିଭିଯାଇଛି । ଆଖିର ଅଶ୍ରୁ ସରି ଯାଇଛି । ମନର କୋହ ଦବି ଯାଇଛି । ଆଜି ସେ ନିଃସ୍ୱ । ଏକାନ୍ତ ଦରିଦ୍ର ।

ସେଇ ପୁରୁଣା ଆକାଶ । ସେଇ ପୁରୁଣା ଦୁନିଆ । ସବୁ ପୁରୁଣା ଏ ସଂସାରରେ । ଯିମିତି ଯାହା ଥିଲା ସେମିତି ଅଛି । ପରିବର୍ତ୍ତନ ହୁଏ । କିନ୍ତୁ ଚକ ଘୁରିଲା ପରି ପୁଣି ସେଇ ପୂର୍ବାବସ୍ଥାକୁ ଫେରିଆସେ । ଜଗତର ସ୍ଥିତନୀତି ଇଏ । ପ୍ରେମିକର ମୃତ୍ୟୁରେ ଦୁନିଆ କାନ୍ଦେନି, ବରଂ ହସେ । ସେ ସୁଖୀ ହୁଏ ।

ଅମିୟର ନିର୍ଜୀବ ଶରୀର ଜଳି ଉଠୁଛି ଶ୍ମଶାନ ଚିତାରେ । ଅଳ୍ପ ସମୟ ପରେ ନିଶ୍ଚିହ୍ନ ହୋଇଯିବ ।

ସଂସାର ପାଶୋରିଯିବ ତାଙ୍କୁ···! ସମାଜ ଭୁଲିଯିବ ତା'ର ନାଁ ।

ଦୂର ଦିଗ୍‌ବଳୟକୁ ଚାହିଁ ରହିଛି ମନୋରମା । ଆଗରେ ସମୁଦ୍ର ଶତ ଶତ ଉଚ୍ଛୁଳା ଉର୍ମି ଅସି ମଥା ପିଟୁଛନ୍ତି କୂଳରେ । ମନୋରମା କେବଳ ଚାହିଁ ରହିଛି ଆଗକୁ ।

ଜୀବନ ମୃତ୍ୟୁର ଖେଳ । ଏବେ ଯାହା ଅଛି, ଆଉ କିଛି ସମୟ ପରେ ତାହା ନାହିଁ । ଭବିଷ୍ୟତକୁ ଭାବିବାକୁ ଆଉ ସମୟ ନ ଥାଏ । ବର୍ତ୍ତମାନର ପରିସ୍ଥିତି ଉପରେ ଦୃଷ୍ଟି ଦେବାକୁ ଆଉ ତର ନ ଥାଏ । ଅତୀତକୁ ଚାହିଁବାକୁ ଧୈର୍ଯ୍ୟ ନ ଥାଏ ।

ସେ ନିଶ୍ଚଳ, ନିସ୍ପନ୍ଦ ।

ଏ ସଂସାର ଅପାର୍ଥିବ ପ୍ରେମକୁ ଆଦର କରେ ନାହିଁ, ସେ ଚାହେଁ ବ୍ୟଭିଚାର !! ଏ ସମାଜ ଦୁଇଟି ଅକପଟ ପ୍ରେମିକର ପ୍ରେମକୁ ଶ୍ରଦ୍ଧା କରେ ନାହିଁ, ସେ ଚାହେଁ ଲମ୍ପଟତା !!

ଦୁଇଟି ପ୍ରେମିକର ବିଚ୍ଛେଦରେ ହିଁ ଦୁନିଆର ଆନନ୍ଦ ।

ଆଗରେ ବିରାଟ ସାଗର । ପଛରେ ଜନ ସମାଜର ସଂସାର । ଉପରେ ସେଇ ସବୁଦିନିଆ ଆକାଶ ଆଉ ତଳେ ବାଲିଶଯ୍ୟା । ତାରି ଉପରେ ମନୋରମା ଛିଡ଼ା ହୋଇ ତାର ଜୀବନ-ଦିଗ୍‌ବଳୟକୁ ଅପଲକ ନୟନରେ ଚାହିଁ ରହିଛି ।

Edited, Published & Printed by Bansidhar Bhuyan for
Jana-Sahitya Prakashan at LIPIKA, Cuttack-1

ଅଳ୍ପ ମୂଲ୍ୟରେ ଅଯାଧ୍ୟ ସାଧନ

ଶକ୍ତି ସୁଧା

ଗୋଡ଼ଠ.ରୁ ମୁଣ୍ଡ ପର୍ଯ୍ୟନ୍ତ ସମସ୍ତ ପ୍ରକାର ରୋଗର ଅବ୍ୟର୍ଥ ମହୌଷଧ

ମୁମୂର୍ଷୁର ଜୀବନ ଦାୟକ

ଏଥିରୁ ଗୋଟିଏ ଘରେ ଥିଲେ ସମସ୍ତ ପ୍ରକାର ରୋଗରୁ ଆଶ୍ଚର୍ଯ୍ୟରୂପେ ରକ୍ଷା ପାଇ ପାରିବେ । ଅକସ୍ମାତ କୌଣସି ରୋଗ ଜାତ ହେଲେ ତତ୍‌କ୍ଷଣାତ ଔଷଧ ପ୍ରୟୋଗ କରିବେ ଓ ସଙ୍ଗେ ସଙ୍ଗେ ଫଳ ପାଇବେ ।

ମନ୍ତ୍ର ପରି କାର୍ଯ୍ୟ

ନାମ ଯେପରି କାର୍ଯ୍ୟ ମଧ୍ୟ ସେହିପରି । ଶ୍ରମଜୀବୀ, ପଥିକ, ଗୃହସ୍ଥମାନେ ଏଥିରୁ ଗୋଟିଏ ଗୋଟିଏ ପାଖରେ ରଖିବା ଖୁବ୍ ଦରକାରୀ ।

ସେବନ ବିଧି

ଅଳ୍ପ ପାଣିରେ ୨।୪ ବିନ୍ଦୁ ପକାଇ ସେବନ କଲେ ଯେ କୌଣସି ଯନ୍ତ୍ରଣାରୁ ୫ ମିନିଟ ମଧ୍ୟରେ ଆରୋଗ୍ୟ ଲାଭ କରିବେ । ଅମୂଲ୍ୟ ଜୀବନର ନିରାପତ୍ତା ପାଇଁ ଏଥିରୁ ଗୋଟିଏ ଶିଶି ସଦାସର୍ବଦା ପାଖରେ ରଖନ୍ତୁ !

ବଡ଼ ଶିଶି ଦାମ ଟ ୪୯ ସାନ ଶିଶି ଦାମ ଟ ୨୯

ଆମର ଅନ୍ୟାନ୍ୟ ଔଷଧ ପାଇଁ ନିମ୍ନ ଠିକଣାରେ ପତ୍ରାଳାପ କରନ୍ତୁ ।

କବିରାଜ ଶ୍ରୀ ସୁଦାମଚରଣ ଦାସ ବୈଦ୍ୟଶାସ୍ତ୍ରୀ

ସିନ୍ଧୁ ସୁଧା ଔଷଧାଳୟ

ଡଗରପଡ଼ା, ପୋ: ବକ୍ସ ନଂ ୫୧୧, କଟକ-୨